# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ♦VOLUME- 43 ♦ISSUE-176 ♦MONDAY ♦22 DECEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୭୬ ♦ସୋମବାର ♦୨୨ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ବଢ଼ିଲା ରେଳ ଯାତ୍ରୀ ଭଡ଼ା



**ସାଧାରଣ ଶ୍ରେଣୀରେ ୨୧୫ କିମି ଯାଏ ହେବନାହିଁ ଲାଗୁ**

**ଡିସେମ୍ବର ୨୬ରୁ ହେବ କାର୍ଯ୍ୟକାରୀ**

**ମିଳିବ ୬୦୦ କୋଟିର ଅତିରିକ୍ତ ରାଜସ୍ୱ**

■ ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି): ଆଗକୁ ମହଙ୍ଗା ହେବ ରେଳ ଯାତ୍ରା। ଭାରତୀୟ ରେଳବାଇ ଏଥର ଦୂର ଯାତ୍ରା ପାଇଁ ଭଡ଼ା ବୃଦ୍ଧି ଘୋଷଣା କରିଛି। ଏହି ନୂତନ ଭଡ଼ା ଡିସେମ୍ବର ୨୬ରୁ ଲାଗୁ ହେବ। ସାଧାରଣ ଶ୍ରେଣୀରେ ୨୧୫ କିମିରୁ ଅଧିକ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଏଣିକି ପ୍ରତି କିମି ପାଇଁ ୧ ରୁ ୨ ପଇସା ଅତିରିକ୍ତ ଭଡ଼ା ଦେବାକୁ ପଡ଼ିବ। ୫୦୦ କିମିର ଅଣ-ଏସି ଯାତ୍ରା ପାଇଁ କେବଳ ୧୦ ଟଙ୍କା ଅତିରିକ୍ତ ଖର୍ଚ୍ଚ ହେବ। ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍ ଏବଂ ସମସ୍ତ ଏସି ଶ୍ରେଣୀର ଅଣ-ଏସି କୋଚ୍ ପ୍ରତି କିମି ପିଛା ୨ ପଇସା ବୃଦ୍ଧି ପାଇବ। ତବେ ଲୋକାଲ ଟ୍ରେନ୍ ଏବଂ ସ୍ୱଳ୍ପ ଦୂର ଗାମୀ ଯାତ୍ରା ପାଇଁ ଭଡ଼ାରେ କୌଣସି ବୃଦ୍ଧି ହୋଇନାହିଁ। ଏହାଛଡା ମାସିକ ସିଜନ୍ ଟିକଟ (ଏମ୍‌ଏସ୍‌ଟି) ଧାରୀଙ୍କ ପାଇଁ ଭଡ଼ା ଅପରିବର୍ତ୍ତିତ ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ଚଳିତବର୍ଷ ଜୁଲାଇ ପହିଲାରେ ସରକାର ରେଳ ଭଡ଼ା ବୃଦ୍ଧି

▶ପୃଷ୍ଠା-୭

### ରାଜ୍ୟରେ ବଢ଼ିଚାଲିଛି ଦୁଷ୍କର୍ମ ଓ ମହିଳା ଅତ୍ୟାଚାର

## 'ଲୋକଙ୍କ ସରକାର' ଏକ ମିଛ ପ୍ରହେଳିକା: ନବୀନ

■ ଭୁବନେଶ୍ୱର, ୨୧।୧୨ (ସମିସ): ରାଜ୍ୟରେ ମହିଳା ଶିଶୁ ଅତ୍ୟାଚାର ଓ ହିଂସା ମାମଲା ବଢ଼ି ବଢ଼ି ଚାଲିଥିବା ବେଳେ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରୁ ନାହାନ୍ତି। ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁକୋଣରେ ଦୁଷ୍କର୍ମ, ଅସଦାଚରଣ ପରି ଉଦ୍‌ବେଗଜନକ ଘଟଣା ସାମ୍ନାକୁ ଆସୁଛି । ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।


ରାଜ୍ୟର ରାଜଧାନୀ ଭୁବନେଶ୍ୱର ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇ ପଡ଼ୁଛି; ନାରୀ ହିଂସା ବୃଦ୍ଧି ଯୋଗୁଁ ଓଡ଼ିଶା କଳଙ୍କ ମୁଣ୍ଡାଉଛି ବୋଲି ଉଲ୍ଲେଖ କରି ବିଜେପି ସରକାର କେବେ ଚେତିବେ ବୋଲି ପ୍ରଶ୍ନ କରିଛନ୍ତି ନବୀନ ପଟ୍ଟନାୟକ। ସମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଭୁବନେଶ୍ୱରରେ ଦିନ ଦ୍ୱିପ୍ରହରେ ପୁଣି ଜଣେ



**ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ୁଛି ଭୁବନେଶ୍ୱର**

**ସୁରକ୍ଷା ସୁନିଶ୍ଚିତ କରିବାରେ ସରକାରଙ୍କ ଅପାରଗତା**

ନାବାଳିକା ଗଣଦୁଷ୍କର୍ମର ଶିକାର ହେବା ଅତ୍ୟନ୍ତ ସ୍ପର୍ଶକାତର ବିଷୟ। ରାଜ୍ୟରେ ଆଇନଶୃଙ୍ଖଳା କୁଆଡ଼େ ଯାଉଛି? 'ଲୋକଙ୍କ ସରକାର'ର ମିଛ ପ୍ରହେଳିକା କରୁଥିବା ସରକାର ଲୋକଙ୍କୁ ସୁରକ୍ଷା ଦେଉଛି ତ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଧଉଳି ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ପୁଣି ଏକ ବର୍ବର କାଣ୍ଡ ସାଧାରଣ ଜନତାଙ୍କୁ ଆତଙ୍କିତ କରିଦେଇଛି। ରାଜଧାନୀରେ ମା'ଭଉଣୀମାନେ ଅସୁରକ୍ଷିତ ମନେ କରୁଛନ୍ତି। ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ବିଜେପି ସରକାରର ଅପାରଗତା ଜଳଜଳ ଦେଖାଯାଉଛି। ତେଣୁ ସ୍ଥିତି ଆହୁରି ବିଗିଡ଼ିବା ପୂର୍ବରୁ ସରକାର ସଜାଗ ହୁଅନ୍ତୁ। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ଦିଗରେ ସରକାର ଆଗୁଆ ତତ୍ପର ହେବା ସହ ଦୃଢ଼ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।





**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, **Jatni:** Vishal Hero - 9289922984, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Authorized HeroSure Dealers: Bhubaneshwar:** Arundhati Motobikes - 7682841658, **Associate Dealers: Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Balipatna:** Jagannath Motors - 7064309702, **Chandpur:** Apsara - 9861418161, **Banamalipur:** Duladei Motors - 7735425890, **Sunderpada:** Basudev Motors - 6371525029, **Nakhra:** S.G. Automobiles - 9778779778.

VML.5865.2025ENG

## ଲାଞ୍ଚ ନେଇ ଲେଫ୍ଟନାଣ୍ଟ କର୍ଣ୍ଣେଲ ଗିରଫ



ଘରୁ ୨.୩୬ କୋଟି ଜବତ

ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି): ଲାଞ୍ଚ ନେବା ଅଭିଯୋଗରେ ପ୍ରତିରକ୍ଷା ମନ୍ତ୍ରଣାଳୟରେ ନିଯୁକ୍ତ ଲେଫ୍ଟନାଣ୍ଟ କର୍ଣ୍ଣେଲ ଦୀପକ କୁମାର ଶର୍ମାଙ୍କୁ ସିବିଆଇ ଗିରଫ କରିଛି। ସେ ବେଙ୍ଗାଲୁରୁର ଏକ କମ୍ପାନୀରୁ ୩ ଲକ୍ଷ ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି। ସିବିଆଇ ଦୀପକଙ୍କ ଘରୁ ୨.୩୬ କୋଟି ଟଙ୍କା ଜବତ ମଧ୍ୟ କରିଛି। ସିବିଆଇ ତାଙ୍କ ପତ୍ନୀ କର୍ଣ୍ଣେଲ କାଜଲ ବାଲିଙ୍କ ବିରୋଧରେ ମଧ୍ୟ ଏକ ମାମଲା ରୁଜୁ କରିଛି। ଚଢ଼ାଉ ସମୟରେ କାଜଲଙ୍କ ଘରୁ ମଧ୍ୟ ୧୦ ଲକ୍ଷ ଟଙ୍କା ମିଳିଛି। ସେ ରାଜସ୍ଥାନର ଶ୍ରୀଗଙ୍ଗାନଗର ଡିଭିଜନ ଅର୍ଡନାନ୍ସ ୟୁନିଟ୍ (ଡିଓୟୁ)ର କମାଣ୍ଡିଂ ଅଧିକାର ଅଛନ୍ତି। ଏହି ମାମଲାର ମଧ୍ୟସ୍ଥି ବିନୋଦ କୁମାରଙ୍କୁ ମଧ୍ୟ ଗିରଫ କରାଯାଇଛି। ଉଭୟ ଡିସେମ୍ବର ୨୩ ପର୍ଯ୍ୟନ୍ତ ସିବିଆଇ ହେପାଜତରେ ରହିବେ। ଗତ ୧୯ରେ ମିଳିଥିବା ସୂଚନା ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ସିବିଆଇ କହିବା ଅନୁସାରେ ଲେଫ୍ଟନାଣ୍ଟ କର୍ଣ୍ଣଲେ ପ୍ରତିରକ୍ଷା ଉତ୍ପାଦ ନିର୍ମାଣ ଓ ରପ୍ତାନିରେ ଘରୋଇ କମ୍ପାନୀଗୁଡିକୁ ଅହେତୁକ ଅନୁକମ୍ପା ଦେବା ପାଇଁ ଏହି ଲାଞ୍ଚ ନେଇଥିଲେ।

## ରୁଷିଆ ସେନାରେ ୨୦୨ ଭାରତୀୟ; ୨୬ ମୃତ



ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି): ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଥମିବାର ନାଁ ନେଉନାହିଁ। ତେବେ ରୁଷ ଭୁଆଁ ବୁଲାଇ ଏହି ଯୁଦ୍ଧରେ ଭାରତୀୟଙ୍କୁ ସାମିଲ କରୁଛି। ଯୁଦ୍ଧରେ ସାମିଲ ହୋଇ କିଛି ଭାରତୀୟ ଯୁବକ ମଧ୍ୟ ପ୍ରାଣ ହରାଇଛନ୍ତି। ୨୦୨୨ ଫେବୃଆରୀ ୨୪ରୁ ଆରମ୍ଭ ହୋଇଥିବା ଯୁଦ୍ଧରେ ରୁଷିଆ ସେନାରେ ୨୦୨ ଜଣ ଭାରତୀୟ ଯୁବକ ନିଯୁକ୍ତି ହୋଇଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏକ ପ୍ରଶ୍ନର ଉତ୍ତର ଦେଇ ବିଦେଶ ମନ୍ତ୍ରଣାଳୟ ରାଜ୍ୟସଭାରେ ଏହି ସୂଚନା ଦେଇଛି। ତେବେ ଏମାନଙ୍କ ମଧ୍ୟରୁ ୨୬ ସହିଦ ହୋଇଛନ୍ତି ଓ ଅନ୍ୟ ୭ ଜଣ ନିଖୋଜ ହୋଇଛନ୍ତି ବୋଲି କୁହାଯାଇଛି। ରୁଷିଆ ସେନାରୁ ୧୧୯ ଜଣଙ୍କୁ ଫେରାଇ ଅଣାଯାଇଛି। କିନ୍ତୁ ଆହୁରି ୫୦ଜଣ ଭାରତୀୟ ଏବେ ମଧ୍ୟ ରୁଷିଆ ସେନାରେ ଫସି ରହିଥିବା ବିଶ୍ୱାସ କରାଯାଉଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। କିଛିଦିନ ତଳେ ରୁଷିଆ ତରଫରୁ ୟୁକ୍ରେନ ବିରୋଧରେ ଲଢୁଥିବା ଜଣେ ଯୁବକ ସହିଦ ହୋଇଥିଲେ। ପୈତୃକ ଗାଁରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟ ପାଖରେ ୨୧୦୦ କୋଟି



ମ୍ୟୁଚୁଆଲ ଫଣ୍ଡରେ ୮୭ କୋଟି ନିବେଶ

ଆଯୋଧ୍ୟା,୨୧।୧୨(ଏଜେନ୍ସି): ଶ୍ରୀରାମ ଜନ୍ମଭୂମି ତୀର୍ଥ ଟ୍ରଷ୍ଟକୁ ମୋଟ୍ ୪୫୭୫ କୋଟି ଟଙ୍କା ପ୍ରାପ୍ତ ହୋଇଛି। ଗତ ୫ ବର୍ଷ ୯ ମାସ ମଧ୍ୟରେ ମନ୍ଦିର ନିର୍ମାଣ, ଶ୍ରୀରାମ ଜନ୍ମଭୂମି ପରିସରର ବିସ୍ତାର, ଜମି ଓ ଭବନ କ୍ରୟ ସହିତ ଅନ୍ୟ କେତେଗୁଡିଏ କାର୍ଯ୍ୟ କରିବାରେ ଅର୍ଥ ଖର୍ଚ୍ଚ ହୋଇଛି। ଏବେ ଟ୍ରଷ୍ଟ ପାଖରେ ୨୧୦୦ କୋଟି ଟଙ୍କା ରହିଛି। ବାକି ଥିବା ଅର୍ଥକୁ ନିବେଶ କରାଯାଇଛି। ଏଥିରୁ ଅଯୋଧ୍ୟାର ଭାରତୀୟ ଷ୍ଟେଟ ବ୍ୟାଙ୍କ୍‌ରେ ୮୮୯.୫୨ କୋଟି, ବ୍ୟାଙ୍କ ଅଫ ବରୋଦାରେ ୩୧୩.୮୭ କୋଟି ଓ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ୬୯୪.୪୯ କୋଟି ଟଙ୍କା ଜମା କରାଯାଇଛି। ଏହା ବ୍ୟତୀତ ଟ୍ରଷ୍ଟ ୮୭ କୋଟି ମ୍ୟୁଚୁଆଲ ଫଣ୍ଡ ଓ ୪୦ କୋଟି ଟଙ୍କା ଅଟୋ ସୁଇପ୍ ଖାତାରେ ନିବେଶ କରିଛି। ବୈଠକରେ ୨୦୨୦ ଫେବୃଆରୀ ୫ରୁ ୨୦୨୫ ନଭେମ୍ବର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆୟ ଓ ବ୍ୟୟ ନେଇ ଟ୍ରଷ୍ଟ ପକ୍ଷରୁ ଏହି ସୂଚନା ଦିଆଯାଇଥିଲା। ଟ୍ରଷ୍ଟର ସେଭିଂ ଖାତାରେ ୮୯ ଲକ୍ଷ ଟଙ୍କା ରହିଛି। ସୁଧ ବାବଦରେ ବ୍ୟାଙ୍କରୁ ୨ କୋଟି ଟଙ୍କା ମିଳିଛି। ଟ୍ରଷ୍ଟ ପାଖରେ ଥିବା ୨୧୦୦ କୋଟି ଟଙ୍କାକୁ ଭବିଷ୍ୟତରେ ମନ୍ଦିର ପରିସରର ବିକାଶ ଓ ଅନ୍ୟ ଯୋଜନା ବାବଦରେ ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି।

## ବିଜେପି ଦୃଷ୍ଟିକୋଣରୁ ସଂଘକୁ ଦେଖିବା ଉଚିତ୍ ନୁହେଁ: ଭାଗବତ

କୋଲକାତା, ୨୧।୧୨ (ଏଜେନ୍ସି): ରାଷ୍ଟ୍ରୀୟସ୍ୱୟଂ ସେବକ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ବିଜେପି ନେଇ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସଂଘ ଅର୍ଥାତ ଆରଏସ୍ଏସ୍‌କୁ ବିଜେପି ଦୃଷ୍ଟିକୋଣରୁ ଦେଖିବାକୁ ଠିକ୍ ନୁହେଁ। ସଂଘ କେବଳ ଏକ ସେବା ସଂଗଠନ ନୁହେଁ। ସଂଘକୁ ବୁଝିବାକୁ ହେଲେ ଏହାକୁ ଭଲ ଭାବେ ଦେଖିବାକୁ ପଡିବ। ଅନେକ ଲୋକ ବିଜେପିର ଚଷମାରେ ସଂଘକୁ ଦେଖିବାର ଭୁଲ କରିଥାନ୍ତି। ଏହା ଆଦୌ ଠିକ୍ ନୁହେଁ। ବିଜେପିକୁ ଦେଖି ସଂଘକୁ ଜଣେ ବୁଝି ପାରିବ ନାହିଁ। ଏହାକୁ ଅନୁଭବ କରିବାକୁ ହେବ ବୋଲି ଭାଗବତ କୋଲକାତାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି।

## ବିଏସ୍ଏଫ୍ ଯବାନଙ୍କୁ ଅପହରଣ କଲେ ବାଂଲାଦେଶୀ

କୋଲକାତା,୨୧।୧୨(ଏଜେନ୍ସି): ଭାରତ-ବାଂଲାଦେଶ ସୀମାରେ କିଛି ବାଂଲାଦେଶ ଗୋଚାଲାଣକାରୀ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍ଏଫ୍) ଯବାନ ବେଦ ପ୍ରକାଶଙ୍କୁ ଅପହରଣ କରିଛନ୍ତି। ଘନ କୁହୁଡିର ଫାଇଦା ଉଠାଇ ସେମାନେ ଯବାନଙ୍କୁ ସାଥିରେ ନେଇଯାଇଥିଲେ। କିନ୍ତୁ ପରେ ସେମାନେ ଯବାନଙ୍କୁ ବାଂଲାଦେଶ ବର୍ଡର ଗାର୍ଡ (ବିଜିବି)କୁ ହସ୍ତାନ୍ତର କରିଥିଲେ। ଏବେ ଦୁଇ ଦେଶ ମଧ୍ୟରେ ଆଲୋଚନା ହେବା ପରେ ଯବାନଙ୍କୁ ଫେରାଇ ଆଣିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ପଶ୍ଚିମବଙ୍ଗର କୋଚ୍‌ବିହାର ଜିଲ୍ଲାର ମେଖଲିଗଞ୍ଜ ଅଞ୍ଚଳରେ ଶନିବାର ସକାଳ ୪.୪୫ରେ ଏହି ଘଟଣା ଘଟିଛି। ସେ ବିଏସ୍ଏଫ୍‌ର ୧୭୪ତମ ବାଟାଲିଅନରେ ନିୟୋଜିତ ରହିଛନ୍ତି।

## ଦକ୍ଷିଣ ଆଫ୍ରିକାରେ ଗୁଳିକାଣ୍ଡ; ୧୦ ମୃତ

ଜୋହାନ୍ସବର୍ଗ,୨୧।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ରବିବାର କିଛି ଅଜ୍ଞାତ ବନ୍ଧୁକଧାରୀ ସଡ଼କରେ ଲୋକଙ୍କ ଉପରକୁ ଆଖିବୁଜା ଗୁଳି ମାଡ଼ କରିଛନ୍ତି। ଏଥିରେ ୧୦ ଜଣ ମୃତ୍ୟୁବରଣ କରିଥିବାବେଳେ ସମାନ ସଂଖ୍ୟକ ଲୋକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩, ୧୨ ଓ ୧୬ ବର୍ଷର ପିଲା ସାମିଲ ଅଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ ଏହି ଆକ୍ରମଣର ଉଦ୍ଦେଶ୍ୟ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଗୌଟେଙ୍ଗ ପ୍ରୋଭିନ୍ସିଆଲ ପୁଲିସ ମୁଖପାତ୍ର ବ୍ରିଗେଡିୟର ବ୍ରେଣ୍ଡା ମୁରିଡିଲ କହିଛନ୍ତି ଯେ, ବନ୍ଧୁକଧାରୀମାନେ ସଡ଼କରେ ଅଚାନକ ଗୁଳି ଚଳାଇଥିଲେ। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ବେକରସଡାଲରର ଏକ ବାର୍ ନିକଟରେ ଏହି ଗୁଳିକାଣ୍ଡ ଘଟିଥିଲା। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଆକ୍ରମଣକାରୀଙ୍କୁ ଖୋଜୁଛି। ଆକ୍ରମଣକାରୀଙ୍କ ପାଖରେ ଏକେ-୪୭ ଭଳି ଅତ୍ୟାଧୁନିକ ରାଇଫଲ ଥିଲା ବୋଲି ପ୍ରୋଭିନସିଆଲ ପୁଲିସ କମିଶନର ମେଜର ଜେନେରାଲ ଫ୍ରେଡ କେକାନା କହିଛନ୍ତି। ଗୁଳିକାଣ୍ଡ ଘଟାଇବା ପରେ ସେମାନେ ଲୋକଙ୍କ ମୋବାଇଲ ଫୋନ ସମେତ ମୂଲ୍ୟବାନ ଜିନିଷପତ୍ର ନେଇଯାଇଥିଲେ।

## ଏପିଷ୍ଟିନ ସହ ଟ୍ରମ୍ପ ଓ ମେଲାନିଆଙ୍କ ଫଟୋ ଗାଏବ

ୱାସିଂଟନ, ୨୧।୧୨ (ଏଜେନ୍ସି): ଯୌନ ଅପରାଧୀ ଜେଫ୍ରି ଏପିଷ୍ଟିନ ସହ ଜଡ଼ିତ ୧୬ଟି ଫାଇଲକୁ ଆମେରିକା ସରକାର ଶନିବାର ୱେବସାଇଟରୁ ହଟାଇ ଦେଇଛନ୍ତି। ଏହି ସବୁ ଫାଇଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପତ୍ନୀ ମେଲାନିଆ ଟ୍ରମ୍ପଙ୍କ ଫଟୋ ରହିଥିଲା। ଏହି ଫାଇଲରେ ଏକ ଅଙ୍କା ଯାଇଥିବା ଚିତ୍ର ଏବଂ କିଛି ଫଟୋ ରହିଥିଲା। ଏହି ଫଟୋରେ ଏପିଷ୍ଟିନ, ତାର ପ୍ରେମିକା ଗିଜଲେନ ମାକ୍ସୱେଲ, ଟ୍ରମ୍ପ ଏବଂ ମେଲାନିଆ ଏକାଠି ଉଠାଇ ଥିବା ଫଟୋ ସାମିଲ ଥିଲା। ତେବେ ଏହା ହଟାଇବାକୁ ନେଇ ଆମେରିକା ନ୍ୟାୟ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ। ଏହା ପୂର୍ବରୁ ଶୁକ୍ରବାର ରାତିରେ ଏପଷ୍ଟିନଙ୍କ ୩ ଲକ୍ଷ ଦଲିଲ ଜାରି କରାଯାଇଥିଲା।

## ଅରୁଣାଚଳ ପ୍ରଦେଶରେ ପାକ୍-ଚୀନ୍ ଗୁଇନ୍ଦା ନେଟୱର୍କର ପର୍ଦ୍ଦାଫାସ୍


# ଭାରତ ସୁରକ୍ଷା ପ୍ରତି ବଡ଼ ବିପଦ

**ଅରୁଣାଚଳ ଓ କଶ୍ମୀରରୁ ୪ ଗୁପ୍ତଚର ଗିରଫ**

**କମ୍ବଳ ବିକ୍ରି ନାମରେ କରୁଥିଲେ ତଥ୍ୟ ସଂଗ୍ରହ**

**ଚୀନ୍ ଉପରେ ନଜର; ଏଲଏସିରେ କ୍ୟାମ୍ପ ନିର୍ମାଣ ଦାବି**

**କଶ୍ମୀରର ଏନ୍ଆଇଏ ମୁଖ୍ୟାଳୟ ନିକଟରୁ ରାଇଫଲ ଟେଲିସ୍କୋପ ଜବତ; ଅନୁପ୍ରବେଶ ଆଶଙ୍କା**




ଇଟାନଗର, ୨୧।୧୨ (ଏଜେନ୍ସି):

ଅରୁଣାଚଳ ପ୍ରଦେଶରୁ ଏକ ବଡ଼ ଗୁଇନ୍ଦା ନେଟୱର୍କର ପର୍ଦ୍ଦାଫାସ ହୋଇଛି। ପାକିସ୍ତାନ ସହ ଏହାର ଲିଙ୍କ ଥିବା ଜଣାପଡ଼ିଛି। ଏହା ସୁରକ୍ଷା ଏଜେନ୍ସିଗୁଡ଼ିକର ଚିନ୍ତାକୁ ବଢ଼ାଇ ଦେଇଛି। ଗତ ୧୦ ଦିନ ମଧ୍ୟରେ ପାକିସ୍ତାନ ସହ ଜଡ଼ିତ ଏହି ନେଟୱର୍କର ୪ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି। ଏପରି ସମୟରେ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ନିକଟରେ ଚୀନ୍ ସେନାର ଉପସ୍ଥିତି ଏବଂ ସମ୍ଭାବ୍ୟ ଅନୁପ୍ରବେଶକୁ ନେଇ ସ୍ଥାନୀୟ ଅଧିବାସୀ ସୂଚନା ଦେଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ସେନାର କାର୍ଯ୍ୟକଳାପ ଏବଂ ଅନ୍ୟ ସମ୍ବେଦନଶୀଳ ସୂଚନାକୁ ଅଭିଯୁକ୍ତମାନେ ପାକିସ୍ତାନୀ ହ୍ୟାଣ୍ଡଲର୍ସଙ୍କୁ ପଠାଉ ଥିଲେ। ଏହି ନେଟୱର୍କର ଲିଙ୍କ ଚୀନ୍ ସହ ଜଡ଼ିତ ରହିଛି ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ସୁରକ୍ଷା ବିଶେଷଜ୍ଞମାନେ ଏହାକୁ 'ହାଇବ୍ରିଡ ୱାର'ର ରଣନୀତି ସହ ଯୋଡ଼ି ଦେଖୁଛନ୍ତି। ଏଥିରେ ଗୁଇନ୍ଦା ନେଟୱର୍କ, ଅନୁପ୍ରବେଶ, ସାମରିକ ଚାପର ବ୍ୟବହାର କରାଯାଇଥାଏ। ରାଜ୍ୟର ଗୃହମନ୍ତ୍ରୀ ମାମା ନାତୁଙ୍ଗ କହିଛନ୍ତି ଯେ ଗୁଇନ୍ଦା କାର୍ଯ୍ୟକଳାପରେ ସାମିଲ ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ ୨୦୨୪ରେ ଚୀନ୍ ସେନା ଅଞ୍ଜାଓ ଜିଲ୍ଲାର କପାପୁ କ୍ଷେତ୍ରର ପ୍ରାୟ ୬୦ କିମି ଭିତର ପର୍ଯ୍ୟନ୍ତ କ୍ୟାମ୍ପ ନିର୍ମାଣ କରିଛି। ୨୦୨୨ ଭଳି ସ୍ଥିତି ଜାରି ରହିଛି। ତେବେ ସରକାର ଏହାକୁ 'ଓଭରଲ୍ୟାପିଂ ପାଟ୍ରୋଲିଂ' କୁହାଯାଉଛି। ଏହି ସମୟରେ ତିବ୍ବତର ଲୁହେଞ୍ଜି ଏୟାରବେସରୁ ଚୀନ୍‌ର କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ଏଠାକାର ମ୍ୟାକମୋହନ ଲାଇନରୁ ପ୍ରାୟ ୪୦ କିମି ଦୂର ୩୬ ହାର୍ଡେଣ୍ଡ ଏୟାରକ୍ରାଫ୍ଟ ସେଲଟର୍ସ ନିର୍ମାଣ ଏବଂ ଷ୍ଟେଲଥ୍ ବିମାନ ମୁତୟନ କରାଯାଇଥିବା ସୂଚନା ସାମ୍ନାକୁ ଆସିଛି। ଯାଞ୍ଚ ଏଜେନ୍ସିର ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ସ୍ଥାନୀୟ ମୁସଲମାନ ସମ୍ପ୍ରଦାୟ ଭିତରେ ରହି ସ୍ଲିପର ସେଲ୍ ବିକଶିତ କରୁଥିଲେ। କିଛି ବାଂଲାଦେଶୀ ଯୁବକଙ୍କ ଭୂମିକା ବି ସନ୍ଦେହରେ ରହିଛି। ୱେଷ୍ଟ ସିୟାଙ୍ଗର ଏସ୍‌ପି କହିଛନ୍ତି ଯେ ଏହି ମାମଲା ଆସାମ ଏବଂ ଅରୁଣାଚଳ ସହ ଜଡ଼ିତ ଏକ ବଡ଼ ଗୁଇନ୍ଦା ମଡେଲର ଅଂଶ ହୋଇପାରେ। ଏହି ମାମଲାରେ ଗତ ୧୧ ତାରିଖରେ ଇଟାନଗରରୁ ଜମ୍ମୁ-କଶ୍ମୀର କୁପୱାଡ଼ା ଜିଲ୍ଲାର ନଜିର ଅହମ୍ମଦ ମଲିକ ଏବଂ ସବିର ଅହମ୍ମଦ ମିରକୁ ଗିରଫ କରାଯାଇଥିଲା। ଉଭୟେ କମ୍ବଳ ବିକ୍ରି କରିବା ପାଇଁ ବୁଲୁଥିଲେ। ଏନ୍‌କ୍ରିପଟେଡ ଟେଲିଗ୍ରାମ ଚ୍ୟାନେଲ ମାଧ୍ୟମରେ ପାକିସ୍ତାନୀ ହ୍ୟାଣ୍ଡଲର୍ସଙ୍କ ସହ ଯୋଗାଯୋଗରେ ଥିଲେ। ଉଭୟଙ୍କୁ ବେଆଇନ ଅନୁପ୍ରବେଶରେ ସହଯୋଗ ଏବଂ ଅସ୍ତ୍ରଶସ୍ତ୍ର ପଠାଇବା ପାଇଁ କୋରିଅର ଗଢ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଗତ ୧୩ ତାରିଖରେ କଶ୍ମୀରରୁ ଆଉ ଦୁଇ ଜଣ ଯୁବକଙ୍କୁ ଗିରଫ କରାଯାଇଥିଲା। ଏହି ନେଟୱର୍କ ଆସାମ ପର୍ଯ୍ୟନ୍ତ ବ୍ୟାପିଥିବା ଜଣା ପଡ଼ିଥିଲା। ତେଜପୁରରୁ ବାୟୁସେନାର ଅବସରପ୍ରାପ୍ତ ଅଧିକାରୀ କୁଲେନ୍ଦ୍ର ଶର୍ମାଙ୍କ ଗିରଫ ମଧ୍ୟ ଏହାର ଅଂଶବିଶେଷ ବୋଲି କୁହାଯାଉଛି। ଅନ୍ୟପକ୍ଷରେ କଶ୍ମୀର ଏନଆଇଏ ମୁଖ୍ୟାଳୟ ନିକଟରୁ ଚୀନ୍ ଟେଲିସ୍କୋପ ମିଳିଛି। ଏହା ସୁରକ୍ଷା ସ୍ଥିତିକୁ ଅଧିକ ସଙ୍ଗୀନ କରିଦେଇଛି। ଏହା ମାଧ୍ୟମରେ ଭାରତରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଯାଇଥିବା ସନ୍ଦେହ କରାଯାଉଛି।

ଏବେ ଲଦାଖ, ସିକିମ ଏବଂ ଅରୁଣାଚଳ ପ୍ରଦେଶରେ ଭାରତ ପ୍ରାୟ ୧.୨୦ ଲକ୍ଷ ଯବାନଙ୍କୁ ମୁତୟନ କରିଛି। ଏହା ସତ୍ତ୍ୱେ ଗୁଇନ୍ଦା ନେଟୱର୍କ ସୁରକ୍ଷା ଦୃଷ୍ଟିରୁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏ ବିଷୟରେ ଜଣାପଡ଼ିବା ପରେ ଆସାମ ଏବଂ ପୂର୍ବୋତ୍ତର ରାଜ୍ୟରେ ତଲାସୀ ଅଭିଯାନ ଜୋରଦାର କରାଯାଇଛି। ଏହାକୁ ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବଡ଼ ବିପଦ ଧରାଯାଉଛି।

## 'ଭିବି-ଜି ରାମ ଜି ବିଲ୍'କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

ନୂଆଦିଲ୍ଲୀ, ୨୧।୧୨ (ଏଜନ୍ସି): ବିରୋଧୀ ଦଳଙ୍କ ତୀବ୍ର ବିରୋଧ ସତ୍ତ୍ୱେ ଏମ୍‌ଜିନରେଗା ବଦଳରେ ଅଣା ଯାଇଥିବା 'ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜିବୀକା ମିଶନ' ତଥା ଭିବି-ଜି ରାମ ଜି ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ଅନୁମୋଦନ ଦେଇଛନ୍ତି। ଏଥିସହିତ ଏହି ବିଲ୍ ଆଇନରେ ପରିଣତ ହୋଇଛି। ଏହା ଗ୍ରାମୀଣ ନିଯୁକ୍ତି କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଗ୍ରାମାଞ୍ଚଳ ବିକାଶ ମନ୍ତ୍ରାଳୟର ଅଧିକାରୀମାନେ କହିଛନ୍ତି। ଏହି ବିଲ୍‌ରେ କାର୍ଯ୍ୟ ଦିବସକୁ ୧୨୫ ଦିନକୁ ବଢ଼ାଇ ଦିଆଯାଇଛି। କାମ ନ ମିଳିଲେ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ଏହା ଆତ୍ମନିର୍ଭର ଭାରତର ମୂଳଦୁଆକୁ ସୁଦୃଢ଼ କରିବ ଏବଂ ଗ୍ରାମୀଣ ପରିବାରକୁ ଆର୍ଥିକ ଭାବେ ସଶକ୍ତ କରିବା ସହିତ ସମାବେଶୀ ବିକାଶରେ ଭାଗିଦାରୀ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ବିଲ୍‌ଟି ଉଭୟ ସଦନରେ ପାରିତ ହୋଇଯାଇଥିଲା। ଲୋକସଭାରେ ଏହା ଉପରେ ୧୪ ଘଣ୍ଟା ଚର୍ଚ୍ଚା ହୋଇଥିଲା। ବିରୋଧୀଙ୍କ ବିଲ୍‌କୁ ବିରୋଧ କରି ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟିଏମସି ସଦସ୍ୟ ସାରା ରାତି ଧାରଣା ଦେଇଥିଲେ। ତୁରନ୍ତ ବିଲ୍‌କୁ ପ୍ରତ୍ୟାହାର ଦାବି କରିଥିଲେ। ସରକାର ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବାକୁ ଚାହୁଁଥିବା ବିରୋଧୀ ଅଭିଯୋଗ କରିଥିଲେ। ସେହିପରି ବିଲ୍‌ରୁ ଗାନ୍ଧୀଙ୍କ ନାମ ହଟାଇବା ତାଙ୍କୁ ଦ୍ୱିତୀୟ ଥର ହତ୍ୟା କରିବା ଭଳି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି ଚିଦମ୍ବରମ କହିଛନ୍ତି।

## ମହାରାଷ୍ଟ୍ର ପୌର ନିର୍ବାଚନ; ୨୧୪ ସିଟ୍‌ରେ ଏନ୍‌ଡିଏ ବିଜୟୀ

ମୁମ୍ବଇ, ୨୧।୧୨ (ଏଜେନ୍ସି): ମହାରାଷ୍ଟ୍ର ପୌର ନିର୍ବାଚନରେ କ୍ଷମତାସୀନ ମହାଯୁତି ମେଣ୍ଟ ବୃହତ ବିଜୟ ହାସଲ କରିଛି। ୨୮୮ ଆସନ (୨୪୬ ନଗର ପରିଷଦ ଏବଂ ୪୨ ନଗର ପଞ୍ଚାୟତ)ରୁ ୨୧୪ଟି ମହାଯୁତି ହାତକୁ ଯାଇଛି। ତେବେ ଏହି ଫଳାଫଳକୁ ନେଇ ବିରୋଧୀ ନିର୍ବାଚନ କମିଶନ (ଇସି)ଙ୍କୁ ଦୋଷ ଦେଇଛନ୍ତି। ଇସିଙ୍କ ପାଇଁ ମହାଯୁତି ବିଜୟୀ ହେଲା ବୋଲି କଂଗ୍ରେସ ଏବଂ ଉଦ୍ଧବ ଗୋଷ୍ଠୀର ଶିବସେନା ପକ୍ଷରୁ କୁହାଯାଇଛି। ବିଜେପି ୧୨୦, ଏକନାଥ ସିନ୍ଦେଙ୍କ ଶିବସେନା ୫୭ ଏବଂ ଅଜିତ ପାୱାରଙ୍କ ଏନ୍‌ସିପି ୩୭ ଆସନ ହାତେଇଛି। ସେହିପରି ମହାବିକାଶ ଅଘାଡ଼ି କେବଳ ୫୧ଟି ଆସନ ପାଇଛି। କଂଗ୍ରେସ ୩୧, ଶିବସେନା (ୟୁବିଟି) ୧୦, ଏନସିପି (ଏସ) ୧୦ଟି ଏବଂ ଅନ୍ୟ ଦଳକୁ ୨୨ଟି ଆସନରେ ବିଜୟୀ ହୋଇଛନ୍ତି।

## ମିଥ୍ୟା ଅଭିଯୋଗରେ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ଜାଳି ଥିଲେ

**ଖୋଲିଗଲା ବାଂଲାଦେଶୀ ଚରମପନ୍ଥୀଙ୍କ ମୁଖା**

ଢାକା, ୨୧।୧୨ (ଏଜେନ୍ସି): ବାଂଲାଦେଶରେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ସଂଗଠିତ ଭିଡ଼ ପିଟିପିଟି ହତ୍ୟା କରିବା ପରେ ତାଙ୍କୁ ଜାଳି ଦେଇଥିଲା। ଏବେ ଏହି ମାମଲାରେ ଗୁମର ଖୋଲି ଯାଇଛି। ମିଥ୍ୟା ଈଶ ନିନ୍ଦା ଅଭିଯୋଗରେ ତାଙ୍କୁ ହତ୍ୟା କରାଯାଇଥିଲା। ସେ ଫେସ୍‌ବୁକରେ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇବା ନେଇ ପୋଷ୍ଟ କରିଥିଲେ ବୋଲି ଦାବି କରାଯାଇଥିଲା। କିନ୍ତୁ ପ୍ରକୃତରେ ସେ ଏଭଳି କୌଣସି ପୋଷ୍ଟ କରି ନ ଥିଲେ ବୋଲି ଯାଞ୍ଚରୁ ଜଣାପଡିଛି। ଏନେଇ କୌଣସି ପ୍ରମାଣ ମଧ୍ୟ ମିଳିପାରିନାହିଁ। ବାଂଲାଦେଶର ରାପିଡ୍ ଆକ୍ସନ ବାଟାଲିଅନ (ଆରଏବି)ର କମାଣ୍ଡର ମହମ୍ମଦ ସମସୁଜ୍ଜମାନ ବାଂଲାଦେଶୀ ଖବରକାଗଜ 'ଦି ଡେଲି ଷ୍ଟାର'କୁ କହିଛନ୍ତି ଯେ ଦୀପୁଙ୍କ ଈଶ ନିନ୍ଦା ନେଇ କୌଣସି ପ୍ରମାଣ ମିଳିନାହିଁ। ସେ ଢାକା ନିକଟବର୍ତ୍ତୀ ଭାଲୁକାରେ ଏକ କାରଖାନାରେ କାର୍ଯ୍ୟ କରୁଥିଲେ। ଏହି କାରଖାନା ବାହାରେ ହିଁ ତାଙ୍କୁ ହତ୍ୟା କରି ଜାଳି ଦିଆଯାଇଥିଲା। ତେବେ ଏହି ଘଟଣାରେ ପୁଲିସର ଭୂମିକା ସନ୍ଦେହରେ ରହିଛି। କାରଣ ପୁଲିସ ହିଁ ତାଙ୍କୁ ଆନ୍ଦୋଳନକାରୀଙ୍କୁ ଟେକି ଦେଇଥିଲା। ସେହିପରି ବାଂଲାଦେଶ ଛାତ୍ର ନେତା ଉସ୍ମାନ ହାଦି ହତ୍ୟା ମାମଲାରେ ନ୍ୟାୟ ପାଇଁ ଦାବି ଆହୁରି ଜୋରଦାର ହୋଇଛି। ଇନକିଲାବ ମଞ୍ଚ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ଏ ନେଇ ୨୪ ଘଣ୍ଟାର ଚେତାବନୀ ଦେଇଛି। ତୁରନ୍ତ ହାଦିଙ୍କ ହତ୍ୟା ମାମଲାରେ ଜଡିତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଇନକିଲାବ ମଞ୍ଚର ସଚିବ ଅବଦୁଲ୍ଲା ଅଲ ଜାବେର କହିଛନ୍ତି। ଯଦି ଏହା ନହୁଏ, ତେବେ ଶାହବାଗ ଛକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଆରମ୍ଭ ହେବ ବୋଲି ସେ ସତର୍କ କରାଇଛନ୍ତି। ଏହି କ୍ରମରେ ଜାବେର ଗୃହ ପରାମର୍ଶଦାତା ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ଜାହାଙ୍ଗୀର ଆଲମ ଚୌଧୁରୀ ଏବଂ ମୁଖ୍ୟ ପରାମର୍ଶଦାତାଙ୍କ ସହାୟକ ଖୁଦା ବକ୍ସ ଚୌଧୁରୀଙ୍କ ଇସ୍ତଫା ଦାବି କରିଛନ୍ତି। ଅନ୍ୟପଟେ ଭାରତ ବାଂଲାଦେଶରେ ଭିସା ସେବାକୁ ବନ୍ଦ କରିଦେଇଛି।

## ଧଳା ଚାଦରରେ ଘୋଡ଼େଇ ହେଲା କଶ୍ମୀର

# ଆରମ୍ଭ ହେଲା ଶୀତ ଅବକାଶ 'ଚିଲାଇ-କଲାନ୍'



ଶ୍ରୀନଗର,୨୧।୧୨(ଏଜେନ୍ସି):

କଶ୍ମୀର ଉପତ୍ୟକାରେ ଚଳିତ ଋତୁରେ ପ୍ରଥମ ତୁଷାରପାତ ହୋଇଛି। ଏଥିସହ ଉପତ୍ୟକାରେ ୪୦ ଦିନର ଭୀଷଣ ଥଣ୍ଡା ତଥା ଶୀତକାଳୀନ ଅବଧି ଅର୍ଥାତ 'ଚିଲାଇ-କଲାନ' ଆରମ୍ଭ ହୋଇଛି। ପ୍ରତିବର୍ଷ ଡିସେମ୍ବର ୨୧ରୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ଚିଲାଇ-କଲାନ ରହିଥାଏ। ଏହି ସମୟରେ ସର୍ବାଧିକ ତୁଷାରପାତ ହୋଇଥାଏ ଓ କଶ୍ମୀର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ରବିବାର କଶ୍ମୀରର ପାର୍ବତ୍ୟାଞ୍ଚଳରେ ତୁଷାରପାତ ହୋଇଥିଲା। ଗୁଲମାର୍ଗରେ ପ୍ରାୟ ଦୁଇ ଇଞ୍ଚର ତୁଷାରପାତ ହୋଇଛି। ସକାଳଠାରୁ ସୋନମାର୍ଗର ତୁଷାରପାତ ଜାରି ରହିଛି। ଚିଲାଇ-କଲାନ ଆରମ୍ଭ ହେବା ସହ କାଶ୍ମୀର ଉପତ୍ୟକାର ଏକ ନୂଆ ସ୍ଥିତି ସୃଷ୍ଟି ହୋଇଥାଏ। ଏହି ସମୟରେ ଲୋକେ ନିଜର ଶୀତବସ୍ତ୍ର ଓ ଓଭରକୋଟ ପରିଧାନ କରିଥାନ୍ତି। ଗୁରେଜ, ୱାରୱାନ ଉପତ୍ୟକା ଏବଂ ଦକ୍ଷିଣ ଓ ଉତ୍ତର କଶ୍ମୀରର ଉଚ୍ଚସ୍ଥାନ, ଯେପରିକି ସିନ୍ଥନ ଟପ୍, ରାଜଦାନ ପାସ୍, ସାଧନା ଟପ୍, ଜୋଜିଲା ଓ ସୋନମାର୍ଗରେ ପ୍ରବଳ ତୁଷାରପାତ ହୋଇଥିବାର ଖବର ମିଳିଛି। ଦ୍ରାସ୍ ଓ କାର୍ଗିଲ୍ ଜିଲ୍ଲାର କିଛି ଅଞ୍ଚଳରେ ମଧ୍ୟ ପ୍ରଥମ ଥର ପାଇଁ ତୁଷାରପାତ ରେକର୍ଡ କରାଯାଇଛି। ତୁଷାରପାତ ସହ କଶ୍ମୀରର ବ୍ୟାପକ ଆଦ୍ରତା ମଧ୍ୟ ସୃଷ୍ଟି ହୋଇଛି। ପୂର୍ବରୁ ପାଗ ଶୁଖିଲା ଥିଲା। ଫଳରେ ଏହି ତୁଷାରପାତ କଶ୍ମୀର ବାସିନ୍ଦାଙ୍କ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି। ଏଥିସହ ଜମ୍ମୁ ଓ କଶ୍ମୀରର ଉଚ୍ଚ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ତୁଷାରପାତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଗାମୀ ଦୁଇ ଦିନରେ ତୁଷାରପାତ ପ୍ରବଳ ହେବ। ସେହିପରି ବର୍ଷା ହେବା ନେଇ ସତର୍କତା ମଧ୍ୟ ଜାରି କରାଯାଇଛି। ଏହି ସମ୍ଭାବ୍ୟ ବର୍ଷା କଶ୍ମୀରରେ ପ୍ରବଳ ଶୁଷ୍କ ଥଣ୍ଡାକୁ କମ୍ କରିବ ଏବଂ ହିମବାହ, ଝରଣାଗୁଡିକୁ ପୁନର୍ବାର ବ୍ୟାପକ କରିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ଶୀତକାଳୀନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ତୁଷାରପାତର ମୁକାବିଲା ପାଇଁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ଏହି ତୁଷାରପାତ କଶ୍ମୀର ବାସୀଙ୍କ ପାଇଁ ଏକ ଆଶୀର୍ବାଦ। ଏହା ଦ୍ୱାରା ବାୟୁ ସଫା ହୋଇଥାଏ। ଏହା ମଧ୍ୟ ପ୍ରଦୂଷଣକୁ ହ୍ରାସ କରିବା ସହ ଶୀତକାଳୀନ ପର୍ଯ୍ୟଟନ ଋତୁକୁ ଆରମ୍ଭ କରିବାରେ ସହାୟ ହୋଇଥାଏ। ତେବେ ସବୁ ପ୍ରକାର ସ୍ଥିତିକୁ ମୁକାବିଲା କରିବାକୁ ଆମେ ପ୍ରସ୍ତୁତ ଅଛୁ ବୋଲି ଉମର କହିଛନ୍ତି।

ସେପଟେ ଦେଶର ମଧ୍ୟ ଓ ଉତ୍ତରଭାଗରେ ପ୍ରବଳ ଶୀତ ଅନୁଭୂତ ହେଉଛି। ବିଭିନ୍ନ ଅଞ୍ଚଳରେ ଘନ କୁହୁଡି ଜାରି ରହିଛି। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଛତିଶଗଡ଼ ସମେତ ଦେଶର ୧୮ଟି ରାଜ୍ୟରେ ଘନ କୁହୁଡିର ସତର୍କତା ଜାରି କରାଯାଇଛି। ମଧ୍ୟପ୍ରଦେଶରେ ପ୍ରଥମଥର ପାଇଁ ତାପମାତ୍ରା ୩ ଡିଗ୍ରୀ ତଳକୁ ଖସିଛି। ଶାହଡୋଲର କଲ୍ୟାଣପୁରରେ ସର୍ବନିମ୍ନ ତାପମାତ୍ରା ୨.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।



ସଟ୍‌ଲର୍ ୟଙ୍ଗଙ୍କ କୀର୍ତ୍ତିମାନ

▶ପୃଷ୍ଠା ୧୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-176 ♦MONDAY ♦22 DECEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୭୬ ♦ସୋମବାର ♦୨୨ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ନାକେଦମ୍ କରିବ କୁହୁଡ଼ି

■ ଭୁବନେଶ୍ୱର, ୨୧।୧୨ (ସମିସ): ରାଜ୍ୟର ଅଧିକାଂଶ ସ୍ଥାନରେ ଶୀତ ଜାରି ରହିଛି। ଏହାସହ କିଛି କିଛି ସ୍ଥାନରେ ଘନ କୁହୁଡ଼ି ଲୋକଙ୍କୁ ନାକେଦମ୍ କରିଛି। ବର୍ତ୍ତମାନ ଏକ ପଶ୍ଚିମା ଝଡ଼ ସକ୍ରିୟ ହୋଇଥିବା କାରଣରୁ କୁହୁଡ଼ିର ପ୍ରଭାବ ବଢ଼ିଥିବା ବେଳେ ଏହା ଆହୁରି ୨-୩ ଦିନ ପର୍ଯ୍ୟନ୍ତ ଜାରି ରହିବା ନେଇ ଆକଳନ କରାଯାଇଛି। ପଶ୍ଚିମାଝଡ଼ର ଆଗମାନ ପ୍ରଭାବରେ ରାଜ୍ୟକୁ ବର୍ତ୍ତମାନ ଉଷ୍ମ ଜଳୀୟବାଷ୍ପପୂର୍ଣ୍ଣ ସାମୁଦ୍ରିକ ବାୟୁର ପ୍ରବାହ ବୃଦ୍ଧି ହୋଇଛି। ଏହାପ୍ରଭାବରେ ରାତିର ତାପମାତ୍ରା ମଧ୍ୟ କମିବାର ସମ୍ଭାବନା ରହିଛି। ମୁଖ୍ୟତଃ ବାୟୁମଣ୍ଡଳର ତଳ ସ୍ତରରେ ଜଳୀୟବାଷ୍ପର ବୃଦ୍ଧି ସହ ଘନକୁହୁଡ଼ି ପାଇଁ ପାଗ ଅନୁକୂଳ ରହିଛି। ରବିବାର ରାଜ୍ୟର ଉତ୍ତର ଏବଂ ଆଭ୍ୟନ୍ତରୀଣ ଭାଗରେ କୁହୁଡ଼ି ଦୃଶ୍ୟମାନ ହୋଇଛି। ବିଶେଷ କରି ମୟୁରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର ଏବଂ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ହେତୁ ଲୋକେ ନାହିଁ ନ



ଥିବା ସମସ୍ୟାରେ ପଡ଼ିଛନ୍ତି। ସୋମବାର ମଧ୍ୟ ସମାନ ସ୍ଥିତି ଜାରି ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ସୋମବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା ▶ପୃଷ୍ଠା-୭

## 'ଭିବି ଜି-ରାମ୍ ଜି'କୁ ରାଷ୍ଟ୍ରପତିଙ୍କ ଅନୁମୋଦନ

# ଓଡ଼ିଶା ଉପରେ ୨୦୦୦ କୋଟିର ବୋଝ

### ମନରେଗା ତୁଳନାରେ ଖର୍ଚ୍ଚ ୫୫୦% ବଢ଼ିବ

### ସୁଭଦ୍ରା ଓ ଧାନ ସବ୍‌ସିଡି ପରେ ରାମ୍-ଜି ବୋଝ

■ ଭୁବନେଶ୍ୱର, ୨୧।୧୨ (ପ୍ରଦୀପ ଭାରତୀ): ସଂସଦର ଉଭୟ ଗୃହରେ ପାରିତ ହୋଇଥିବା ବିକଶିତ ଭାରତ-ରୋଜଗାରର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)-୨୦୨୫ (ଭିବି ଜି-ରାମ୍-ଜି) ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନମୋଦନ ମିଳିଛି। ଫଳରେ ଏହି ନୂତନ ଯୋଜନା ଏବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ର ସ୍ଥାନରେ କାର୍ଯ୍ୟକାରୀ ହେବା ନିଶ୍ଚିତ ହୋଇ ଯାଇଛି। ତେବେ ପୂର୍ବ 'ମନରେଗା' ଓ ନୂତନ 'ଭିବି ଜି-ରାମ୍-ଜି' ଯୋଜନା ମଧ୍ୟରେ ପରିବର୍ତ୍ତନ ଓ ଆର୍ଥିକ ସହାୟତା ଦୃଷ୍ଟିରୁ ରାଜ୍ୟଗୁଡ଼ିକ ଉପରେ ଅଧିକ ବୋଝ ପଡ଼ିବା ନିଶ୍ଚିତ ହୋଇଛି। ଏହି




କ୍ରମରେ ମନରେଗା ପରିବର୍ତ୍ତେ 'ରାମ-ଜି' କାର୍ଯ୍ୟକାରୀ ହେବା ଦ୍ୱାରା କେବଳ ଓଡ଼ିଶା ଉପରେ ୨୦୦୦ କୋଟି ଟଙ୍କାର ଆର୍ଥିକ ବୋଝ ପଡ଼ିବ ବୋଲି ଆକଳନ କରାଯାଇଛି।

ପୂର୍ବରୁ 'ମନରେଗା' ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ଭଳି ଓଡ଼ିଶା ମଧ୍ୟ ନଗଣ୍ୟ ଅର୍ଥ ଖର୍ଚ୍ଚ କରୁଥିଲା। ଏହି ଯୋଜନାର ସିଂହ ଭାଗ ଅର୍ଥ କେନ୍ଦ୍ର ସରକାର ବହନ କରୁଥିଲେ ଓ ରାଜ୍ୟ ସରକାର ନିଜର ଅଂଶଧନ ବାବଦରେ ଖୁବ୍ କମ୍ ଅର୍ଥ ବ୍ୟୟ କରୁଥିଲେ। ମାତ୍ର 'ଭିବି ଜି-ରାମ୍-ଜି' ଯୋଜନାରେ ଅନ୍ୟ ପ୍ରମୁଖ ଯୋଜନା ଭଳି ୬୦-୪୦ ହାରରେ କେନ୍ଦ୍ର ଓ ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରିବେ ବୋଲି ▶ପୃଷ୍ଠା-୭

## ଓଲଟିଲା ପିକ୍‌ନିକ ବସ୍

# ଜଣେ ମୃତ, ୧୭ ଆହତ

■ ପାତ୍ରପୁର, ୨୧।୧୨ (ସମିସ): ଜରଡ଼ା ଥାନା ଅନ୍ତର୍ଗତ ବୁରାତାଲ ନିକଟରେ ରବିବାର ସନ୍ଧ୍ୟାରେ ଏକ ପିକ୍‌ନିକ୍ ବସ ଓଲଟି ପଡ଼ିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୭ଜଣ ଆହତ ହୋଇଛନ୍ତି। ମୃତକ ହେଲେ, ବ୍ରହ୍ମପୁର ଶ୍ରୀରାମନଗର ଅଞ୍ଚଳର ରତନା ବିଷୋୟୀ (୪୮)। ଆହତମାନଙ୍କ ମଧ୍ୟରେ ଜିତେନ୍ଦ୍ର ଦାସ, ଗୋପାଳ ସେଠୀ, ମନୋଜ କୁମାର ସାହୁ, ଶିବ ପ୍ରସାଦ ପ୍ରଧାନ, ଶୁଭମ୍ କୁମାର ସାହୁ, କେ. ଗଣେଶ ▶ପୃଷ୍ଠା-୭



## ଏମିତି ଆମ ପୁଲିସ ବଦଳି ନୀତି

# ନିଜ ନିୟମକୁ ଦଳିମକଚି ଦେଲେ


### ■ ବଦଳି ସଂସ୍କାର ନାଁରେ ପ୍ରହସନ
### ■ ବୁକ୍ ସର୍କୁଲାର ଓ ଜିଏ ବିଭାଗ ଚିଠିର ଧଜିଆ ଉଡ଼ିଲା

■ ଭୁବନେଶ୍ୱର, ୨୧।୧୨ (ସମିସ): କୌଣସି ପୁଲିସ ଅଧିକାରୀ ଗୋଟିଏ ଜିଲ୍ଲାରେ ୬ ବର୍ଷ ଓ ଷ୍ଟେସନରେ ୩ ବର୍ଷରୁ ଅଧିକ ରହିପାରିବେନି। ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗର ଚିଠି ଆଧାରରେ ରାଜ୍ୟ ପୁଲିସ ବିଭାଗ ଗତ ନଭେମ୍ବରରେ ଏଭଳି ନିୟମ ଆଣିଥିଲା। ଖାଲି ନିୟମ ଆଣି ନଥିଲା, ଏହାକୁ କାର୍ଯ୍ୟକାରୀ ମଧ୍ୟ କରିଥିଲା। ପ୍ରତିବର୍ଷ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବଦଳି କରାଯିବ ବୋଲି ଉଲ୍ଲେଖ ରହିଥିଲା। ହେଲେ ନିୟମ କାର୍ଯ୍ୟକାରୀକୁ ଦୁଇମାସ ନ ପୂରୁଣୁ, ତାହାକୁ ପାସୋରିଗଲା ପୁଲିସ ବିଭାଗ। ଗତକାଲି ଇନ୍ସପେକ୍ଟର୍‌ମାନଙ୍କର ବଦଳି ବାତିଲ ବା ପରିବର୍ତ୍ତିତ ବଦଳି ତାଲିକା ପ୍ରକାଶ ପାଇବା ପରେ ଏଭଳି କଥା ସ୍ପଷ୍ଟ ହୋଇଛି। କାହା ଇଙ୍ଗିତରେ ପୁଲିସ ବିଭାଗ ନିଜ ନିୟମକୁ ଦଳିମକଚି ଦେଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୁକ୍ ସର୍କୁଲାର ୪୨ ଅନୁଯାୟୀ ଜଣେ ସରକାରୀ ଅଧିକାରୀ ଗୋଟିଏ ଷ୍ଟେସନରେ ୩ବର୍ଷରୁ ଅଧିକ ରହିପାରିବେ ନାହିଁ ଓ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଅନୁସାରେ ଦ୍ୱିତୀୟ ଶ୍ରେଣୀ କିମ୍ବା ତା'ଠାରୁ ଉର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ଗୋଟିଏ ଜିଲ୍ଲାରେ ୬ବର୍ଷରୁ ଅଧିକ ସମୟ କାମ କରିପାରିବେ ନାହିଁ। ଏହି ବଦଳି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ▶ପୃଷ୍ଠା-୭

## ଗୋପାଳପୁରରେ ପୁଣି ଲଜ୍ଜା

# ଜଙ୍ଗଲରେ ମହିଳାଙ୍କୁ ଦୁଷ୍କର୍ମ

■ ବ୍ରହ୍ମପୁର, ୨୧।୧୨ (ସମିସ): ଗୋପାଳପୁରରେ ପୁଣି ଲଜ୍ଜା। ବେଳାଭୂମିରେ ଜରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ମନରୁ ନ ଲିଭୁଣୁ ପୁଣି ଏହି ଥାନା ଅଞ୍ଚଳରେ ଥିବା ଏକ ଜଙ୍ଗଲରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା, ମଣି ଦାସ(୨୭)। ସୂଚନାନୁସାରେ, ଗୋପାଳପୁର ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଗତ ଗୁରୁବାର ସନ୍ଧ୍ୟାରେ ମଣି ଜୋରଜବରଦସ୍ତ ଏକ ସ୍କୁଟିରେ ନେଇ ନିକଟସ୍ଥ ଏକ ଜଙ୍ଗଲ ଭିତରେ ଦୁଷ୍କର୍ମ କରିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ମଣିକୁ ପୁଲିସ ନିଜ ଗ୍ରାମରୁ ଗିରଫ କରିବା ସହ ତା'ଠାରୁ ଗୋଟିଏ ସ୍କୁଟି ଓ ମୋବାଇଲ ଜବତ କରିଛି। ଏହାସହ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ବୟାନ ରେକର୍ଡ ସହ ଡାକ୍ତରୀମାଇନା କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।






# ଯନ୍ତ୍ରଣା ଭୋଗୁଛି ଚିରସ୍ରୋତା ବ୍ରାହ୍ମଣୀ



ତାଳଚେର,୨୧।୧୨(ସମିସ): ତାଳଚେରର ଜୀବନଧାରା ଭାବେ ପରିଚିତ ବ୍ରାହ୍ମଣୀ ନଦୀର ଜଳ ବିଷାକ୍ତ ହେବାରେ ଲାଗିଛି। ଶିଳ୍ପ ପ୍ରତିଷ୍ଠାନର ଅପରିଷ୍କାର ଜଳ ସିଧାସଳଖ ନଦୀରେ ମିଶୁଥିବାବେଳେ କମ୍ପାନୀ ଉପରେ ଲଗାମ କଷିବାକୁ କେହିନାହାନ୍ତି। ଏ ପ୍ରସଙ୍ଗରେ ପ୍ରଶାସନ ଏବଂ ସରକାର ଆଖି ବୁଜିଦେଇଛନ୍ତି। ଦିନକୁ ଦିନ ସମସ୍ୟା ସଙ୍ଗୀନ ହେଉଥିବାବେଳେ ଆଗାମୀ ଦିନରେ ତାଳଚେରବାସୀଙ୍କୁ ଏହାର ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ପରିବେଶବିତ୍ ମାନେ ଆଶଙ୍କା କଲେଣି। ଝାଡ଼ଖଣ୍ଡ ରାଜ୍ୟ ଛୋଟନାଗପୁର ମାଳଭୂମିରୁ ବାହାରିଥିବା ଶଙ୍ଖ ଏବଂ କୋଏଲ ନଦୀ ବେଦବ୍ୟାସଠାରେ ମିଶି ବ୍ରାହ୍ମଣୀ ନଦୀର ପରିଚୟ ପାଇଛି। ଦେବଗଡ଼, ତାଳଚେର, ଢେଙ୍କାନାଳ, ଯାଜପୁର, କେନ୍ଦ୍ରପଡ଼ା ଜିଲ୍ଲାର ହେକ୍ଟର ହେକ୍ଟର ଜମିକୁ ସୁଜଳା ସୁଫଳା କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି। କେବଳ ଏତିକି ନୁହେଁ, ବହୁ ଶିଳ୍ପାନୁଷ୍ଠାନକୁ ସମୃଦ୍ଧ କରିବା ସହ ପାନୀୟ ଜଳର ପ୍ରମୁଖ ଉତ୍ସ ପାଲଟିଛି ବ୍ରାହ୍ମଣୀ। ତେବେ ନଦୀ ଜଳର ସୁରକ୍ଷା ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଉ ନଥିବାରୁ ଏହା ମାତ୍ରାଧିକ ପ୍ରଦୂଷଣ ହେବାରେ ଲାଗିଛି। ଓଡ଼ିଶା ଭୂଖଣ୍ଡରେ ପ୍ରବାହିତ ପ୍ରାୟ ୫୪୧ କିମି ଏହି ବ୍ରାହ୍ମଣୀ ନଦୀ ତାଳଚେର ସମଲ ଠାରୁ ନଦୀଜଳ ସଂରକ୍ଷଣ ଲାଗି ବ୍ୟାରେଜ୍ ନିର୍ମାଣ ହୋଇଛି।

ରେଙ୍ଗାଳି ଜଳସେଚନ ପ୍ରକଳ୍ପ ମାଧ୍ୟମରେ ତାଳଚେର, ଢେଙ୍କାନାଳ, କଟକ ଜିଲ୍ଲାରେ ଚାଷଜମି ନିମନ୍ତେ ଜଳ ଯୋଗାଇଛି। ରେଙ୍ଗାଳିର ଦକ୍ଷିଣ କେନାଲ ମାଧ୍ୟମରେ ୪ଜିଲ୍ଲାର ପ୍ରାୟ ୧ଲକ୍ଷ ୨୧ହଜାର ୨ଶହ ହେକ୍ଟର ଓ ବାମ କେନାଲରେ ପ୍ରାୟ ୧ଲକ୍ଷ ୧୪ ହଜାର ୩ ଶହ ହେକ୍ଟର ଚାଷଜମିକୁ ଜଳସେଚନ କରାଯାଇଛି। ତେବେ ପ୍ରଶାସନିକ ଅପାରଗତା ଯୋଗୁଁ ଶିଳ୍ପସଂସ୍ଥାଗୁଡ଼ିକ ଦାୟିତ୍ୱହୀନ ଭାବେ ବ୍ରାହ୍ମଣୀ ଜଳ ପ୍ରଦୂଷଣ କରିବାରେ ଲାଗିଛନ୍ତି। ତାଳଚେରର ନନ୍ଦିର ନାଳ ଦେଇ ବର୍ଜ୍ୟ ନିଷ୍କାସିତ ହେଉଥିବାବେଳେ ଏହି ବର୍ଜ୍ୟ ଜଳ ନାଳ ମାଧ୍ୟମରେ ଆସି ନଦୀରେ ମିଶୁଛି। ଏପରିକି ନଦୀ କୂଳରେ ଥାଇ ମଧ୍ୟ ବିଶୁଦ୍ଧ ଜଳ ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଗ୍ରୀଷ୍ମପ୍ରବାହ ସମୟରେ ଚୁଆ ମାଧ୍ୟମରେ ସେମାନେ ଯେଉଁ ପାଣି ସଂଗ୍ରହ କରୁଛନ୍ତି ତାହା ମଧ୍ୟ ସ୍ୱାସ୍ଥ୍ୟ ଉପଯୋଗୀ ହୋଇ ପାରୁନାହିଁ। କେବଳ ସେତିକି ନୁହେଁ, ପଦୂଷଣ ପ୍ରଭାବରେ ମତ୍ସ୍ୟ ଉତ୍ପାଦନ ମଧ୍ୟ ପ୍ରଭାବିତ ହେଉଛି। ମତ୍ସ୍ୟଜୀବୀ ଜୀବିକା ହରାଇ ବସିଛନ୍ତି। ବ୍ରାହ୍ମଣୀ ନଦୀର ସୁରକ୍ଷା ପାଇଁ ବିଗତ ଦିନରେ ବିଭିନ୍ନ ସଂଗଠନ ସ୍ୱର ଉତ୍ତୋଳନ କରିଛନ୍ତି। "ବ୍ରାହ୍ମଣୀ ବଞ୍ଚାଅ' ନାରା ଦେଇ ସ୍ଥିତିର ଗମ୍ଭୀରତା ଭିତରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତଥାପି ନଦୀ ସୁରକ୍ଷା ନେଇ ଯେଉଁଭଳି ତତ୍ପରତା ପ୍ରକାଶ ପାଇବା କଥା, ତାହା ଦେଖିବାକୁ ମିଳୁନାହିଁ। ନଦୀ ପ୍ରଦୂଷଣର ମାତ୍ରା ପରିଖିବାକୁ କୌଣସି ବ୍ୟବସ୍ଥା ନଥିବା ବେଳେ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସ୍ୱତନ୍ତ୍ର ଯୋଜନା ଜରୁରୀ ହୋଇପଡ଼ିଥିବାବେଳେ ବ୍ରାହ୍ମଣୀ ସୁରକ୍ଷା ପ୍ରତି କାହାର ଆନ୍ତରିକତା ନାହିଁ। ନଦୀଜଳ ପ୍ରଦୂଷଣ ସାଙ୍ଘାତିକ ସ୍ଥିତିରେ ପହଞ୍ଚିଛି। ଏହି ନଦୀ ଜଳରେ ଗାଧୋଇବା ଫଳରେ ଚର୍ମରୋଗ ବ୍ୟାପୁଛି। ପାନୀୟଜଳ ଭାବେ ବ୍ୟବହାର କଲେ କିଡ୍‌ନୀ ରୋଗ ହେବା ଆଶଙ୍କା ରହିଛି। ସରକାର ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଏହାର ପ୍ରତିକାର ଲାଗି ସ୍ୱତନ୍ତ୍ର ଯୋଜାନା କରିବା ଜରୁରୀ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ମତପ୍ରକାଶ ପାଇଛି। କଇଁଛ ଓ ଜଳଚରଙ୍କ ପାଇଁ କାଳ ପାଲଟିଛି ବ୍ରାହ୍ମଣୀ ନଦୀ। ନଦୀ ପଠାରେ ପ୍ରତିବର୍ଷ ବହୁସଂଖ୍ୟାରେ ମଧୁରଜଳ କଇଁଛ ଅଣ୍ଡା ଦେଉଛନ୍ତି। ଶିଳ୍ପସଂସ୍ଥା ଦ୍ୱାରା ନଦୀଜଳ ପ୍ରଦୂଷିତ ହେବା ସହ କଇଁଛ ଓ ଜଳଚର ଜୀବମାନଙ୍କ ପାଇଁ କାଳ ସାଜିଥିବା ପରିବେଶବିତ୍ କ୍ଷୋଭ ପ୍ରକାଶ କରିଛନ୍ତି। ତେଣୁ ଏଥିପ୍ରତି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏ ଦିଗରେ ଅନୁଧ୍ୟାନ କରିବାସହ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ



କଣିହାଁ,୨୧।୧୨(ସମିସ): କଣିହାଁ ବ୍ଲକ୍ ରେଙ୍ଗାଳି ପ୍ରକଳ୍ପ ସେଣ୍ଟ ଜାରିୟର୍ସ ପବ୍ଲିକ ସ୍କୁଲର ନବମ ବାର୍ଷିକ ଉତ୍ସବ ଆଜି ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଦ୍ୱାରା ଛାତ୍ରଛାତ୍ରୀଙ୍କ ଉଭୟ ବୌଦ୍ଧିକ ଓ ଶାରୀରିକ ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ଶଶିକାନ୍ତ ସାମଲ ସଭାପତିତ୍ୱ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ଓଏଚ୍‌ପିସିର ବରିଷ୍ଠ ସାଧାରଣ ପରିଚାଳକ ସରୋଜ ବହିଦାର ଯୋଗଦେଇ ସମାଜରେ ଜଣେ ଭଲ ମଣିଷ ହେବାପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ଶାନ୍ତି ଏଜୁକେସନାଲ୍ ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଫକୀର ମୋହନ ସାମଲ, ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶର୍ମିଷ୍ଠା ଗଡ଼ନାୟକ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ବିଶ୍ୱଭାରତୀ ପ୍ରଧାନ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ସଦସ୍ୟ ଅଶୋକ ଗଡ଼ନାୟକ, ଡ. ନିରଞ୍ଜନ ସାମଲ, ଲୋକନାଥ ସାହୁ, ଅଭିଭାବକ ସଂଘ ସଭାପତି କିଶୋର ଚନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ପିକ୍ ଅପ୍ ଭ୍ୟାନ ପଛରେ ପିଟିହେଲା ବାଇକ୍; ଜଣେ ମୃତ

ବଇଣ୍ଡା,୨୧।୧୨(ସମିସ): କଟକ ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା କମରେଇ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ପିକ୍ ଅପ୍ ଭ୍ୟାନ୍ ପଛରେ ଏକ ବାଇକ୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବାଇକ୍ ଚାଳକ ବଇଣ୍ଡା ଧରଣୀଧର ପବ୍ଲିକ ସ୍କୁଲ୍‌ର ଅଧ୍ୟକ୍ଷ ସୌରଭ କୁମାର ମହାନ୍ତି (୪୨) ଙ୍କ ମୃତ୍ୟୁ ଘଟିଛି। ସୌରଭଙ୍କ ଘର ଜାମସେଦପୁର ଅଞ୍ଚଳରେ ହୋଇଥିବା ବେଳେ ସେ ରେଢ଼ାଖୋଲ ଅଞ୍ଚଳରେ ଭଡ଼ାରେ ରହୁଥିଲେ।

ଶନିବାର ରାତିରେ ସେ ତାଙ୍କ ବାଇକ୍ (ଓଆର୍ ୦୨ ବି ଜେଡ୍ ୩୫୧୮) ଯୋଗେ ବଇଣ୍ଡାରୁ ରେଢ଼ାଖୋଲ ଯାଉଥିବାବେଳେ କମରେଇ ନିକଟରେ ଅନୁଗୋଳରୁ ସମ୍ବଲପୁର ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ (ଏମ୍‌ପି ୦୯ ଡି ଡବ୍ଲୁ ୭୩୮୧) ପଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ବାଇକ୍ ଚାଳକ ସୌରଭ ଗୁରୁତର ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଲୋକେ ଓ ହଣ୍ଡପା ପୁଲିସ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ହଣ୍ଡପା ପୁଲିସ ଉଭୟ ବାଇକ୍ ସହ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି।

## ଅଜଣା ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର


ପାଲଲହଡ଼ା,୨୧।୧୨(ସମିସ): ରବିବାର ସନ୍ଧ୍ୟାରେ ତେଲକୋଇ ବ୍ଲକ୍ ନୂଆଡିହ ଗ୍ରାମର ବନମାଳୀ ନାୟକ(୭୦) ସାଇକଲ ଯୋଗେ ନିଜ ଗାଁ'କୁ ଯାଉଥିବା ବେଳେ ପାଲଲହଡ଼ା ଟାଉନରୁ ୨ କିଲୋମିଟର ଦୂର ୪୯ ନମ୍ବର ଜାତୀୟ ରାଜପଥ ମୁକ୍ତାପୁର ମନ୍ଦିର ଛକ ନିକଟରେ ଦୁର୍ଘଟଣା ଘଟିଛି। ଏଥିରେ ଶ୍ରୀ ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତାଙ୍କର ଗୋଟିଏ ଗୋଡ଼ ଭାଙ୍ଗି ଯାଇଛି। ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ଡାକ୍ତରଖାନାକୁ ପଠାଯାଇଛି।

## ସ୍କୁଲସ୍ତରରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ କରିବାକୁ ଆହ୍ୱାନ



ନାଲକୋ ନଗର,୨୧।୧୨ (ସମିସ): ଅନୁଗୋଳ ଜିଲ୍ଲା ନାଲ୍‌କୋ ସରସ୍ୱତୀ ବିଦ୍ୟା ମନ୍ଦିରର ୪୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅବସରରେ ଆଜି ଠାରୁ ପ୍ଲାଷ୍ଟିକ ମୁକ୍ତ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍କୁଲ ଅଧ୍ୟକ୍ଷ ଡ଼. ବିଶ୍ୱଜିତ୍ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସ୍କୁଲ ପରିସରରେ ସ୍କୁଲ ପରିଚାଳନା ସମିତି ସଦସ୍ୟ ତଥା ସିପିପି ପ୍ଲାଣ୍ଟର ଏ ଚ ଆଣ୍ଡ ଏ ପି.କେ.ସାହୁଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ସ୍କୁଲସ୍ତରରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏ ନେଇ ଛାତ୍ରଛାତ୍ରୀ ଶପଥ ପାଠ କରିଥିଲେ। ପ୍ଲାଷ୍ଟିକ ମୁକ୍ତ ପରିବେଶ ସମ୍ପର୍କିତ ସଚେତନତା ନେଇ ଏକ ନାଟକ ପରିବେଷଣ କରାଯାଇଥିଲା।

## ପାଲଲହଡ଼ା କପ୍ ୨୦୨୫: ଜୁଭେନିଲେ ଚାମ୍ପିଅନ



ପାଲଲହଡ଼ା,୨୧।୧୨(ସମିସ): ପାଲଲହଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୫ର ଉଦ୍‌ଯାପନୀ ମ୍ୟାଚ୍‌ରେ ୟୁନିକ୍ କ୍ରିକେଟ୍ କ୍ଲବ୍ କେନ୍ଦୁଝରକୁ ହରାଇ ଜୁଭେନିଲେ କ୍ଲବ୍, କଟକ ଚାମ୍ପିଅନ ହୋଇଛି। ପାଲଲହଡ଼ା ଷ୍ଟାଡିୟମରେ କବସ କ୍ଲବ ଦ୍ୱାରା ଆୟୋଜିତ ଏହି ଖେଳର ଫାଇନାଲ୍ ମ୍ୟାଚ ରବିବାର ୟୁନିକ୍ କ୍ରିକେଟ କ୍ଲବ, କେନ୍ଦୁଝର ଏବଂ ଜୁଭେନିଲେ କ୍ଲବ୍, କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଟକ ପ୍ରଥମେ ଟସ ଜିତି ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୫ ଓଭରରେ ୪ ୱିକେଟ ହରାଇ ୨୩୫ ରନ ସଂଗ୍ରହ କରିଥିଲା। ଜବାବରେ କେନ୍ଦୁଝର ସମସ୍ତ ୱିକେଟ ହରାଇ ୧୮.୩ ଓଭରରେ ୧୧୭ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ କଟକ ଦଳ ୧୧୮ ରନ୍‌ରେ ବିଜୟୀ ହୋଇଥିଲା। କଟକର ରାମଚନ୍ଦ୍ର ବେହେରା ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ। କଟକ ଦଳର ପ୍ରତୀକ ପୁହାନ ଶ୍ରେଷ୍ଠ ବୋଲର, ଜ୍ଞାନ ବଳିୟାର ସିଂ ଶ୍ରେଷ୍ଠ ଫିଲଡର ଭାବେ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ ଯୋଗଦେଇ ଟ୍ରଫି ସହିତ ଅର୍ଥରାଶି ପୁରସ୍କୃତି କରିଥିଲେ। କବସ କ୍ଲବ୍‌ର ସଭାପତି ଅଜିତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଫାଇନାଲ ଖେଳକୁ ଓସିଏ ଖେଳ ପରିଚାଳକ ଜୟକୃଷ୍ଣ ରାଉତ ଏବଂ ରଞ୍ଜିତ କୁମାର ସାମଲ ପରିଚାଳନା କରିଥିଲେ। କବସ କ୍ଲବ୍‌ର ସଭାପତି ସନ୍ତୋଷ ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ୍‌ର ସମ୍ପାଦକ ସୁବ୍ରତ କୁମାର ମହାନ୍ତି, ହରିହର ପାଣି, ବିଷ୍ଣୁ ପ୍ରସାଦ ଦାସ, ବିକାଶ ପ୍ରଧାନ, ରାଜ କୁମାର ସାହୁ, ମନୋରଞ୍ଜନ ପ୍ରଧାନ, ପ୍ରଶାନ୍ତ ଦାସ, ସକ୍ରାର ସାହୁ, ଅଭିଷେକ ସାହୁ, ସୁମନ ନାଏକ, ମୁନୁ ଦାଶ କୁମାର, ଲିଙ୍ଗରାଜ ଜେନା, କାର୍ତ୍ତିକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# 'ସଫଳତା ପାଇଁ ଶୃଙ୍ଖଳା ଅପରିହାର୍ଯ୍ୟ'



ଅନୁଗୋଳ,୨୧।୧୨(ସମିସ): ନାଲକୋନଗର ସରସ୍ୱତୀ ବିଦ୍ୟାମନ୍ଦିରରେ ୪୦ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରିପାଠୀଙ୍କର ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପୌରୋହିତ୍ୟ କରିଥିଲେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ତଥା ନାଲକୋ ସିଜିଏମ (କୋଲ ଆଣ୍ଡ ଆଶ) ଶୁଭେନ୍ଦୁ ଘୋଷ। ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ସିଜିଏମ (ସିଆରଜି)ପ୍ରଣବ କୁମାର ଦାସ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ଡ. କିଶୋର କୁମାର ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଭାରତୀ ପୂର୍ବ କ୍ଷେତ୍ର ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ପାଣିଗ୍ରାହୀ, ସିଜିଏମ୍(ଏଚ୍‌ଆର୍‌ଡି), ହିମାଂଶୁ ପ୍ରଧାନ, ସିଜିଏମ୍ (ସିପିପି) ସତ୍ୟବାଦୀ ମିଶ୍ର, ସିଜିଏମ୍ (ବିତ୍ତ) ଏଚ୍‌ଏସ୍ ପଣ୍ଡା, ଜିଏମ୍ (ଏଚଆରଡି) ପି କେ ସାହୁ, ଜିଏମ୍ (ବିତ୍ତ) ଏ କେ ସ୍ୱାଇଁ, ସିଜିଏମ ବି ସି ମହାରଣା, ପ୍ରାକ୍ତନ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଡିପିଏସ୍ ଅଧ୍ୟକ୍ଷ ପି କେ ଶର୍ମା, ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମ୍ପାଦକ ସୁଧାକର ପାଳ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ରଖିଥିଲେ। ପରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ଓଏଏସ ପାଇଥିବା ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସୁମିତ ସେଠଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଆସନ୍ତା୨୦୨୬ ରେ ଅବସର ନେବାକୁ ଥିବା ୧୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଇଂରାଜୀ ଶିକ୍ଷକ ଅନୀଲ କୁମାର ବିଶ୍ୱାଳଙ୍କ ରଚିତ କବିତା ସଂକଳନ 'ସାନଭିକା' ଲୋକାର୍ପିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନୃତ୍ୟ ଏବଂ ସଙ୍ଗୀତରେ ମାର୍ଗଦର୍ଶନ ଦେଇଥିଲେ ଶିକ୍ଷୟିତ୍ରୀ ସୁଜାତା ସାହୁ, ସୀତାକାନ୍ତ ମିଶ୍ର ଏବଂ ଈଶ୍ୱର ଚନ୍ଦ୍ର ସାହୁ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବରିଷ୍ଠ ଶିକ୍ଷୟିତ୍ରୀ ଅହିଂସା ପ୍ରିୟଦର୍ଶିନୀ ସେନାପତି, ଅନୀଲ ବିଶ୍ୱାଳ ଏବଂ ଦେବରାଜ ମୂଳିଆ, ସୁଶାନ୍ତ ତ୍ରିପାଠୀ, ସୁରେନ୍ଦ୍ର ପାଢ଼ୀ ଗଦାଧର ପାଣିଗ୍ରାହୀ। ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

● ଏବିକେପିର ବାର୍ଷିକ ମେଧାବୃତ୍ତି ପରୀକ୍ଷା

## ୪ଟି କେନ୍ଦ୍ରରେ ବସିଲେ ୩୯୮ ପରୀକ୍ଷାର୍ଥୀ

କଣିହାଁ,୨୧।୧୨(ସମିସ): ଆଞ୍ଚଳିକ ବିଦ୍ୟାର୍ଥୀ କଲ୍ୟାଣ ପରିଷଦ (ଏବିକେପି) ବିଜିଗୋଳ, କଣିହାଁ ପକ୍ଷରୁ ରବିବାର ବାର୍ଷିକ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। କଣିହାଁ ବ୍ଲକ୍‌ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଭାଗ ନେଇଥିଲେ।



ସରକାରୀ ଉପ୍ରା ବିଦ୍ୟାଳୟ, ହାତିଆଦଣ୍ଡା, ପିଏମଶ୍ରୀ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଣିହାଁ, ସରକାରୀ ଉଚ୍ଚ ବିଦ୍ୟାଳୟ ସମଲ ବ୍ୟାରେଜ ଓ ନନ୍ଦକିଶୋର ଉଚ୍ଚ ବିଦ୍ୟାଳୟ ସିପୁର ପରୀକ୍ଷା କେନ୍ଦ୍ରରେ ମୋଟ ୩୯୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରିଷଦର ଉପଦେଷ୍ଟା ତଥା ପ୍ରତିଷ୍ଠାତା ପଦ୍ମଚରଣ ମହାପାତ୍ର, ସଭାପତି ବେଣୁଧର ଦାସ, ସାଧାରଣ ସମ୍ପାଦକ ମୁନା ନାଏକ, ଉପସଭାପତି ସନ୍ତୋଷ ମହାପାତ୍ର, ଜୟନ୍ତୀ ଲତା ପ୍ରଧାନ, କୋଷାଧ୍ୟକ୍ଷ ଅମରେନ୍ଦ୍ର ମହାପାତ୍ର, ରେଙ୍ଗାଳି ଜୋନ ସଂପାଦକ ସନ୍ତୋଷ ମିଶ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମହର୍ଗା ପ୍ରଧାନ ପ୍ରମୁଖ ଚାରୋଟି କେନ୍ଦ୍ରରେ ପରିଷଦ ପକ୍ଷରୁ ପରୀକ୍ଷା ପରିଚାଳନା କରିଥିଲେ। କିଶୋର ଚନ୍ଦ୍ର ସାହୁ, ଦେବ ରଞ୍ଜନ ପ୍ରଧାନ, ଦୁର୍ଯ୍ୟୋଧନ ମହାନ୍ତି, ସୁଜିତ ସାମଲ, ବାବୁଲା ସାହୁ, ଜଗବନ୍ଧୁ ସାମଲ, ସଚ୍ଚିଦାନନ୍ଦ ଗଡ଼ନାୟକ, ପ୍ରମୋଦ କୁମାର ସାମଲ ପ୍ରମୁଖ ଶିକ୍ଷକ ପରୀକ୍ଷା ନିରୀକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରଧାନ ଶିକ୍ଷକ ଲିଙ୍ଗରାଜ ବେହେରା, ସିଦ୍ଧି ପ୍ରସାଦ ସାହୁ, ଚନ୍ଦନ କୁମାର ବେହେରା ଓ ମୁରଲୀଧର ପତି କେନ୍ଦ୍ର ଗୁଡିକର ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ ତୁଲାଇଥିଲେ। କଣିହାଁ ଗୋଷ୍ଠୀ ଶିକ୍ଷାଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ବିଭାଗୀୟ ସହଯୋଗ ଏବଂ ପରୀକ୍ଷା କେନ୍ଦ୍ରଗୁଡିକର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ନେତାଜୀ ଜୟନ୍ତୀରେ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି।

## ଓପି ଜିନ୍ଦଲ ସ୍କୁଲର ବାର୍ଷିକୋତ୍ସବ

ଅନୁଗୋଳ,୨୧।୧୨(ସମିସ): ଜିନ୍ଦଲନଗରସ୍ଥିତ ଓ.ପି. ଜିନ୍ଦଲ ସ୍କୁଲର ବାର୍ଷିକୋତ୍ସବ 'ମିଲାଞ୍ଜ' ଓ 'ପୁନରଭାରତ' ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିନ୍ଦଲ ମହିଳା ସମିତିର ସଭାପତି ସୀମା ମଲହାନ ଓ ଅନିତା ମିତ୍ତଲ, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲର ଉପ-ସଭାପତି ତଥା ପ୍ରଶାସନିକ ମୁଖ୍ୟ କର୍ଣ୍ଣେଲ ସୁଦୀପ ମାଜୀ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ



ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅନୁଗୋଳର ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ସମ୍ମାନିତ ଅତିଥି ଭାବେ ଜିନ୍ଦଲ ଷ୍ଟିଲ୍, ଅନୁଗୋଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇନଚାର୍ଜ) ତଥା ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ପଙ୍କଜ ମଲହାନ, ଜିନ୍ଦଲ ଷ୍ଟିଲ, ଅନୁଗୁଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ ଓ ଆଇରନ୍ ଜୋନ୍) ତଥା ବିଦ୍ୟାଳୟ ପରିଚାଳନା କମିଟିର ଉପାଧ୍ୟକ୍ଷ ଦାମୋଦର ମିତ୍ତଲ, ମାନବ ସମ୍ବଳ ବିଭାଗର ସଭାପତି ଦିଲ୍ଲୀପ କୁମାର ସିହ୍ନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଶ୍ୱିନୀ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଥମ ସନ୍ଧ୍ୟାରେ 'ମିଲାଞ୍ଜ' ଉତ୍ସବରେ ନର୍ସରୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୭୦୦ ଛାତ୍ରଛାତ୍ରୀ ଏବଂ ଦ୍ୱିତୀୟ ସନ୍ଧ୍ୟାର 'ପୁନରଭାରତ' ଉତ୍ସବରେ ଷଷ୍ଠ ଶ୍ରେଣୀ ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ୫୦୦ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ନିଟ୍, ଜେଇ ମେନ ଓ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାର ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବେଷ୍ଟ ହାଉସ (ସିସିଏ) ସରୋଜିନୀ ହାଉସ, ବେଷ୍ଟ ହାଉସ (ଏକାଡେମିକ) ଆଜାଦ ହାଉସ, ଏବଂ ବେଷ୍ଟ ହାଉସ (ସାମଗ୍ରିକ) ରାମାନୁଜନ ହାଉସକୁ ବିଜୟୀ ଏବଂ ବେଷ୍ଟ ହାଉସ (ସାମଗ୍ରିକ) ଭାବେ ସରୋଜିନୀ ହାଉସକୁ ରନର୍ସ ଅପ ଘୋଷଣା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଭୟ ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଉପାଧ୍ୟକ୍ଷ ଡଃ ଅରୁଣ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଟାରୀ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପିତ

# 'ମା', ମାଟି ଆଉ ମାତୃଭାଷା ସହ ଛାତ୍ରଛାତ୍ରୀ ଜଡ଼ିତ ହୁଅନ୍ତୁ'

ଅନୁଗୋଳ,୨୧।୧୨(ସମିସ): ଅନୁଗୋଳ ରୋଟାରୀ ପବ୍ଲିକ୍ ସ୍କୁଲର ୫୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ସମ୍ବାଦ' ସମ୍ପାଦିକା ତନୟା ପଟ୍ଟନାୟକ ମୁଖ୍ୟ ଅତିଥି ଏବଂ ବ୍ୟଙ୍ଗ କବି ଡ. ଧର୍ମଛଡ଼ା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାର୍ଷିକୋତ୍ସବ 'ଏମ୍ପିରିଆନ୍ - ୨୦୨୫-୨୬ 'କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ସୁନାଗରିକ ହେବା ସହ ମା', ମାଟି ଆଉ ମାତୃଭାଷା ସହ ଜଡ଼ିତ ହୁଅନ୍ତୁ ବୋଲି କହିଥିଲେ। ସେହିପରି ଶନିବାର ଉଦ୍‌ଯାପନୀ ଉତ୍ସବରେ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ ମୁଖ୍ୟ ଅତିଥି ଏବଂ ଡ. ସାଗର ପ୍ରଧାନ, ଓଡ଼ିଆ ଚଳଚ୍ଚିତ୍ର ଗାୟିକା ରାଜନନ୍ଦିନୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଦୁଇ ଦିନରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଭିନ୍ନ ଭାଷାରେ ଚାରୋଟି କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା।






ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡାଙ୍କ ରଚନା ଏବଂ ନିର୍ଦ୍ଦେଶନାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ନାଟକ 'ହେ ମଣିଷ, କାନ୍ଦିବା ଆସ' ମଞ୍ଚସ୍ଥ ହୋଇଥିଲା। ସତ୍ୟବାନ ବେହେରା ଏବଂ ବିଦ୍ୟାଧରଙ୍କ ସଙ୍ଗୀତ ଖୁବ୍ ହୃଦୟସ୍ପର୍ଶୀ ଥିଲା। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ନିର୍ମଳ କୁମାର ମିଶ୍ର, ବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ କୁମାର ବେହେରା, ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡା ଏବଂ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପଲତା ଦାସ ସମସ୍ତ ଆୟୋଜନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି, ରୋଟାରୀ କ୍ଲବ୍, ଅନୁଗୋଳର ସମସ୍ତ ସଭ୍ୟ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶୁଭେଚ୍ଛୁ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଶ୍ୱେତା ସିମ୍ରନ ଏବଂ ଶୁଭଲକ୍ଷ୍ମୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ଉତ୍ସବ

ରାଜନଗର, ୨୧।୧୨: ଗର୍ଜନପୁରସ୍ଥ ସତସଙ୍ଗ କେନ୍ଦ୍ରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ ଓ ସତସଙ୍ଗ ଶ୍ରୀମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ କମିଟି ସଭାପତି ରବୀନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟୁଷରେ ବେଦ ମାଙ୍ଗଳିକ, ନହବତ ଓ ଉଷାକୀର୍ତ୍ତନ, ପ୍ରାତଃ ବିନତି, ସଦଗ୍ରନ୍ଥ ପାଠ, ସଙ୍ଗୀତାଞ୍ଜଳି ଓ ଉତ୍ସବ ଉଦଘାଟନ, ପୂର୍ବାହ୍ନ ୯ ଟାରେ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ବସାଇ ତ୍ରିନାଥ ବଜାର, ଗୋପାଳପୁର ବଜାର, ରାଜନଗର ଗାଁ ପରିକ୍ରମା କରିଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ବିଜେଡି ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ବୈଠକ

ମହାକାଳପଡ଼ା, ୨୧।୧୨(ସମିସ): ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ୨୬ ତାରିଖରେ ମହାକାଳପଡ଼ାରେ ପାଳନ କରାଯିବା ନେଇ ପ୍ରସ୍ତୁତି ବୈଠକ ମହାକାଳପଡ଼ା ପାର୍ଟି କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଛି। ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପରିଷଦ ସଦସ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ସୁରଭି ଜେନା, ରବୀନ୍ଦ୍ର ପାଲ, ଅଶୋକ ମହାପାତ୍ର, ବିଜୟ ଜେନା, ବୁକୁନି ପରିଡ଼ା, ଅରବିନ୍ଦ ଜେନା, ନିମାଇଁ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କିରଣ ରାଜ୍ୟ ସ୍ତରକୁ ମନୋନୀତ



ରାଜନଗର, ୨୧।୧୨(ସମିସ): ଡାଙ୍ଗମାଳସ୍ଥ ପିଏମଶ୍ରୀ ନାଗନାରାୟଣ ସରକାରୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର କିରଣ ବେହେରା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓସ୍ତା) ଦ୍ୱାରା ଆଳିର ସହଦେବ ନୋଡାଲ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ଶିଶୁ ଉତ୍ସବ ପ୍ରତିଯୋଗିତାରେ କଣ୍ଠ ସଙ୍ଗୀତରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। କଟକରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବେ।

## ସଂସ୍କୃତି ଭବନରେ ଗୀତା ଜ୍ଞାନଯଜ୍ଞ

କେନ୍ଦ୍ରାପଡ଼ା, ୨୧।୧୨(ସମିସ): ଉଦୟନଗର ସଂସ୍କୃତି ଭବନରେ ଗୀତା ଜ୍ଞାନ ଯଜ୍ଞ ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ହୋଇଯାଇଛି। ତିନିଦିନିଆ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ୬୦୦ରୁ ଅଧିକ ଭକ୍ତମଣ୍ଡଳୀ ଯୋଗ ଦେଇଥିଲେ। ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ମୁଖ୍ୟ ପ୍ରବକ୍ତା ଭାବେ ଯୋଗଦେଇ ଶ୍ରୀମଦ୍ ଭଗବତ୍ ଗୀତାର ଚତୁର୍ଥ ଅଧ୍ୟାୟର ୨୫ରୁ ୨୮ ନମ୍ବର ଶ୍ଳୋକରେ ଗଭୀର ବିଶ୍ଳେଷଣ କରିଥିଲେ। ଯଜ୍ଞର ଦ୍ୱିତୀୟ ଦିବସରେ ଭକ୍ତମଣ୍ଡଳୀଙ୍କ ପାଇଁ କ୍ରିୟାଯୋଗ ଦୀକ୍ଷା ପ୍ରଦାନ କରାଯାଇଥିଲା। ଏହି ପବିତ୍ର ଦୀକ୍ଷାରେ ଅନେକ ଶ୍ରଦ୍ଧାଳୁ ଯୋଗଦେଇ ଆଧ୍ୟାତ୍ମିକ ଯାତ୍ରାରେ ନୂତନ ପଥରେ ପ୍ରବେଶ କରିଥିଲେ। ୧୨୫ ଜଣ ଶ୍ରଦ୍ଧାଳୁଙ୍କୁ କ୍ରିୟାଯୋଗରେ ଦୀକ୍ଷିତ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଆୟୋଜକ ମଣ୍ଡଳୀ ଭଗବତ୍ ଗୀତାର ଶିକ୍ଷାକୁ ଦୈନିକ ଜୀବନରେ ଅନୁପ୍ରୟୋଗ କରିବାର ପ୍ରାସଙ୍ଗିକତାକୁ ଉଲ୍ଲେଖ କରିଥିଲେ।

## ବରିଷ୍ଠ ନାଗରିକଙ୍କ ନିବାସରେ ଜନ୍ମଦିନ ପାଳନ

ମହାକାଳପଡ଼ା, ୨୧।୧୨(ସମିସ): ଖରିନାସୀ ପଞ୍ଚାୟତସ୍ଥ ବରିଷ୍ଠ ନାଗରିକ ନିବାସରେ ଜନ୍ମଦିନ ପାଳନ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ସାମ୍ବାଦିକ ନାମବ୍ରହ୍ମ କର। ନିବାସର ଅନ୍ତେବାସୀ ବରିଷ୍ଠ ନାଗରିକ ଓ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଫଳ, ବିସ୍କୁଟ, ମିଷ୍ଟାନ ବଣ୍ଟନ କରିଥିଲେ। ଅନ୍ତେବାସୀଙ୍କ ଗହଣରେ କେକ୍ କାଟିଥିଲେ। ବରିଷ୍ଠ ସାମ୍ବାଦିକ ନିରଞ୍ଜନ ପରିଡ଼ା, ନମିତା ନାୟକ, ସୂର୍ଯ୍ୟପ୍ରକାଶ ପାଣି, ଯୁବ ସଂଗଠକ ଉତ୍ତମ ସ୍ୱାଇଁ ଓ ଲିଟୁ ଦାସ ପ୍ରମୁଖ ସାମିଲ ଥିଲେ।

## ଆଜିଠୁ କନିକା ବିଦ୍ୟାଳୟର ହୀରକ ଜୟନ୍ତୀ

ରାଜକନିକା, ୨୧।୧୨(ସମିସ): ଆୟତନଠାରେ ଅବସ୍ଥିତ କନିକା ସରକାରୀ ଉଚ୍ଚବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଆସନ୍ତାକାଲିଠୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଶିକ୍ଷାପ୍ରେମୀଙ୍କ ଉଦ୍ୟମରେ ୧୯୬୦ରେ ପ୍ରତିଷ୍ଠା ହୋଇଥିବା ଏହି ଶିକ୍ଷାନୁଷ୍ଠାନ ଶିକ୍ଷାର ପ୍ରସାରରେ ଗୌରବୋଜ୍ଜ୍ୱଳ ଭୂମିକା ଗ୍ରହଣ କରିଛି। ଦୀର୍ଘ ୬୫ ବର୍ଷ ଧରି ଶିକ୍ଷାର ବିକାଶରେ ବିଶେଷ ଭୂମିକା ନିଭାଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ସହ ରାଜ୍ୟର ପ୍ରମୁଖ ରାଜନୈତିକ ନେତୃତ୍ୱ, ଶିକ୍ଷାବିତ, ସମାଜସେବୀ ଅତିଥି ଭାବେ ଯୋଗଦେବେ ବୋଲି ହୀରକ ଜୟନ୍ତୀ ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ମାର୍ଶାଘାଇ, ୨୧।୧୨(ସମିସ): ଦୁମୁକା ବାପୁଜୀ ବିଦ୍ୟାପୀଠ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ନିବେଦିତା ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଏବିଓ, ବିଆରସିସି ସୁଶାନ୍ତ ବେଉରା ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଗୀତାଞ୍ଜଳି ସ୍ୱାଇଁ, ଶିକ୍ଷକ ପ୍ରଭାତ ରାଉତରାୟ, ଜଗବନ୍ଧୁ ମାଝୀ, ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ସାହୁ, ମିନତପ୍ରଭା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କର୍ମଶାଳାରେ ୮ ଟି ବିଦ୍ୟାଳୟର ୨୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଶିକ୍ଷୟିତ୍ରୀ ନିହାରିକା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକଙ୍କ ଭରଣପୋଷଣ କଲ୍ୟାଣ ଅଧିନିୟମ ସଚେତନତା କର୍ମଶାଳା

କେନ୍ଦ୍ରାପଡ଼ା, ୨୧।୧୨(ସମିସ): କେନ୍ଦ୍ରାପଡ଼ା ବ୍ଲକ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ବିଭାଗ ଆନୁକୂଲ୍ୟରେ ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷ, କଲ୍ୟାଣ ଅଧିନିୟମ- ୨୦୦୭ ସମ୍ପର୍କରେ ସଚେତନତା ସଭା ଓସ୍ତପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଡିଓ ଅଭିଷେକ ସ୍ୱାଇଁ, ସହକାରୀ ଏଲଏଡିସିଓ ଦେବାଶିଷ ସାହୁ, ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ ପ୍ରମୁଖ ଯୋଗଦେଇ ନିଜ ମତ ପ୍ରକାଶ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେହେରା ଅଧ୍ୟକ୍ଷତା କରିଥିଲେ। ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଦୀପ୍ତା ମହାପାତ୍ର ସଭା ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ଭିତରକନିକା ମୁହାଁ ପର୍ଯ୍ୟଟକ**

# ଗୋଟାଏ ଦିନରେ ୧୩୭ ବୋଟ୍‌ରେ ୨୮୬୪ ପର୍ଯ୍ୟଟକ

ରାଜନଗର, ୨୧।୧୨(ସମିସ)



ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣଭୂମି ପାଲଟିଯାଇଛି ଏବେ ପର୍ଯ୍ୟଟକଙ୍କ ଭୂସ୍ୱର୍ଗ। ଆଗକୁ ନୂଆବର୍ଷ ଥିବାରୁ ପର୍ଯ୍ୟଟକ ଏବେ ଭିତରକନିକା ମୁହାଁ। ଆଜି ପର୍ଯ୍ୟଟକଙ୍କ ଖଚାଖଚ ଭିଡ଼ ଦେଖିବାକୁ ମିଳିଛି। ଆଜି ଗୋଟିଏ ଦିନରେ ୨୮୬୪ ଜଣ ପର୍ଯ୍ୟଟକ ୧୩୭ଟି ବୋଟରେ ନୌବିହାର କରି ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଜଳପଥରେ ଆସିଥିବା ପର୍ଯ୍ୟଟକ ଭିତରକନିକାର ପ୍ରାକୃତିକ ପରିବେଶରେ ନଦୀପଠାରେ ଖରା ପଉଁଥିବା କୁମ୍ଭୀର ଦେଖି ବିମୋହିତ ହୋଇଥିଲେ। ଡାଙ୍ଗମାଳରେ ପୋଖରୀରେ ଆବଦ୍ଧ ଧଳା କୁମ୍ଭୀର ଗୋରୀ ଓ ମଲ୍ଲୀକୁ ଦେଖିଥିଲେ।

ଡାଙ୍ଗମାଳଠାରେ ଲୁଣାଜଙ୍ଗଲ ନର୍ସରୀ, ମ୍ୟୁଜିୟମ, ସହିଦ୍ ସ୍ତମ୍ଭ, ସ୍କାଏଓକ ବ୍ରିଜ ସମେତ ବୋଟ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ। ଖୋଲା ଏଣ୍ଟ୍ରି ପଏଣ୍ଟ ଦେଇ ୯୮ଟି ବୋଟ୍‌ରେ ୧୧୪୭ ଜଣ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିବାବେଳେ ଗୁପ୍ତି ଏଣ୍ଟ୍ରି ପଏଣ୍ଟ ଦେଇ ୨୭ ବୋଟରେ ୩୭୮ ଜଣ ପର୍ଯ୍ୟଟକ, ଚାନ୍ଦବାଲି ଏଣ୍ଟ୍ରି ପଏଣ୍ଟ ଦେଇ ୧୨ଟି ବୋଟରେ ୧୮୧ ପର୍ଯ୍ୟଟକ ଓ ଡାଙ୍ଗମାଳ ମୁଖ୍ୟ ଗେଟ୍ ଦେଇ ସ୍ଥଳପଥରେ ୧୧୫୮ ଜଣ ପର୍ଯ୍ୟଟକ ଭିତରକନିକା ଶୋଭା ଉପଭୋଗ କରିଥିଲେ। ଭିତରକନିକା ଆସୁଥିବା ପର୍ଯ୍ୟଟକ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଜାତୀୟ ଉଦ୍ୟାନରେ ଭିଡ ଜମାଇଥିବା ବିରଳ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ଆମେରିକା, ପାକିସ୍ତାନ, ଜାପାନ, ଶ୍ରୀଲଙ୍କା, ବାଂଲାଦେଶ ଆଦି ବିଦେଶୀ ପକ୍ଷୀଙ୍କ ସହିତ ଦେଶୀୟ ପକ୍ଷୀଙ୍କ କାକଳିରେ ବିମୋହିତ ହୋଇପଡୁଛନ୍ତି ପର୍ଯ୍ୟଟକ। ଭିତରକନିକାରେ ଥିବା ବିରଳ ବଉଳା କୁମ୍ଭୀର, ଶହ ଶହ ସଂଖ୍ୟାରେ ହରିଣ, ବାର୍‌ହା, ସମ୍ବର, ଫିସିଂ କ୍ୟାଟ୍, ହାଏନା, ଝିଙ୍କ ସହିତ ପାଣିଗୋଧି, ଅଜଗର, ଅହିରାଜ ଆଦି ସରୀସୃପ ଭଳି ବିରଳ ପ୍ରାଣୀ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ପ୍ରକୃତି ଓ ପରିବେଶ ମଧ୍ୟରେ ଭିତରକନିକାକୁ ପାଖରେ ଦେଖିବା ପାଇଁ ଏବେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଭିଡ ଜମାଉଛନ୍ତି।

## ଡେରାବିଶ ମହୋତ୍ସବ ପ୍ରସ୍ତୁତି ବୈଠକ

ଡେରାବିଶ, ୨୧।୧୨(ସମିସ): ଦୁମୁକାହାଟସ୍ଥ ମିନି ଷ୍ଟାଡ଼ିୟମ ପରିସରରେ ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହେବ ଚତୁର୍ଦ୍ଦଶତମ ଡେରାବିଶ ମହୋତ୍ସବ। ଡେରାବିଶ ସାଂସ୍କୃତିକ ସଂଗଠନ ଓ ଜିଲ୍ଲା ପ୍ରଶାସନର ସହଯୋଗରେ ୭ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ନିମନ୍ତେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆଜି ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ତିଳକପୁରସ୍ଥ ସଂଗଠନ କାର୍ଯ୍ୟାଳୟରେ ଉପସଭାପତି ନିଗମ ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସମ୍ପାଦକ ସରୋଜ ଦାଶ ମହୋତ୍ସବକୁ ଅଧିକ ଶୃଙ୍ଖଳିତ କରିବାକୁ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ନିବେଦନ କରିଥିଲେ। ମହୋତ୍ସବରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା, କବିସମ୍ମେଳନ ଓ କୁନି କଳାକାରଙ୍କ ପ୍ରତିଭା ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯାଇଥିବା ସମ୍ପାଦକ ସୂଚନା ଦେଇଥିଲେ। ଡେରାବିଶ ଥାନା ଅଧିକାରୀ ଅମ୍ବିକା ଦାସ ମହୋତ୍ସବରେ ଆଇନଶୃଙ୍ଖଳା ଉପରେ ଥାନା ପକ୍ଷରୁ ଅଧିକ ଦୃଷ୍ଟି ଦିଆଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଗ୍ନିଶମ ଅଧିକାରୀ ବନମାଳି ମାଝି ଯୋଗଦେଇ ତାଙ୍କ ବିଭାଗ ପକ୍ଷରୁ ଦୁଇଟି ଗାଡ଼ି ଓ କର୍ମଚାରୀଙ୍କୁ ନିୟୋଜିତ ପାଇଁ ସେ ବ୍ୟବସ୍ଥା କରିଥିବା କହିଥିଲେ। ବୈଠକରେ ସଂଗଠନ ଉପଦେଷ୍ଟା ସରୋଜ ସାହୁ, ହଳଧର ଦାସ, ସଚ୍ଚିଦାନନ୍ଦ ରଥ, ପଣ୍ଡିତ ଶରତ ମିଶ୍ର, ଅଧ୍ୟାପକ ପ୍ରଭାକର ସାମଲ, ମହେନ୍ଦ୍ର ସିଂହ, ପ୍ରମୋଦ ବେହେରା ଓ ଗୌରାଙ୍ଗ ସାହୁ, ଅଧ୍ୟାପକ ଗୋଲଖ ମହାଭୋଇ, ଆଇନଜୀବୀ ଶାନ୍ତିସ୍ୱରୁପ ଭୂୟାଁ, ରାମଚନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ।



## ଡଲଫିନ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

ମାର୍ଶାଘାଇ, ୨୧।୧୨(ସମିସ): ମାର୍ଶାଘାଇ ବ୍ଲକ ଶିଳିପୁର ଡଲଫିନ ଆବାସିକ +୨ ବିଜ୍ଞାନ ବିଦ୍ୟାଳୟ ଓ ଡାଫୋଡିଲ୍ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ୧୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି



ଏବିଇଓ ସୁଶାନ୍ତ ବେଉରା, ସମ୍ମାନିତ ଅତିଥି ଏବିଡିଓ ଇତିଶ୍ରୀ ପଣ୍ଡା, ଏଲଏନ ମହାବିଦ୍ୟାଳୟ ଅଧ୍ୟାପକ ସୁଶାନ୍ତ ପରିଡ଼ା, ଶିକ୍ଷକ ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ଡଲଫିନ ଗ୍ରୁପ ଅଫ ଏଜୁ୍ୟକେସନାଲ ଇନଷ୍ଟିଚ୍ୟୁଟ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ମତବ୍ୟକ୍ତ କରିଥିଲେ। ମାର୍ଶାଘାଇ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡଲଫିନ ଶିକ୍ଷା ପ୍ରତିଷ୍ଠାନ ପ୍ରତିଷ୍ଠାତା ତାପସ ପଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଅଧ୍ୟକ୍ଷା ଅମ୍ରିତା ପଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଡଲଫିନ-ଡାଫୋଡିଲ୍ସ ଡାଇରେକ୍ଟର ତୁଷାର ପଲ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବା କହିଥିଲେ। ଅଧ୍ୟକ୍ଷା ଅମ୍ରିତା ପାଲ୍, ଉପାଧ୍ୟକ୍ଷ ଅମରେନ୍ଦ୍ର ବେହେରା, ଶିକ୍ଷକ କାହ୍ନୁଚରଣ ବେହେରା, ପ୍ରମିତ ଦାସ, ଲିପିକା ଚାନ୍ଦ, ପ୍ରଭାତ ସ୍ୱାଇଁ, ସୌଦାମିନୀ ସାହୁ, ଅନୁପମା ରଥ, ସଂଯୁକ୍ତା ସାମଲ ପ୍ରମୁଖ ସହଯୋଗ କରିଥିଲେ। ପ୍ରତ୍ୟୁଷା ପ୍ରିୟଦର୍ଶିନୀ ସାହୁ, କନିଷ୍କ ମାହେଶ୍ୱରୀ, ଅଲିଭା ଖଟୁଆଙ୍କ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ନିର୍ଦ୍ଦେଶକ ତୁଷାର ପଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଳି କଂଗ୍ରେସ ପକ୍ଷରୁ ମୋଦୀ ଓ ଶାହାଙ୍କ କୁଶପୁତ୍ତଳିକା ଦାହ

ଆଳି, ୨୧।୧୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ନ୍ୟାସନାଲ ହେରାଲ୍ଡ ମାମଲାରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ ନୈତିକ ବିଜୟ ଓ ବିଜେପି ଦଳର ମିଥ୍ୟା ଅଭିଯୋଗର ବିରୁଦ୍ଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରିଛି ଆଳି କଂଗ୍ରେସ। ଜିଲ୍ଲା କଂଗ୍ରେସ ସଭାପତି ଡା. ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଆଳି ନୂଆ ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ। ସେଠାରେ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଳି ଓ ରାଜକନିକା ବ୍ଲକ ସଭାପତି ରବିନାରାୟଣ ବେହେରା ଓ ମଙ୍ଗୁଳି ଚରଣ ବେହେରାଙ୍କ ସହ ପିସିସି ସଭ୍ୟ ବାବୁରାମ ଜେନା, ବରୁଣାଡ଼ିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ପ୍ରମିଳା ସାହୁ, ରଙ୍ଗଲାଲ ମଲିକ, ସତ୍ୟବ୍ରତ ପରିଡ଼ା, ଉମେଶ ପରିଡ଼ା, ଜୋନ୍ ସଭାପତି ଦର୍ପନାରାୟଣ ସାହୁ, ଅଭିରାମ ବିଶ୍ୱାଳ, ପ୍ରମୋଦ ପତି, ଚିରଞ୍ଜିବୀ ପଲାଇ, ରଜନୀକାନ୍ତ ସାହୁ, ରାକେଶ ଦାସ, ପୂର୍ବତନ ସରପଞ୍ଚ ସନ୍ତୋଷ ମଲିକ ପ୍ରମୁଖ ଯୋଗ ଦେଇଥିଲେ।




## ମହାବିଦ୍ୟାଳୟ ସ୍ତରୀୟ କ୍ରିକେଟ୍ ମ୍ୟାଚ୍

ରାଜନଗର, ୨୧।୧୨(ସମିସ): ଖେଲୋ ଭାରତ ପକ୍ଷରୁ ମହିଁସାସୁର ପଞ୍ଚାୟତ ପଡ଼ିଆରେ ମହାବିଦ୍ୟାଳୟ ସ୍ତରୀୟ କ୍ରିକେଟ ମ୍ୟାଚ



ଅନୁଷ୍ଠିତ ହୋଇଛି। ରାଜନଗର ବ୍ଲକର ସମସ୍ତ କଲେଜ ଛାତ୍ର ଏଥିରେ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ରାଜନଗର ମହାବିଦ୍ୟାଳୟର କଳା ବିଭାଗ ଟିମ ବାଣିଜ୍ୟ ବିଭାଗକୁ ହରାଇ ଚାମ୍ପିଅନ୍ ହୋଇଛି। ଜାନୁଆରୀ ୧୨ ତାରିଖରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଯୁବା ଦିବସ ରୂପେ ସାରା ଦେଶ ପାଳନ କରିଥାଏ। ଏ ଅବସରରେ ଖେଲୋ ଭାରତ ପକ୍ଷରୁ ବିଭିନ୍ନ ବ୍ଲକ ଓ ଜିଲ୍ଲା ସ୍ତରରେ ବିଭିନ୍ନ ଖେଳ ଅନୁଷ୍ଠିତ ହେଉଛି। ଯୁବ ଦିବସରେ ବିଜେତା ଟିମ୍‌କୁ ପୁରସ୍କୃତ କରାଯିବ। ଉଦ୍‌ଘାଟନ ଉତ୍ସବରେ ମହିଷାସୁର ପଞ୍ଚାୟତ ସରପଞ୍ଚ ଅଶୋକ ମହାନ୍ତି ମୁଖ୍ୟଅତିଥି, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସଭାପତି ଅଧ୍ୟାପିକା ତନୁଶ୍ରୀ ମିଶ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପ୍ରଧ୍ୟାପକ ସଞ୍ଜୟ ବାଗ, ସାମ୍ବାଦିକ ଦୋଳଗୋବିନ୍ଦ ଜେନା, ତାପସ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ପରିଡ଼ା, ସୌମ୍ୟକାନ୍ତ ଦାସ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ଜେଜେବାପା, ଜେଜେମାଆ ପୂଜନ

ପଟ୍ଟାମୁଣ୍ଡାଇ, ୨୧।୧୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ରାଧାରମଣ ମଠ ପରିସରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେବାପା ଓ ଜେଜେମାଆ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅମ୍ବୁଜ ନାୟକ ଏହାକୁ ଉଦଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟ ପ୍ରଭୁଦତ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଯୋଗଗୁରୁ ସଞ୍ଜୟ ମଥାନ ମୁଖ୍ୟଅତିଥି ଭାବେ ଯୋଗଦେଇ କୋମଳମତି ଶିଶୁଙ୍କ ଚରିତ୍ର ଗଠନରେ ବାପାମାଆଙ୍କ ଅପେକ୍ଷା ଜେଜେ ଜେଜେମାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ସହକାରୀ ଆଚାର୍ଯ୍ୟ ସୌମ୍ୟରଞ୍ଜନ ଦାଶ ସ୍ୱାଗତ ଭାଷଣ ଓ ବରିଷ୍ଠ ଆଚାର୍ଯ୍ୟା ସୁଲୋଚନା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଆଚାର୍ଯ୍ୟ ପ୍ରଭାକର ସାହୁ ଧନ୍ୟବାଦ ଦେଇଥିଲେ। ସହକାରୀ ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ସୂତାର, ବିଶ୍ୱରୂପା ବିଶ୍ୱାଳ, ମମତା ଦେ, କ୍ରିଷ୍ଣାରାଣୀ ଦାସ, ଲିପ୍ସା ସାହୁ, ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ସୁଜ୍ଞାନୀ ପାଢ଼ୀ, ସଙ୍ଗୀତା ପ୍ରଧାନ, ସୁଚିତ୍ରା ମହାନ୍ତି, ସଙ୍ଗୀତା ନାୟକ, ଚିନ୍ମୟୀ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୀଣାପାଣି ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ମହାକାଳପଡ଼ା, ୨୧।୧୨(ସମିସ): ରାଜଗଡ଼ ପଞ୍ଚାୟତର ବୀଣାପାଣି ଉଚ୍ଚବିଦ୍ୟାଳୟର ୧୯୮୨ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ୮୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏ ଅବସରରେ ମୃତ୍ୟୁବରଣ ସହପାଠୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯକ୍ରମକୁ ସୁବାସ ସାମଲ, ସତ୍ୟପ୍ରିୟ ପରିଡ଼ା, ପବିତ୍ର ରାଉଳ, ବସନ୍ତ ନାୟକ, ଗଦାଧର ସ୍ୱାଇଁ, ବିବେକାନନ୍ଦ ସ୍ୱାଇଁ ଓ ବିଜୟ ସ୍ୱାଇଁ ପରିଚାଳନା କରିଥିଲେ।

## ବାଲୁଙ୍କେଶ୍ୱର ବିଦ୍ୟାପୀଠର ବାର୍ଷିକ ଉତ୍ସବ

ଡେରାବିଶ, ୨୧।୧୨(ସମିସ): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠରେ ୪୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଡଃ କାନନବାଳା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଗୋପିନାଥ ଦାସ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିଧାନ ସାମଲ, ସମ୍ମାନିତ ଅତିଥି ଶିକ୍ଷାବିତ୍ ନିରଞ୍ଜନ ଓଝା, ଅଭିରାମ ସ୍ୱାଇଁ, ଅଚ୍ୟୁତାନନ୍ଦ ସ୍ୱାଇଁ, ସୁଧାକର ପରିଡ଼ା, ଉମେଶ ନାୟକ ଓ ସମିତିସଭ୍ୟ ଫନିନ୍ଦ୍ର ବେହେରା ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମୌସୁମୀ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ରୋଜାଲିନ୍ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସଙ୍ଗୀତା ଜେନା, ସୀମାରାଣୀ ନାୟକ, ବନ୍ଦିତା ଦାସ, ରାଜଲକ୍ଷ୍ମୀ ବେହେରା, ରାଜଲକ୍ଷ୍ମୀ ମହାରଣା, ସୁହାସିନୀ ପ୍ରଧାନ, ଦିବ୍ୟା ପ୍ରିୟଦର୍ଶିନୀ କର, ପ୍ରଭାତୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ସଞ୍ଜୟ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଅଳପୁଆ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୧।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ନୋଡାଲ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁକାନ୍ତୀ ନାଥଶର୍ମାଙ୍କ ପୌରାହିତ୍ୟ ଓ ସହକାରୀ ଶିକ୍ଷକ ଚିରଞ୍ଜୀବ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ବ୍ରଜବିହାରୀ ଧଳ, ଅମରେନ୍ଦ୍ର ଦାଶ, ଦିଲ୍ଲୀପ ବିଶ୍ୱାଳ, ସଂଯୁକ୍ତା ସାହୁ, ମମତା ସାହୁ, ଶିକ୍ଷା ସଂଯୋଜକ ପ୍ରହଲ୍ଲାଦ ପଲାଇ ଓ ସ୍କୁଲ ପରିଚାଳନା କମିଟି ସଭାପତି ଉମାକାନ୍ତ ବିହାରୀ ଯୋଗଦେଇ ଚାମ୍ପିଅନ ହୋଇଥିବା ସତ୍ୟଜିତ ନାୟକ, ଉର୍ମିରାଣୀ ବିହାରୀ, ସଂଗ୍ରାମ ମଲ୍ଲିକ, ଆନି ମଲ୍ଲିକ, ସିନୁ ମଲ୍ଲିକ ଓ ସଞ୍ଜନା ଜେନାଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଉତ୍ସବକୁ କ୍ରୀଡ଼ା ଶିକ୍ଷକ ସୁମିତ ମଲ୍ଲିକ, ଦୁଃଖ ମାରାଣ୍ଡି ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ପ୍ରତାପ ମଲ୍ଲିକ ଅତିଥି ପରିଚୟ ପ୍ରଦାନ, ସ୍ୱାଗତ ଭାଷଣ, ବାର୍ଷିକ ବିବରଣୀ ପାଠ କରିଥିବାବେହଳେ ଲୋକନାଥ ଲେଙ୍କା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ନରେଶ ସ୍ୱାଇଁ, କୁଞ୍ଜଲତା ପାତ୍ର, ଲକ୍ଷ୍ମୀପ୍ରିୟା ଶର୍ମା, ପ୍ରମୋଦିନୀ ମାଦେଳି, ସସ୍ମିତା କର ସହଯୋଗ କରିଥିଲେ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ, ୨୧।୧୨(ସମିସ): ବେଲତଳ ଗ୍ରାମର ସମାଜସେବୀ ତଥା ଧର୍ମପ୍ରାଣ ବ୍ୟକ୍ତି ଜନାର୍ଦ୍ଦନ ତ୍ରିପାଠୀ ଓ ସୀତା ତ୍ରିପାଠୀଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜ୍ୟେଷ୍ଠପୁତ୍ର ଆଡଭୋକେଟ୍ ଗୋପୀନାଥ ତ୍ରିପାଠୀ ଓ ପୁତ୍ର ବଧୂ ଏଲିନା ତ୍ରିପାଠୀଙ୍କ ପରିଚାଳନରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଲେଖ ଜେନା, ସନ୍ଥ ଅସୀମାନନ୍ଦ ସରସ୍ୱତୀ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୂର୍ବତନ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ପୌରାଧ୍ୟକ୍ଷ ହେମନ୍ତ ସାହୁ, ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ, ପ୍ରଫେସର ଅନିରୁଦ୍ଧ ରାଉଳ, କୈଳାସ ପାତ୍ର, ଭରତ ପାତ୍ର, ନାଟ୍ୟକାର ଗୋଲେକ ମହାରଣା, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ଥାନା ଅଧିକାରିଣୀ ବନ୍ଦନା ପାତ୍ର, ଶିକ୍ଷକ ନେତା କଣ୍ଟୁରୀ ଚରଣ ସ୍ୱାଇଁ, ମେଡିକାଲ ଅଫିସର ଡା ନିରାକାର ପରିଡ଼ା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କନିଷ୍ଠ ପୁତ୍ର ଲୋକନାଥ ତ୍ରିପାଠୀ, ପୁତ୍ରବଧୂ ଶୁଭଶ୍ରୀ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପଞ୍ଚକର୍ମ ଉପଚାର କାର୍ଯ୍ୟକ୍ରମ**

# ପ୍ରତି ମାସରେ ୩୦୦ରୁ ଅଧିକ ରୋଗୀ ଉପକୃତ

କେନ୍ଦ୍ରାପଡ଼ା, ୨୧।୧୨(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦୧୫ରୁ ଆୟୁର୍ବେଦିକ ନିୟମ ଅନୁସାରେ ଚାଲୁଥିବା ପଞ୍ଚକର୍ମ ଉପଚାର ବିଭାଗ ଜିଲ୍ଲାବାସୀଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ଏହି ବିଭାଗ ମାଧ୍ୟମରେ ବିଭିନ୍ନ ଜଟିଳ ଓ ଦୀର୍ଘକାଳୀନ ରୋଗର ସଫଳ ଚିକିତ୍ସା କରାଯାଉଛି। ପଞ୍ଚକର୍ମ ଚିକିତ୍ସା ମାଧ୍ୟମରେ ପକ୍ଷାଘାତ, ସ୍ନାୟୁଜନିତ ସମସ୍ୟା, ମାଂସପେଶୀଜନିତ ରୋଗ, ଆଣ୍ଠୁ ଓ ଗଣ୍ଠି ସମସ୍ୟା, ତ୍ରୁଟିପୂର୍ଣ୍ଣ ଜୀବନଶୈଳୀ ଜନିତ ରୋଗ ଆଦିରେ ଆଶୁ ସମାଧାନ ମିଳୁଥିବା ଜଣାପଡ଼ିଛି। ପ୍ରତି ମାସରେ ୩୦୦ରୁ ୩୫୦ ଜଣ ରୋଗୀ ଏଠାରେ ଚିକିତ୍ସିତ ହେଉଥିବାବେଳେ ପ୍ରାୟ ୮୦ ପ୍ରତିଶତ ରୋଗୀ ସଫଳ ଭାବେ ଉପକୃତ ହେଉଛନ୍ତି।

ଏହି ପଞ୍ଚକର୍ମ ୟୁନିଟ୍‌ରେ ଡାକ୍ତର ସୌହାଦ୍ୟ ନାଏକ ମୁଖ୍ୟ ଚିକିତ୍ସକ ଭାବେ ସେବା ଦେଉଥିବାବେଳେ ପଞ୍ଚକର୍ମ ସହାୟକ ଶିବଶଙ୍କର ଭୋଳ ଓ ମହିଳା ପଞ୍ଚକର୍ମ ସହାୟିକା ଉର୍ମିଳା ମହାନ୍ତି ନିଷ୍ଠାର ସହିତ କାର୍ଯ୍ୟ କରୁଛନ୍ତି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅନ୍ତର୍ଗତ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଏହି ପଞ୍ଚକର୍ମ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ, ଏଡିଏମଓ (ମେଡିକାଲ) ଡ. ପ୍ରମୋଦ ପ୍ରହରାଜ, ହସ୍ପିଟାଲ ମ୍ୟାନେଜର ପ୍ରଭାତ ନାୟକ, ସୁଭାଶିଷ ସାଠୁଆ ଓ ଆକାଉଣ୍ଟାଣ୍ଟ କୁମୁରେଶ ନାୟକ ପ୍ରମୁଖ ନିୟମିତ ଭାବେ ତଦାରଖ କରୁଛନ୍ତି। ଏହି ଆୟୁର୍ବେଦିକ ଚିକିତ୍ସା ପ୍ରଣାଳୀ ମାଧ୍ୟମରେ ଜିଲ୍ଲାର ଅନେକ ନେତୃ ସ୍ଥାନୀୟ ବ୍ୟକ୍ତି, ରାଜନେତା, ଅଧିକାରୀ ଓ କର୍ମଚାରୀ ସଫଳ ଭାବେ ଚିକିତ୍ସିତ ହୋଇ ସୁସ୍ଥ ହୋଇଥିବା ଜଣାପଡ଼ିଛି। ନିକଟରେ ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡ. ସୁକାନ୍ତ ପ୍ରଧାନ ମଧ୍ୟ ଏହି ପଞ୍ଚକର୍ମ ଚିକିତ୍ସାରୁ ଲାଭାନ୍ୱିତ ହୋଇଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ସୁସଂଗଠିତ ଓ ପ୍ରଭାବଶାଳୀ ପଞ୍ଚକର୍ମ ବ୍ୟବସ୍ଥା ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ବ୍ୟାପକ ସନ୍ତୋଷ ପ୍ରକାଶ ପାଇଛି।


## ରାଷ୍ଟ୍ରବାଦୀ କବିତା ମହୋତ୍ସବ




କେନ୍ଦ୍ରାପଡ଼ା, ୨୧।୧୨(ସମିସ): ରାଷ୍ଟ୍ରବାଦୀ ସାହିତ୍ୟ ହିଁ ରାଷ୍ଟ୍ର ନିର୍ମାଣର ମୂଳ ଆଧାର। ସାହିତ୍ୟର ଶାଶ୍ୱତ ଛନ୍ଦ ଓ ଚିନ୍ତାଧାରା ସମୃଦ୍ଧ ଓ ସୁସଂସ୍କୃତ ରାଷ୍ଟ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଚତୁର୍ଥ ରାଷ୍ଟ୍ରବାଦୀ କବିତା ମହୋତ୍ସବରେ ମତ ପ୍ରକାଶ ପାଇଛି। ଜୟ ରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାନବ ପ୍ୟାଲେସରେ ଆୟୋଜିତ କବିତା ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରଦୀପର ପୂର୍ବତନ ସମ୍ପାଦକ ଜଗବନ୍ଧୁ ମିଶ୍ର ଆଧୁନିକ ସାରସ୍ୱତ ସ୍ରଷ୍ଟା ମାଟି ସହିତ ଯୋଡି ରହି ଦେଶାତ୍ମବୋଧକ ସାହିତ୍ୟ ରଚନା କରିବା ଆବଶ୍ୟକ ବୋଲି କହିଥିଲେ। ଏ ଅବସରରେ କବି ବିଜୟ ରାୟଙ୍କୁ ସରସ୍ୱତୀ ଦେବୀ ସ୍ମାରକୀ ଜୟ ରାଷ୍ଟ୍ର କବିତା ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ଆକାଶବାଣୀ କଟକ କେନ୍ଦ୍ରର ଉଦ୍‌ଘୋଷିକା ଦୀପ୍ତି ଦାଶ ଓ ଲେଖିକା ଗୀତାଶ୍ରୀ ଦାସଙ୍କ ସଂଯୋଜନାରେ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ନିମନ୍ତ୍ରିତ କବିଙ୍କୁ ମମତା ସିହ୍ନା ସ୍ମାରକୀ କବିତା ସମ୍ମାନ ପ୍ରଦାନ କରାଯାଇଥିଲା। ଗାଳ୍ପିକ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ରୀନାରାଣୀ ଦାସ, ନମିତା ଜେନା, ମଳୟ ସାହୁ, ରଶ୍ମିରଞ୍ଜନ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ସୁଶାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ସଂଘର୍ଷ ବିହୀନ ଓ ଅପରୀକ୍ଷିତ ଜୀବନ ମୂଲ୍ୟହୀନ।
-ସକ୍ରେଟିସ୍

## (ଅ)ପବିତ୍ର ଆଇନ

ଶାସକ ଦଳର ଅଭିଯୋଗ ଅନୁଯାୟୀ 'ଏମନରେଗା' ରଦ୍ଦ କରିବା ପଛରେ ମୁଖ୍ୟ କାରଣ ଥିଲା ଏହା ଜନ୍ମ ଦେଇଥିବା ଦୁର୍ନୀତି। ଲକ୍ଷ ଲକ୍ଷ ଭୂତ ଜବକାର୍ଡ ମାଧ୍ୟମରେ କୋଟି କୋଟି ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ନିରାଧାର ନୁହେଁ। ତେଣୁ ଗଳାବାଟଗୁଡ଼ିକୁ ବନ୍ଦ କରି ଯୋଜନାକୁ ଅଧିକ ସମୟୋପଯୋଗୀ, ସ୍ୱଚ୍ଛ ଓ ବ୍ୟବସ୍ଥିତ କରିବାରେ କାହାର କିଛି ଆପତ୍ତି ନଥିଲା। ଏ ଦାୟିତ୍ୱ ସରକାରଙ୍କର। କିନ୍ତୁ ସମ୍ପୂର୍ଣ୍ଣ ଭାବେ ଆଇନଟିକୁ ରଦ୍ଦ କରିଦେବା 'କ୍ଷତର ଉପଚାର ବଦଳରେ ସମ୍ପୂର୍ଣ୍ଣ ଅଙ୍ଗଟିକୁ କାଟି ଫୋପାଡ଼ି ଦେବା' ଭଳି ହୋଇ ନାହିଁ କି? ଏ ପ୍ରଶ୍ନ ଏବେ ସବୁମହଲରେ ଉତ୍ତର ଅପେକ୍ଷାରେ ଘୂରି ବୁଲୁଛି। ଯଦି ଦୁରୁପଯୋଗ ଓ ଦୁର୍ବଳ ଅଭିଯୋଗରେ ଗୋଟିଏ ପରେ ଗୋଟିଏ ଯୋଜନାକୁ ଏଭଳି ସମ୍ପୂର୍ଣ୍ଣ ବନ୍ଦ କିମ୍ବା ଆଇନଗୁଡ଼ିକୁ ଉଚ୍ଛେଦ କରିଦିଆଯାଏ କିମ୍ବା ବ୍ୟବସ୍ଥାକୁ ବିଲୋପ କରିଦେବାର ଉଦ୍ୟମ ହୁଏ, ତେବେ ଦେଶରେ 'ଆଇନର ଶାସନ' କେଉଁ ଦିଗକୁ ଯିବ ତାହା ଅନୁମେୟ। ଏଠାରେ ଆଉ ଏକ ପ୍ରଶ୍ନ ଉଠୁଛି ଯେ କ'ଣ କେବଳ 'ଏମ୍‌ନରେଗା' ହିଁ ଦୁର୍ନୀତିଯୁକ୍ତ; ଆଉ ସବୁ ସ୍ୱଚ୍ଛ? ଏହାର ଉତ୍ତର ଖୋଜିବା ବେଳେ ନିକଟରେ ସିଏଜି(କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ୍ ଅଫ୍ ଇଣ୍ଡିଆ)ଙ୍କ ୨୦୧୫ରେ ପ୍ରଣୀତ 'ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା(ପିଏମ୍‌କେଭିୱାଇ)'ର ଗତ ୭ ବର୍ଷର ସ୍ୱଚ୍ଛତା ଓ ଦକ୍ଷତା ପ୍ରସଙ୍ଗରେ ଦେଇଥିବା ରିପୋର୍ଟ ଉପରେ ଦୃଷ୍ଟି ପକାଯାଉ।

ସଂସଦର ସଦ୍ୟସମାପ୍ତ ଶୀତ ଅଧିବେଶନରେ ଉପସ୍ଥାପିତ ସିଏଜିଙ୍କ ରିପୋର୍ଟର ସାରାଂଶ ଅନୁଯାୟୀ, ଏହି ଯୋଜନା ଅଧୀନରେ ଗୋଟିଏ ସମାନ ନମ୍ବରରେ, ଗୋଟିଏ ଫଟୋରେ ଲକ୍ଷାଧିକ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି, ୩୪ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଖାତାକୁ ସହାୟତା ରାଶି ଏ ପର୍ଯ୍ୟନ୍ତ ପହଞ୍ଚି ନାହିଁ, ହଜାର ହଜାର ସଂଖ୍ୟାରେ ତାଲିମ୍‌କେନ୍ଦ୍ରଗୁଡ଼ିକ ବନ୍ଦ ହୋଇପଡ଼ିଛି। ୧.୩୨ ଲକ୍ଷ ଯୁବବର୍ଗଙ୍କୁ ତାଲିମ୍ ଜରିଆରେ କୁଶଳୀ କରି କର୍ମସଂସ୍ଥାନ ଯୋଗାଇ ଦେବା ଏବଂ ସ୍ୱାବଲମ୍ବନ କରିବା ଉଦ୍ଦେଶ୍ୟରେ ପ୍ରଣୀତ ଏହି ଯୋଜନାରେ ତିନି ପର୍ଯ୍ୟାୟରେ ୧୪, ୪୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ଯୋଜନାରେ ହୋଇଥିବା ବ୍ୟାପକ ଅନିୟମିତତାକୁ ସିଏଜି ଧରିବା ସହିତ ୨୦୨୫ ମେ ସୁଦ୍ଧା ବେରୋଜଗାର ହାର ୧୫ ପ୍ରତିଶତକୁ ଛୁଇଁଥିବା ଉଲ୍ଲେଖ କରିଛନ୍ତି। ଅର୍ଥାତ୍ ଏହି ଯୋଜନା ତା'ର ମୂଳ ଲକ୍ଷ୍ୟରେ ବିଫଳ ହେବା ସହିତ ବ୍ୟାପକ ଦୁର୍ନୀତିକୁ ଜନ୍ମ ଦେଇଛି। ବିଡ଼ମ୍ବନା ହେଉଛି ସମାନ ଅଭିଯୋଗ ଆଧାରରେ 'ଏମନରେଗା'କୁ ରଦ୍ଦ କରାଯାଇଥିବା ବେଳେ 'ପିଏମ୍‌କେଭିୱାଇ' ପ୍ରତି ସେଭଳି ବିପଦର ଆଶଙ୍କା ନାହିଁ।

ସିଏଜି ରିପୋର୍ଟରେ ଯେଉଁ ସାଂଘାତିକ ତଥ୍ୟ ପ୍ରଘଟ ହୋଇଛି ସେଥିମଧ୍ୟରେ ମୋଟ ୯୫, ୯୦, ୮୦୧ ହିତାଧିକାରୀଙ୍କ ମଧ୍ୟରୁ ୯୪.୫୩ %ଙ୍କ ବ୍ୟାଙ୍କ ଆକାଉଣ୍ଟ ସବିଶେଷ ବିବରଣୀ ନାହିଁ କିମ୍ବା ଆଦୌ ନାହିଁ। ୧୨, ୧୨୨ଜଣଙ୍କ ବ୍ୟାଙ୍କ ଆକାଉଣ୍ଟ ୧୧୧୧୧୧୧୧୧୧ କିମ୍ବା ୧୨୩୪୫୬ ଆଦି ସମାନ ନମ୍ବରରେ ରହିଛି। ଅର୍ଥାତ୍ ହିତାଧିକାରୀ କିଏ ତାହା ସମ୍ପୂର୍ଣ୍ଣ ଅଜ୍ଞାତ ରହିଛି। ଏ ସମ୍ପର୍କରେ ସମ୍ପୃକ୍ତ ମନ୍ତ୍ରଣାଳୟର ସ୍ପଷ୍ଟୀକରଣ ହେଉଛି ଆଧାର ସଂଯୁକ୍ତ ବ୍ୟାଙ୍କ ଆକାଉଣ୍ଟରେ ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯାଉଛି। ଉପରୋକ୍ତ ନମ୍ବରଗୁଡ଼ିକ କେବଳ ୱେବ୍‌ସାଇଟ୍‌ର ଔପଚାରିକତା ରକ୍ଷା କରିବା ପାଇଁ ପୂରଣ କରାଯାଇଛି। ଏହି ସ୍ପଷ୍ଟୀକରଣ ଉପରେ ସିଏଜି ପୁନଃତର୍ଜମା ଓ ଅନୁସନ୍ଧାନ କରି ଯେଉଁ ତଥ୍ୟ ପାଇଛନ୍ତି ତାହା ମଧ୍ୟ ଲୋକସଭାରେ ଗତ ଗୁରୁବାର ଦିନ ଉପସ୍ଥାପିତ ରିପୋର୍ଟରେ ଉଲ୍ଲେଖ ରହିଛି। ଉକ୍ତ ତଥ୍ୟ ଅନୁଯାୟୀ ୨୦୨୩ରେ ଡିବିଟି ବା ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଯୋଜନାରେ ମାତ୍ର ୨୪.୫୩ ଲକ୍ଷ(୨୫.୫୮%) ହିତାଧିକାରୀଙ୍କ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି, ଯେଉଁଥିରେ ମାତ୍ର ୧୭.୬୯ ଲକ୍ଷ(୧୮.୪୪%) ହିତାଧିକାରୀ ଉପକୃତ ହୋଇଛନ୍ତି। ୨୦୨୪ରେ ୯୫.୯୧ ଲକ୍ଷ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ସହାୟତା ଦିଆଯାଇଥିବା ମନ୍ତ୍ରଣାଳୟ କହିଥିବା ବେଳେ ମାତ୍ର ୬୩.୭୫% ବା ୬୧.୧୪ ଲକ୍ଷ ପାଇଥିବା ସିଏଜି କହିଛନ୍ତି। ଅର୍ଥାତ୍ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୫% ଏବଂ ଦ୍ୱିତୀୟ-ତୃତୀୟ ପର୍ଯ୍ୟାୟରେ ୮୦%ରୁ ଅଧିକ ବାଟମାରଣା ବା ଜାଲିଆତି ହୋଇଛି। ଯୋଜନାର ନିର୍ଦ୍ଧାରିତ ତିନିଟି ପର୍ଯ୍ୟାୟ ସମାପ୍ତ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପଞ୍ଜିକୃତ ଓ ତାଲିମପ୍ରାପ୍ତ ହିତାଧିକାରୀଙ୍କ ମଧ୍ୟରୁ ୩୪ ଲକ୍ଷଙ୍କୁ ଆର୍ଥିକ ସହାୟତା ମିଳିନାହିଁ। ସେମାନଙ୍କୁ କିଭଳି ସହାୟତା ରାଶି ହସ୍ତାନ୍ତର କରାଯିବ ସେ ବିଷୟରେ ମନ୍ତ୍ରଣାଳୟ ନିରବ ରହିଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ୱେବ୍‌ସାଇଟ୍‌ରେ ହିତାଧିକାରୀମାନଙ୍କର ଯେଉଁ ଇମେଲ୍ ଆଇଡି ରହିଛି ସେଥିରୁ ଅଧିକାଂଶ ସମାନ ବୋଲି ମଧ୍ୟ ସିଏଜି ଜାଣିବାକୁ ପାଇଛନ୍ତି। ଯୋଜନାର ୱେବ୍‌ସାଇଟ୍ 'ଏସ୍‌ଆଇପି'ରେ ଯେଉଁ ତାଲିମ୍‌କେନ୍ଦ୍ରଗୁଡ଼ିକୁ ଦର୍ଶାଯାଇଛି ସେଥିମଧ୍ୟରୁ ଅଧିକାଂଶ ବନ୍ଦ ଥିବା ବେଳେ ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର, ରାଜସ୍ଥାନ ଆଦି ରାଜ୍ୟର ତାଲିମକେନ୍ଦ୍ରଗୁଡ଼ିକରେ ସମାନ ହିତାଧିକାରୀଙ୍କ ଫଟୋ ରେଜିଷ୍ଟ୍ରରରେ ଦେଖିବାକୁ ମିଳିଛି। ତାଲିମ୍‌ପ୍ରାପ୍ତମାନଙ୍କୁ ଯେଉଁ ପ୍ରମାଣପତ୍ର ମିଳିଛି ସେଗୁଡ଼ିକୁ ମଧ୍ୟ ଦକ୍ଷତା ପରୀକ୍ଷା ଆଧାରରେ ବର୍ଗୀକୃତ ନ କରି ସମସ୍ତଙ୍କୁ 'ବେଷ୍ଟ ଇନ୍ କ୍ଲାସ୍' ବା 'ଉତ୍ତମ' ବୋଲି ଉଲ୍ଲେଖ ରହିଛି।

ଏଭଳି ତ୍ରୁଟିକୁ ପରବର୍ତ୍ତୀ ସମୟରେ ସୁଧାରି ଦିଆଯାଇଛି ବୋଲି ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ଦେଇଥିଲେ ମଧ୍ୟ ତ୍ରୁଟି ଓ ଅନିୟମିତତା ଯେ ହୋଇଛି ଏହାକୁ କ'ଣ ଅସ୍ୱୀକାର କରିହେବ? ଦୁର୍ନୀତି କିମ୍ବା ଦୁରୁପଯୋଗ ନୁହେଁ, ବରଂ ଏକ ମହତ୍ ଉଦ୍ଦେଶ୍ୟ ଓ ପବିତ୍ର ଭାବନା ନେଇ ହିଁ ଆଇନ କିମ୍ବା ଯୋଜନା ପ୍ରଣୀତ ହୁଏ। କ୍ଷମତାରେ ଯେଉଁ ଦଳର ଶାସନ ଥାଉ ନା କାହିଁକି କୌଣସି ଯୋଜନାର ଅସଫଳତା କିମ୍ବା ଆଇନର ଦୁରୁପଯୋଗ ପାଇଁ ତା'କୁ ସମ୍ପୂର୍ଣ୍ଣ ଉତ୍ତରଦାୟୀ କରିବା ବୁଦ୍ଧିମତ୍ତାର ପରିଚୟ ନୁହେଁ। କାରଣ ଯୋଜନାର ସଫଳତା କିମ୍ବା ପବିତ୍ରତା ତୃଣମୂଳସ୍ତରରେ ରୂପାୟନର ଦକ୍ଷତା, ଆନ୍ତରିକତା ଓ ସ୍ୱଚ୍ଛତା ଉପରେ ନିର୍ଭର କରେ। କିନ୍ତୁ 'ପିଏମ୍‌କେଭିୱାଇ'ରେ ସିଏଜି ଧରିଥିବା ଅନିୟମିତତା ପାଇଁ କେନ୍ଦ୍ର ସରକାର ଏହାକୁ 'ଏମ୍‌ନରେଗା' ଭଳି ରଦ୍ଦ କରିଦେଇ ପାରିବେ କି? 'ଏମ୍‌ନରେଗା' କେବଳ କଂଗ୍ରେସ ଅମଳରେ ହୋଇଥିବାରୁ ଦୋଷଯୁକ୍ତ, ଅପବିତ୍ର ଓ ଅଛୁଆଁ ଏବଂ 'ପିଏମ୍‌କେଭିୱାଇ' ଏନ୍‌ଡିଏ ସରକାରଙ୍କ ହୋଇଥିବାରୁ ସଦା ପବିତ୍ର? ଏସବୁ ପ୍ରଶ୍ନର ଊର୍ଦ୍ଧ୍ୱରେ ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗଟି ହେଉଛି ଆଇନ ଓ ଯୋଜନାର ଏହି ପବିତ୍ରତା ପରୀକ୍ଷାରେ ମହାତ୍ମାମାନେ କଳଙ୍କିତ ଓ ତେଜ୍ୟ ନ ହୁଅନ୍ତୁ।

# ଗାନ୍ଧୀଙ୍କ ପତନ ନିଶ୍ଚିତ ?

ଡକ୍ଟର ଅବଶ ପରିଡ଼ା

'ଗାନ୍ଧୀଙ୍କ ପତନ ନିଶ୍ଚିତ?' ପ୍ରଥମ ଦୃଷ୍ଟିରେ ଏହି ବାକ୍ୟାଂଶଟି ଟିକେ ଅଡୁଆ ଲାଗିପାରେ। ଭାରତ ସମେତ ଅନେକ ଦେଶରେ, ଯେଉଁଠାରେ ମହାତ୍ମା ଗାନ୍ଧୀଙ୍କୁ ଅହିଂସା, ସତ୍ୟ, ଶାନ୍ତିର ପୂଜକ ଭାବରେ ସମ୍ମାନିତ କରାଯାଏ, ସେଠାରେ ଅଧିକାଂଶଙ୍କୁ ଅପମାନଜନକ ବି ଲାଗିପାରେ। କିଛିବର୍ଷ ତଳେ 'ଗାନ୍ଧୀଙ୍କ ପତନ ନିଶ୍ଚିତ' ବା #gandhimustfall ସ୍ଲୋଗାନ ଓ ଅଭିଯାନ ଆରମ୍ଭ ହୋଇଥିଲା। କିଛି କୃଷ୍ଣକାୟ ଗୋଷ୍ଠୀ ଦ୍ୱାରା ୟୁକେର ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ, କାନାଡ଼ା ଓ ଆମେରିକାରେ ଏହି ଅଭିଯାନ ଆରମ୍ଭ ହୋଇ ଅନ୍ତର୍ଜାତୀୟ ସ୍ତରରେ ଲୋକଲୋଚନକୁ ଆସିଥିଲା। ଏହି ଅଭିଯାନଟି ବର୍ତ୍ତମାନ ସମ୍ପୂର୍ଣ୍ଣ ସକ୍ରିୟ ନୁହେଁ କି ସମ୍ପୂର୍ଣ୍ଣ ସୁପ୍ତ ବି ନୁହେଁ। କିନ୍ତୁ ସମାଜବିଜ୍ଞାନୀଙ୍କ ପାଇଁ ଏକ ଆଗ୍ରହର କ୍ଷେତ୍ର ପାଲଟିଛି।

'ଗାନ୍ଧୀଙ୍କ ପତନ ନିଶ୍ଚିତ' ର ଉତ୍ପତ୍ତି ଦକ୍ଷିଣ ଆଫ୍ରିକାରେ 'ରୋଡ୍ସ ପତନ ନିଶ୍ଚିତ' ଏବଂ ୟୁକେ ଓ ଆମେରିକାରେ 'ପ୍ରତିମୂର୍ତ୍ତି ପତନ ନିଶ୍ଚିତ' ଭଳି ଆନ୍ଦୋଳନ ଦ୍ୱାରା ଆକାର ଓ ଗତି ପାଇଥିଲା। ଏହି ଅଭିଯାନଗୁଡ଼ିକ ଉଭା ହୋଇଥିଲେ ଉପନିବେଶବାଦ ପରବର୍ତ୍ତୀ ଏବଂ ଉପନିବେଶବାଦ ବିହୀନ ଚିନ୍ତାଧାରାରୁ। ଯୁକ୍ତି ଥିଲା ଯେ ଆଇକନ ବା ଆଦର୍ଶ ଏବଂ ସେମାନଙ୍କ ପ୍ରତିମୂର୍ତ୍ତି ପ୍ରାୟତଃ ଉପନିବେଶବାଦୀ ଶକ୍ତି, ବର୍ଣ୍ଣଗତ ଅନୁକ୍ରମ ଓ ଐତିହାସିକ ନୀରବତାକୁ ପ୍ରତିନିଧିତ୍ୱ କରନ୍ତି। ଗାନ୍ଧୀ ମଧ୍ୟ ସେହିଭଳି ଏକ ଆଇକନ ବା ଆଦର୍ଶ। ଦକ୍ଷିଣ ଆଫ୍ରିକାରେ ରହିବାର ପ୍ରାରମ୍ଭିକ ବର୍ଷ ସମୟରେ ଗାନ୍ଧୀ ନିଜର କିଛି ଲେଖାରେ ଆଫ୍ରିକୀୟମାନଙ୍କ ପାଇଁ ବର୍ଣ୍ଣଗତ ଭାଷା ବ୍ୟବହାର କରିଥିଲେ ବୋଲି ସମାଲୋଚକମାନେ ଅଭିଯୋଗ କରନ୍ତି। ବିଡ଼ମ୍ବନା ଯେ ଶହେ ତିରିଶ ବର୍ଷ ତଳେ ଦେଇଥିବା ପ୍ରାରମ୍ଭିକ ବର୍ଣ୍ଣନାକୁ ଇଙ୍ଗିତ କରି ଆନ୍ଦୋଳନକାରୀ ଏହାକୁ ଆଜିର ସମସ୍ୟାପୂର୍ଣ୍ଣ ମତାମତ ବୋଲି ବିବେଚନା କରିଥିଲେ।

ଗାନ୍ଧୀ ଆଫ୍ରିକୀୟମାନଙ୍କ ବିଷୟରେ 'ଅଳସୁଆ', 'ଅଶିଷ୍ଟ' ଓ 'କାଫିର' ଭଳି ଶବ୍ଦ ବ୍ୟବହାର କରିଥିଲେ। ଯେହେତୁ ଏସବୁ ଶବ୍ଦ ସେ ବ୍ୟବହାର କରିଥିଲେ, ତେଣୁ ଆଫ୍ରିକୀୟ କିଛି ଗୋଷ୍ଠୀମାନଙ୍କ ପାଇଁ ଗାନ୍ଧୀ କେବଳ ଉପନିବେଶ ବିରୋଧୀ ପ୍ରତିରୋଧ ନୁହେଁ, ବରଂ ଉପନିବେଶବାଦ ଯୁଗର ସଂସ୍କାରକଙ୍କ ବିରୋଧାଭାସର ମଧ୍ୟ ପ୍ରତୀକ ପାଲଟିଗଲେ। ଏହାର ଉତ୍ତରରେ ଗାନ୍ଧୀଙ୍କ ନାତି ରାଜାମୋହନ ଗାନ୍ଧୀ ନିଜ ପୁସ୍ତକରେ କୁହନ୍ତି ଯେ ନୂଆ ନୂଆ ଯାଇଥିବା ଗାନ୍ଧୀଙ୍କର ଆଫ୍ରିକାରେ ବ୍ୟବହାର କରାଯାଉଥିବା ଭାଷା ଉପରେ କମ୍ ଜ୍ଞାନ ଥିଲା। ତେଣୁ ବ୍ରିଟିଶ ବ୍ୟବହାର କରୁଥିବା ଇଂରାଜୀକୁ ସେ ବ୍ୟବହାର କରିଦେଇଥିଲେ। ଗାନ୍ଧୀ ମଧ୍ୟ ଅନେକଙ୍କ ଭଳି ଜଣେ ଅସମ୍ପୂର୍ଣ୍ଣ ମଣିଷ। କିନ୍ତୁ ଅନ୍ୟ ସାଥୀମାନଙ୍କ ତୁଳନାରେ ତାଙ୍କର ଚିନ୍ତା ଥିଲା ଅତ୍ୟନ୍ତ ପ୍ରଗତିଶୀଳ। ମୁଖ୍ୟ କଥା ହେଉଛି, ଗାନ୍ଧୀ ନୈତିକ ସଂଘର୍ଷ ମାଧ୍ୟମରେ ନିଜକୁ ଅତ୍ୟନ୍ତ ବିକଶିତ କରିଥିଲେ। କ୍ରମାଗତ ଭାବେ ନିଜ ଆଦର୍ଶ ଓ ଚିନ୍ତାଧାରାରେ ବିବର୍ତ୍ତନ ଆଣିଥିଲେ ଗାନ୍ଧୀ। ଜାତିଗତ ଓ ବର୍ଣ୍ଣବୈଷମ୍ୟକୁ ସେ ଦୃଢ଼ ପ୍ରତ୍ୟାଖ୍ୟାନ କରିଥିଲେ। ଗାନ୍ଧୀଙ୍କ ମତ ଥିଲା ଇତିହାସ କିମ୍ବା ଭୁଲକୁ ଅସ୍ୱୀକାର କରିବା ନୁହେଁ, ସତ୍ୟକୁ ପାଥେୟ କରି ନିଜ ତ୍ରୁଟିଗୁଡ଼ିକୁ ସ୍ୱୀକାର କରିବା ହିଁ ପ୍ରକୃତ ପରିବର୍ତ୍ତନ।

ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବିଶିଷ୍ଟ ଗାନ୍ଧୀସାହିତ୍ୟ ଗବେଷକ ଗୌରାଙ୍ଗ ଚରଣ ପରିଡ଼ା କୁହନ୍ତି ଯେ ଗାନ୍ଧୀ ଦକ୍ଷିଣ ଆଫ୍ରିକାରେ କୃଷ୍ଣକାୟ ଆଫ୍ରିକୀୟଙ୍କ ଅଧିକାର ପାଇଁ ଆନ୍ଦୋଳନର ନେତୃତ୍ୱ କିମ୍ବା ସଂଗଠନ କରି ନ ଥିଲେ। ତାଙ୍କର ପ୍ରାଥମିକ ସଂଘର୍ଷ ଆମ ଭାରତୀୟ ନାଗରିକ ଅଧିକାର ପାଇଁ ଥିଲା। ଦକ୍ଷିଣ ଆଫ୍ରିକାରେ ଗାନ୍ଧୀ ଭାରତୀୟମାନଙ୍କ ପାଇଁ ଜଣେ ସଂସ୍କାରକ, ଆଫ୍ରିକୀୟ ଦୁଃଖର ଜଣେ ଦର୍ଶୀ ଏବଂ ଜଣେ ଚିନ୍ତାନାୟକ ଥିଲେ, ଯାହାଙ୍କ ଚିନ୍ତାଧାରା ପରବର୍ତ୍ତୀ ସମୟରେ ଆଫ୍ରିକୀୟ ସ୍ୱାଧୀନତା ସଂଗ୍ରାମକୁ ଶକ୍ତିଶାଳୀ କରିଥିଲା। ନେଲସନ ମାଣ୍ଡେଲା, ଆଲବର୍ଟ ଲୁଥୁଲି, ଡେସମଣ୍ଡ ଟୁଟୁ ଓ କେନେଥ କାଉଣ୍ଡା ଭଳି ଆଫ୍ରିକୀୟ ବିଶ୍ୱସ୍ତରୀୟ ରାଜନେତା ଆଫ୍ରିକୀୟ ଜାତୀୟତାବାଦରେ ଗାନ୍ଧୀବାଦୀ ଅହିଂସାକୁ ସ୍ପଷ୍ଟ ଭାବରେ ସ୍ୱୀକାର କରିଥିଲେ। ଶ୍ରୀପରିଡ଼ା ଆହୁରି ମତ ରଖନ୍ତି 'ଗାନ୍ଧୀଙ୍କ ପତନ ନିଶ୍ଚିତ' ଭଳି ଅଭିଯାନଗୁଡ଼ିକ କ୍ଷଣସ୍ଥାୟୀ। ଏହାର କାରଣ ହେଉଛି ଏହିଭଳି ଅଭିଯାନଗୁଡ଼ିକ ଘଟଣା-ଚାଳିତ, ପ୍ରତୀକାତ୍ମକ, ପ୍ରତିମୂର୍ତ୍ତି, ହ୍ୟାସଟ୍ୟାଗ୍ କିମ୍ବା କ୍ରୋଧ ଉପରେ କେନ୍ଦ୍ରିତ। ଏସବୁ କିଛି ଗୋଷ୍ଠୀର କ୍ରୋଧକୁ ସଂଗଠିତ କରନ୍ତି। କିନ୍ତୁ ଏମାନଙ୍କ ପାଖରେ ଗଠନମୂଳକ ବିକଳ୍ପ ନୈତିକ ଢାଞ୍ଚାର ଘୋର ଅଭାବ। ନୈତିକ ଦୃଷ୍ଟିକୋଣ ବିନା ପ୍ରସଙ୍ଗ ଆଧାରିତ ତଥ୍ୟଗତ ପ୍ରମାଣ ଏବଂ ନକାରାତ୍ମକ ପାଠ ଯୋଗୁଁ ଏଗୁଡ଼ିକ ଧୀରେ ଧୀରେ ଫିକା ପଡ଼ିଯାଏ। ବିପରୀତରେ, ଗାନ୍ଧୀ ଏକ ଦୀର୍ଘକାଳୀନ ନୈତିକ ଶବ୍ଦକୋଷ। ସେ କୌଣସି ଏକ କ୍ଷଣିକ ପ୍ରତିବାଦ ନୁହେଁ। ଗାନ୍ଧୀଙ୍କଠାରୁ ସମ୍ପୂର୍ଣ୍ଣତାର ଆଶା ଯୋଗୁଁ ସେ ନିନ୍ଦିତ।

ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ କହିବାକୁ ଗଲେ 'ଗାନ୍ଧୀଙ୍କ ପତନ ନିଶ୍ଚିତ' ଅଭିଯାନଟି ଗାନ୍ଧୀଙ୍କୁ ନୈତିକ ଭାବରେ ଅପସାରଣ କରିବା ପାଇଁ ଉଦ୍ଦିଷ୍ଟ ନଥିଲା, ବରଂ ଏହାର ଦୁଇଟି ଲୁକ୍କାୟିତ ମୁଖ୍ୟ ଲକ୍ଷ୍ୟ ଥିଲା। ପ୍ରଥମଟି ହେଉଛି ପରିବର୍ତ୍ତିତ ନୈତିକ ଏବଂ ରାଜନୈତିକ ଦୃଶ୍ୟପଟରେ ଉପୁଜୁଥିବା ପ୍ରଶ୍ନ ଏବଂ ଦ୍ୱିତୀୟତଃ, ସମାଜର ପ୍ରେରଣାସ୍ରୋତ ବା ଆଇକନ୍‌ଙ୍କଠାରୁ ଏହାର ଉତ୍ତର। ସେହିପରି ଅନେକ ଗାନ୍ଧୀ ବିଶାରଦ କୁହନ୍ତି ଯେ ଗାନ୍ଧୀଙ୍କ ଚିନ୍ତାଧାରାକୁ ଜୀବିତ ରଖିବା ପାଇଁ ତାଙ୍କୁ ବିରୋଧ କରିବା ଜରୁରୀ। ସମାଲୋଚନାହୀନ ପୂଜା ଓ ପ୍ରଶଂସା ଆଦର୍ଶଙ୍କୁ ଦୁର୍ବଳ କରିଥାଏ। ବିରୋଧ ହିଁ ବ୍ୟକ୍ତିକୁ ପଦ୍ଧତିଠାରୁ ପୃଥକ କରିଥାଏ। ଉଦାହରଣ ସ୍ୱରୂପ, ଅହିଂସା ନୈତିକ ଭାବରେ ଶକ୍ତିଶାଳୀ ହେବା ପାଇଁ ଗାନ୍ଧୀ ନୈତିକ ଭାବରେ ସିଦ୍ଧ ହେବା ଆବଶ୍ୟକ ନାହିଁ। ଯଦି ଗାନ୍ଧୀ ଆଦର୍ଶର ସମାଲୋଚନା ହେବ ନାହିଁ ତେବେ ତାହା ପ୍ରୟୋଗ ମଧ୍ୟ ହେବ ନାହିଁ। ଅହିଂସାର ଆଲୋଚନା ନହେଲେ ତାହା ଅନୁଶାସନ ହେବ ନାହିଁ, ବରଂ ଏକ ଶବ୍ଦ ଅଳଙ୍କାରରେ ସୀମିତ ହୋଇଯିବ। ସେହିପରି ସତ୍ୟର ବିରୋଧ ନହେଲେ ତାହା କଦାପି ଦାୟିତ୍ୱ ହେବ ନାହିଁ। ତେଣୁ ତୀକ୍ଷ୍ଣ ସମାଲୋଚନା ସମେତ ସାର୍ବଜନୀନ ବିତର୍କ, ଗାନ୍ଧୀଙ୍କୁ ବୌଦ୍ଧିକ ଭାବରେ ଜୀବିତ ରଖିଛି ବୋଲି ଏକ ମହଲ ଯୁକ୍ତି ବାଢ଼ନ୍ତି।

'ଗାନ୍ଧୀଙ୍କ ପତନ ନିଶ୍ଚିତ' ହେଉଛି ଏକ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ଏବଂ ସମାଲୋଚନା କରିବା ମଧ୍ୟରେ ହୋଇଥିବା ଏକ ଦ୍ୱନ୍ଦ୍ୱ। ପ୍ରତିମୂର୍ତ୍ତିଗୁଡ଼ିକୁ ବଦଳାଇବା କିମ୍ବା ଭାଙ୍ଗିବା ଦ୍ୱାରା ସ୍ୱୟଂଚାଳିତ ଭାବରେ ନ୍ୟାୟ ସୃଷ୍ଟି ହୁଏ ନାହିଁ। ଏହା ସାଂରଚନିକ ଅସମାନତାକୁ ସମାଧାନ ନକରି କେବଳ କ୍ରୋଧକୁ ଇନ୍ଧନ ଯୋଗାଏ। ଗାନ୍ଧୀ ସର୍ବଦା ଅନ୍ଧ ଭାବେ ନାୟକ-ପୂଜା ବିରୁଦ୍ଧରେ ବାରମ୍ବାର ଚେତାବନୀ ଦେଇଥିଲେ। ଏହାକୁ ବୌଦ୍ଧିକ ଦାସତ୍ୱର ଏକ ରୂପ ବୋଲି କହିଥିଲେ, ଯାହା ଏବେ ବିଶ୍ୱର ସମସ୍ତ ଦେଶରେ ଘଟୁଛି।

ପରିଶେଷରେ ଏକ ମୌଳିକ ପ୍ରଶ୍ନର ଉତ୍ତର ଖୋଜିବା। ଗାନ୍ଧୀଙ୍କୁ କ'ଣ ସମସାମୟିକ ନୈତିକ ମାନଦଣ୍ଡ ଦ୍ୱାରା ବିଚାର କରାଯାଇପାରିବ? ପ୍ରଶ୍ନର ଉତ୍ତର ହେଉଛି 'ହଁ'। କିନ୍ତୁ ଏସବୁ ପ୍ରସ୍ତୁତ ବା ରେଡିମେଡ୍ ସମାଧାନ ଭାବରେ ନୁହେଁ, ବରଂ ଗାନ୍ଧୀଙ୍କ ଦର୍ଶନ ଆମକୁ ଏକ ନୈତିକ ପଦ୍ଧତି ପ୍ରଦାନ କରିପାରିବ। ବିଶ୍ୱ ସାକ୍ଷୀ ଅଛି ଯେ ଗାନ୍ଧୀଙ୍କ ଅହିଂସା, ସର୍ବୋଦୟ ଓ ସତ୍ୟ ହେଉଛି ପରିବର୍ତ୍ତନ ଓ ସମାଧାନର ସର୍ବୋତ୍କୃଷ୍ଟ ନୈତିକ ଉପକରଣ। ଗାନ୍ଧୀଙ୍କ ମୃତ୍ୟୁର ଆଠ ଦଶନ୍ଧି ପରେ ମଧ୍ୟ ତାଙ୍କ ବିଷୟରେ ବିତର୍କ ହେବା ତାଙ୍କର ଅପ୍ରାସଙ୍ଗିକତା ନୁହେଁ, ବରଂ ତାଙ୍କର ନିରନ୍ତର ପ୍ରାସଙ୍ଗିକତାକୁ ଦର୍ଶାଉଛି। ସମାଲୋଚନା ବା ପ୍ରତ୍ୟାଖ୍ୟାନ ଦ୍ୱାରା ଗାନ୍ଧୀଙ୍କ ପତନ ହେଉନାହିଁ। ଆମର ବ୍ୟବହାର, ସାର୍ବଜନୀନ ଏବଂ ରାଜନୈତିକ ନୀତି ଦ୍ୱାରା ନୈତିକ ଆଦର୍ଶର 'ପତନ' ହେଉଛି। ଶ୍ରୀପରିଡ଼ା ନିଜ ଆଲେଖ୍ୟରେ ଲେଖିଛନ୍ତି ଯେ ଗାନ୍ଧୀ ଚିନ୍ତକ ନୁହେଁ, ବରଂ ଗାନ୍ଧୀଙ୍କ ସମାଲୋଚନାହୀନ, ପ୍ରସଙ୍ଗହୀନ ଓ ଚୟନମୂଳକ ପାଠର ପତନ ହେବା ଜରୁରୀ। ଏହା ବଦଳରେ ସମାଜକୁ ଏକ ସମାଲୋଚନାମୂଳକ ଓ ବିତର୍କିତ ଗାନ୍ଧୀଙ୍କ ଆବଶ୍ୟକତା ଅଛି। ତେଣୁ ଗାନ୍ଧୀଙ୍କୁ କେବଳ ଆଇକନ୍ ବା ପ୍ରତିମୂର୍ତ୍ତିରେ ସୀମିତ କରିଦେଲେ କିଛି ଲାଭ ହେବନାହିଁ, ବରଂ ସେ ଆମ ପାଇଁ ଅଭ୍ୟାସ କରାଯାଇପାରୁଥିବା ଆଦର୍ଶ ହେବା ଉଚିତ। ଗାନ୍ଧୀଙ୍କ ମନ୍ତବ୍ୟ ଥିଲା 'ଯଦି ମୋର ଚିନ୍ତାଧାରା ସତ୍ୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ନହୁଏ, ତେବେ ସେଗୁଡ଼ିକୁ ପତନ ହେବାକୁ ଦିଅନ୍ତୁ - କିନ୍ତୁ ସତ୍ୟକୁ ଶକ୍ତି ଦିଅନ୍ତୁ, ତା'କୁ ଉଠିବାକୁ ଦିଅନ୍ତୁ।' ସତ୍ୟର ଜୟ ହେଉ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ନ୍ୟାୟପାଳିକା: ଭାରତୀୟ ଗଣତନ୍ତ୍ରର ପ୍ରହରୀ

ଜୟଦେବ ମାଝୀ



ଏକ ସୁସ୍ଥ ଗଣତନ୍ତ୍ରରେ ନ୍ୟାୟପାଳିକା ସାମ୍ବିଧାନିକ ବ୍ୟବସ୍ଥାର ରକ୍ଷକ ଭାବରେ କାର୍ଯ୍ୟ କରେ। ଭାରତରେ ବର୍ତ୍ତମାନ ସାମାଜିକ-ରାଜନୈତିକ ପରିସ୍ଥିତିର ଦ୍ରୁତ ପରିବର୍ତ୍ତନଶୀଳ। ଜନବିତର୍କ ବୃଦ୍ଧି ଏବଂ ସାଂଗଠନିକ ଚାପ ଦ୍ୱାରା ଅନେକ ଆହ୍ୱାନର ସମ୍ମୁଖୀନ। ଏହି ପୃଷ୍ଠଭୂମିରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷା ଦେବାରେ ନ୍ୟାୟପାଳିକାର ଭୂମିକା ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହେଉଛି।

ଭାରତୀୟ ଗଣତନ୍ତ୍ରର ମୂଳରେ ସମ୍ବିଧାନ ରହିଛି ଏବଂ ନ୍ୟାୟପାଳିକା ଏହାର ସର୍ବୋତ୍ତମ ରକ୍ଷକ। ନ୍ୟାୟପାଳିକାର ସମୀକ୍ଷା ମାଧ୍ୟମରେ ଆଇନ ଓ କାର୍ଯ୍ୟନିର୍ବାହୀ ଅନୁଷ୍ଠାନଗୁଡ଼ିକ ସାମ୍ବିଧାନିକ ସୀମା ମଧ୍ୟରେ ରହିବେ। ଭାରତ ଭଳି ଏକ ବିବିଧ ଓ ଜଟିଳ ସମାଜରେ ଏହି କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଉଁଠାରେ ସାମ୍ବିଧାନିକ ନୈତିକତାର ସୁରକ୍ଷା ପ୍ରାୟତଃ ଗଣତାନ୍ତ୍ରିକ ଶାସନର ଗୁଣବତ୍ତା ନିର୍ଣ୍ଣୟ କରେ। ସ୍ୱେଚ୍ଛାଚାରୀ କିମ୍ବା ଅସାମ୍ବିଧାନିକ କାର୍ଯ୍ୟଗୁଡ଼ିକୁ ପ୍ରତିହତ କରି ନ୍ୟାୟପାଳିକା ଏହି ନୀତିକୁ ସୁଦୃଢ଼ କରେ ଯେ, କୌଣସି କର୍ତ୍ତୃପକ୍ଷ ସମ୍ବିଧାନର ଊର୍ଦ୍ଧ୍ୱରେ ନୁହନ୍ତି। ମୌଳିକ ଅଧିକାରକୁ ସୁରକ୍ଷା ଦେବାରେ ନ୍ୟାୟପାଳିକାର ଭୂମିକା ସମାନ ଗୁରୁତ୍ୱପୂର୍ଣ୍ଣ। ଦଶନ୍ଧି ଧରି ଭାରତୀୟ ଅଦାଲତଗୁଡ଼ିକ ପରିବର୍ତ୍ତନଶୀଳ ସମୟର ପ୍ରତିକ୍ରିୟା ପାଇଁ ଅଧିକାରର ପରିସରକୁ ବିସ୍ତାର କରିଛନ୍ତି। ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ବ୍ୟାଖ୍ୟାକରଣ ମର୍ଯ୍ୟାଦା, ଗୋପନୀୟତା, ପରିବେଶ ସୁରକ୍ଷା ଓ ନ୍ୟାୟ ବ୍ୟବସ୍ଥାକୁ ବିକଶିତ କରିଛନ୍ତି। ଏହି ପ୍ରଗତିଶୀଳ ନ୍ୟାୟଶାସ୍ତ୍ର ବ୍ୟକ୍ତିଗତ ନାଗରିକଙ୍କୁ କେନ୍ଦ୍ରରେ ରଖି ଗଣତନ୍ତ୍ରକୁ ମଜବୁତ କରିଛି।

ଗଣତାନ୍ତ୍ରିକ ଜୀବନରେ ଭାରତୀୟ ନ୍ୟାୟପାଳିକାର ସବୁଠାରୁ ସ୍ୱତନ୍ତ୍ର ଅବଦାନ ମଧ୍ୟରୁ ଗୋଟିଏ ହେଉଛି ଜନସ୍ୱାର୍ଥ ମାମଲାର ବିକାଶ। କୋର୍ଟଗୁଡ଼ିକ ପ୍ରକ୍ରିୟାଗତ ନିୟମକୁ ଶିଥିଳ କରି ଗରିବ, ଅବହେଳିତ ଓ ଦୁର୍ବଳ ବର୍ଗଙ୍କ ପାଇଁ ସେମାନଙ୍କର ଦ୍ୱାର ଖୋଲି ଦେଇଛନ୍ତି। ଜନସ୍ୱାର୍ଥ ମାମଲା ମାଧ୍ୟମରେ ପରିବେଶଗତ ଅବନତି, ଦୁର୍ନୀତିଠାରୁ ଆରମ୍ଭ କରି ଜେଲ ସଂସ୍କାର ଓ ସାମାଜିକ କଲ୍ୟାଣ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗକୁ ସମାଧାନ କରାଯାଏ। ନ୍ୟାୟପାଳିକା ବ୍ୟବସ୍ଥାର ଅପବ୍ୟବହାର ବିଷୟରେ ବିତର୍କ ଜାରି ରହିଥିବା ବେଳେ ଜନସ୍ୱାର୍ଥ ମାମଲା ଗଣତାନ୍ତ୍ରିକ ଦାୟିତ୍ୱକୁ ଗଭୀର ଏବଂ ନାଗରିକ ଅଂଶଗ୍ରହଣକୁ ବିସ୍ତାର କରିଛି ବୋଲି ତିଳେମାତ୍ର ଅସ୍ୱୀକାର କରାଯାଇ ପାରିବ ନାହିଁ।

ବର୍ତ୍ତମାନ ପରିସ୍ଥିତିରେ ନ୍ୟାୟପାଳିକା ମଧ୍ୟ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନିଜ ମଧ୍ୟରେ କ୍ଷମତାର ସନ୍ତୁଳନ ବଜାୟ ରଖିବାରେ ଏକ ବିଶେଷ ଭୂମିକା ଗ୍ରହଣ କରେ। ଏକ ସୁସ୍ଥ ଗଣତନ୍ତ୍ର ପ୍ରଭାବଶାଳୀ ନିୟନ୍ତ୍ରଣ ଓ ସନ୍ତୁଳନ ଉପରେ ନିର୍ଭର କରିଥାଏ। ନ୍ୟାୟିକ ବ୍ୟବସ୍ଥା ନିଶ୍ଚିତ କରେ ଯେ କାର୍ଯ୍ୟପାଳିକା କ୍ଷମତାର ଅପବ୍ୟବହାର ଏବଂ ବିଧାନପାଳିକାର ସଂଖ୍ୟାଗରିଷ୍ଠତା ସାମ୍ବିଧାନିକ ମୂଲ୍ୟବୋଧକୁ ଦୁର୍ବଳ କରିପାରିବ ନାହିଁ। ରାଜନୈତିକ ଧ୍ରୁବୀକରଣ ସମୟରେ ମଧ୍ୟ ସ୍ୱାଧୀନ ନ୍ୟାୟ ପଦ୍ଧତି ଏକ ସ୍ଥିର ଶକ୍ତି ଭାବରେ କାର୍ଯ୍ୟ କରେ ଏବଂ ସାଂଗଠନିକ ସନ୍ତୁଳନ ରକ୍ଷା କରିଥାଏ। ନ୍ୟାୟପାଳିକା ମଧ୍ୟ ଆଇନର ଶାସନକୁ ବଜାୟ ରଖିବା ପାଇଁ କେନ୍ଦ୍ରବିନ୍ଦୁ। କେବଳ ଲୋକପ୍ରିୟ ଇଚ୍ଛା ଉପରେ ଗଣତନ୍ତ୍ର ବଞ୍ଚିପାରିବ ନାହିଁ। ତେଣୁ ସମସ୍ତଙ୍କ ପାଇଁ ସମାନ ଭାବରେ ପ୍ରୟୋଗ ହୋଇଥିବା ଏକ ଆଇନଗତ ଢାଞ୍ଚା ଆବଶ୍ୟକ। ନିରପେକ୍ଷତା ସୁନିଶ୍ଚିତ କରି ଅଦାଲତ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ବୃଦ୍ଧି କରିବାରେ ବେଶ ସହାୟକ ହୋଇଛି। ଯେତେବେଳେ ନାଗରିକମାନେ ବିଶ୍ୱାସ କରିବେ ଯେ ନ୍ୟାୟ ସୁଗମ ଓ ନିରପେକ୍ଷ ତେବେ ଗଣତାନ୍ତ୍ରିକ ବୈଧତା ଆହୁରି ସୁସ୍ଥ ଓ ସୁଦୃଢ଼ ରୂପେ ପରିଣତ ହେବ।

ବର୍ତ୍ତମାନ ଭାରତୀୟ ନ୍ୟାୟପାଳିକା ଆଗରେ ଏକ ବଡ଼ ଆହ୍ୱାନ ହେଉଛି ମାମଲାଗୁଡ଼ିକର ବହୁଳ ବିଚାର, ନ୍ୟାୟ ପ୍ରଦାନରେ ବିଳମ୍ବ, ସ୍ୱଚ୍ଛତା ଉପରେ ଚିନ୍ତା ଏବଂ ଉତ୍ତରଦାୟିତ୍ୱ। ଏକ ଗଣତନ୍ତ୍ରରେ 'ନ୍ୟାୟ ବିଳମ୍ବ' ର ଅର୍ଥ ପ୍ରାୟତଃ 'ନ୍ୟାୟ ପ୍ରତ୍ୟାଖ୍ୟାନ' ହୋଇପାରେ। ଜନସାଧାରଣଙ୍କ ବିଶ୍ୱାସକୁ ବଜାୟ ରଖିବା ପାଇଁ ନ୍ୟାୟିକ ସଂସ୍କାର, ପ୍ରଯୁକ୍ତିବିଦ୍ୟା ସମନ୍ୱୟ ଓ ସାଂଗଠନିକ ସହଯୋଗ ମାଧ୍ୟମରେ ଏହି ସମସ୍ୟାଗୁଡ଼ିକର ସମାଧାନ କରିବା ଅତ୍ୟାବଶ୍ୟକ। ବର୍ତ୍ତମାନ ପରିପ୍ରେକ୍ଷୀରେ ସାମ୍ବିଧାନିକ ମୂଲ୍ୟବୋଧ, ମୌଳିକ ଅଧିକାର ଓ ଆଇନର ଶାସନର ରକ୍ଷକ ଭାବରେ ଏହାର ଭୂମିକା ଅପରିହାର୍ଯ୍ୟ। ଗଠନମୂଳକ ସମାଲୋଚନା ଓ ସଂସ୍କାର ଆବଶ୍ୟକ ହେଲେ ମଧ୍ୟ ନ୍ୟାୟିକ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବା ଦ୍ୱାରା ଗଣତନ୍ତ୍ର ଦୁର୍ବଳ ହେବ। ଏକ ଦୃଢ଼, ନିରପେକ୍ଷ ଓ ପ୍ରତିକ୍ରିୟାଶୀଳ ନ୍ୟାୟପାଳିକା ଗଣତନ୍ତ୍ର ପାଇଁ ସବୁଠାରୁ ବଡ଼ ଶକ୍ତି ମଧ୍ୟରୁ ଗୋଟିଏ।

(ଆଇନଜୀବୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ)
କଟକ, ମୋ: ୮୧୧୪୩୧୭୬୭୪

# ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

## ଦୁଦୁରା
(Indian Thornapple- Datura metel)

ସୌଭାଗ୍ୟସୁନ୍ଦର

'ଦୁଦୁରା' ସମଗ୍ର ଭାରତରେ ପ୍ରାୟତଃ ଅନାବନା ଯାଗାରେ, ବିଶେଷତଃ ଉଷ୍ମମଣ୍ଡଳୀୟ ଜଳବାୟୁରେ ଦେଖାଯାଏ। ପ୍ରାଚୀନ ସଂସ୍କୃତ ଶବ୍ଦ 'ଧାତୁରା'ରୁ ଏହି ଉଦ୍ଭିଦର ଇଂରାଜୀ ନାମ 'ଦାତୁରା' ଆସିଛି। ଏହା ବର୍ତ୍ତମାନ ବିଶ୍ୱର ସମସ୍ତ ଉଷ୍ମ ମଣ୍ଡଳୀୟ ଦେଶରେ ପ୍ରାକୃତିକୀକରଣ ହୋଇସାରିଛି। ଏହି ଉଦ୍ଭିଦଟି ଏହାର ସୌନ୍ଦର୍ଯ୍ୟ ଓ ଔଷଧୀୟ ଗୁଣ ପାଇଁ ବିଶ୍ୱବ୍ୟାପୀ ଚାଷ କରାଯାଏ। ଏହା ଶିବ ଓ ଗଣେଶଙ୍କ ପୂଜାର୍ଚ୍ଚନାରେ ଅର୍ପଣ କରାଯାଏ। ଏହା ମଧ୍ୟ ଶିବ-ଶେଖର(ଶିବଙ୍କ ମୁକୁଟ) ଭାବେ ବିଦିତ। ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହଳାହଳ ପିଇବା ପରେ ଏହି ଉଦ୍ଭିଦ ଶିବଙ୍କ ଛାତିରୁ ବାହାରିଥିବା ବିଶ୍ୱାସ କରାଯାଏ।

'ଦୁଦୁରା' ହେଉଛି ଏକ-ବାର୍ଷିକ କିମ୍ବା ବହୁ-ବର୍ଷୀୟ ଔଷଧି କ୍ଷୁପ ବା କ୍ଷୁଦ୍ର ଉଦ୍ଭିଦ, ଯାହା ପ୍ରାୟ ୦.୫ ରୁ ୧.୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର କାଣ୍ଡ ଓ ଡାଳଗୁଡ଼ିକ କିଛିଟା କାଠିଆ, ଫମ୍ପା, ସବୁଜ କିମ୍ବା ବାଇଗଣୀ-କଳା ବର୍ଣ୍ଣର, ତୀବ୍ର ସୁଗନ୍ଧଯୁକ୍ତ। ପତ୍ରଗୁଡ଼ିକ ସରଳ, ବିକଳ୍ପ, ଡେମ୍ଫଯୁକ୍ତ, ସମ୍ପୂର୍ଣ୍ଣ କିମ୍ବା ଗଭୀର ଭାବରେ ଲୋବ ବା ପାଳି ପ୍ରଦର୍ଶନ କରେ। ଫୁଲଗୁଡ଼ିକ ସିଧା, କାହାଳି ଆକୃତିର, ୫-୨୦ ସେମି ଲମ୍ବା, ମୁଖ ଭାଗରେ ୪- ୧୨ ସେମି ଚଉଡ଼ା; ରଙ୍ଗ ଧଳାରୁ ହଳଦିଆ, ଫିକା ବାଇଗଣୀ ଓ ସୁଗନ୍ଧଯୁକ୍ତ। ୫ଟି ଯୁଗ୍ମ ବୃତି ସହିତ ବୃତିମଣ୍ଡଳ ୫-୮ ମିମି ଲମ୍ବା, ନଳୀକାର, କୋରୋଲା ବା ଦଳମଣ୍ଡଳର ଅଧା କିମ୍ବା ତା'ଠାରୁ କମ୍ ଲମ୍ବା; ଦଳମଣ୍ଡଳ ୫ ଟି ଯୁଗ୍ମ ପାଖୁଡ଼ା ସହିତ ୧୧-୧୭ ସେମି ଲମ୍ବା, ତୂରୀ ଆକୃତିର, ରଙ୍ଗ ଧଳାରୁ କ୍ରିମ୍, ହଳଦିଆ, ଲାଲ, ବାଇଗଣୀ କିମ୍ବା ହଳଦିଆ ହୋଇପାରେ। ବେଳେ ବେଳେ ଦୁଇରୁ ତିନି ପରସ୍ତ ଦଳ ମଣ୍ଡଳ ଥାଏ, ଯେଉଁଥିରେ ପ୍ରତି ପରସ୍ତ ପାଞ୍ଚଟି ଯୁଗ୍ମ ପାଖୁଡ଼ାକୁ ନେଇ ଗଠିତ। ପରାଗପେଟି ୧୨-୧୫ ମିମି ଲମ୍ବା; କ୍ୟାପସୁଲ୍ ବା ଡିମ୍ବାଶୟ ୩୫-୪୦ ମିମି ଚଉଡ଼ା, ଗୋଲାକାର। ବିହନ ୪-୫.୫ ମିମି, ସଙ୍କୁଚିତ, ମାଟିଆ ବର୍ଣ୍ଣର। ଫଳ ଏକ କଣ୍ଟାଯୁକ୍ତ କ୍ୟାପସୁଲ୍, ୪-୧୦ ସେମି ଲମ୍ବା, ୨-୬ ସେମି ଚଉଡ଼ା। ପାଚି ଶୁଖିବା ପରେ ଖୋଲିଯାଇ ଭିତରେ ବହନ କରିଥିବା ଅନେକ ବିହନ ମୁକ୍ତ କରେ। ଏହି ବିହନଗୁଡ଼ିକ ମୁକ୍ତ ଭାବରେ ବିସ୍ତାରିତ ହୁଏ। ଜୁନ୍‌ରୁ ନଭେମ୍ବର ମାସରେ ଫୁଲ ଫୁଟେ ଏବଂ ସେପ୍ଟେମ୍ବରରୁ ମାର୍ଚ୍ଚ ମାସରେ ଫଳ ଦିଏ। ଏହାର ଅନ୍ୟ ଏକ ପ୍ରକାର ଉଦ୍ଭିଦ ଅଛି ଯାହା ଚକଚକିଆ, ବାଇଗଣୀ-କଳା ବା କୃଷ୍ଣକାଣ୍ଡ ବିଶିଷ୍ଟ, ଫୁଲର ପାଖୁଡ଼ାଗୁଡ଼ିକ ସାଧାରଣତଃ ଦୁଇ କିମ୍ବା ତ୍ରିସ୍ତରୀୟ ଥାଏ, ପ୍ରତ୍ୟେକ ପାଖୁଡ଼ା ସମୂହର ବାହ୍ୟ ଅଂଶ ଗଭୀର ବାଇଗଣୀ ଏବଂ ଭିତର ଅଂଶ ଧଳା।

ଭାରତରେ ପାରମ୍ପରିକ ଭାବରେ ଦୁଦୁରା ଏକ ଔଷଧୀୟ ଉଦ୍ଭିଦ ଭାବରେ ବ୍ୟବହୃତ ହୁଏ। ତମାଖୁ ସହିତ ମିଶ୍ରିତ ପତ୍ର ଓ ଫୁଲଗୁଡ଼ିକୁ ଶ୍ୱାସ ବା ଆସ୍ଥମାରୁ ମୁକ୍ତି ପାଇଁ ସିଗାର ଭାବରେ ଧୂମପାନ କରାଯାଏ। ପତ୍ରଗୁଡ଼ିକ ମଧ୍ୟ ଆନୋଡାଇନ୍, ଆଣ୍ଟିସେପ୍ଟିକ୍, ନିଶାକାରକ ଏବଂ ଫୁଲା, ଘା' ଉପଶମ ପାଇଁ ପ୍ରୟୋଗ କରାଯାଏ। ଫୁଲଗୁଡ଼ିକ କାନ ଯନ୍ତ୍ରଣା ନିବାରଣ କରେ। ଫଳଟି ଅଧିକ ମାତ୍ରାରେ ନିଶାକାରକ। ରୁପି, କେଶ ହ୍ରାସ ଚିକିତ୍ସା ପାଇଁ ଏହାର ରସକୁ ମୁଣ୍ଡରେ ଲଗାଯାଏ। ବିହନଗୁଡ଼ିକ ପ୍ରଦାହ-ବିରୋଧୀ, ବେଦନା ନାଶକ, କୃମି ଆକ୍ରମଣରୁ ପେଟ ଓ ଅନ୍ତନଳୀ ଯନ୍ତ୍ରଣା, ପ୍ରଦାହରୁ ଜ୍ୱରର ଉପଶମ ପାଇଁ ବ୍ୟବହୃତ ହୁଏ। ଦୁଦୁରା ଚୀନ୍‌ର ପାରମ୍ପରିକ ଔଷଧରେ ବ୍ୟବହୃତ ୫୦ ଟି ମୌଳିକ ଔଷଧ ମଧ୍ୟରୁ ଗୋଟିଏ।

ଦୁଦୁରା ଶାସ୍ତ୍ରୀୟ 'ଡାଇନି' ଘାସ' ମଧ୍ୟରୁ ଏକ। ଗଛର ସମସ୍ତ ଅଂଶ ବିଷାକ୍ତ। ଭାରତରେ ଏହାକୁ ବହୁବର୍ଷ ଧରି ବିଷ, ହତ୍ୟା, ଆତ୍ମହତ୍ୟା ଓ କାମୋଦ୍ଦୀପକ ଭାବରେ ବିବେଚନା କରାଯାଇ ଆସୁଛି। ଦୁଦୁରା ଗଛରେ, ମୁଖ୍ୟତଃ ବିହନ, ଫୁଲ ଓ ମୂଳରେ ସ୍କୋପୋଲାମାଇନ୍, ଆଟ୍ରୋପିନ୍ ଭଳି ଅନେକ ଟ୍ରୋପେନ୍ ଆଲକାଲଏଡ୍ ଥାଏ। ତେଣୁ ମଣିଷ କିମ୍ବା ପଶୁ ଏହାକୁ ଖାଇଲେ ଘାତକ ହୋଇପାରେ। ଔଷଧ ଓ ପ୍ରସାଧନ ଆଇନ ୧୯୪୦ ଏବଂ ନିୟମ ୧୯୯୫ ଅନୁସାରେ ଔଷଧରେ ବ୍ୟବହାର ବ୍ୟତୀତ ଭାରତରେ ଦୁଦୁରାକୁ ନିଷିଦ୍ଧ କରାଯାଇଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ବନ୍ଧୁକ ମୁନରେ ଦାଦାବଟି ଆଦାୟ

# ପୂର୍ବତନ କର୍ପୋରେଟରଙ୍କ ପୁଅ ସମେତ ୨ ଗିରଫ

ବ୍ରହ୍ମପୁର, ୨୧।୧୨ (ସମିସ): ଦାଦାବଟି ଆଦାୟ ମାମଲାରେ ଟାଉନ ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ହେଲେ, ପୂର୍ବତନ କର୍ପୋରେଟର୍‌ଙ୍କ ପୁଅ ତଥା ରାଉତପେଟା ସାହିନିବାସୀ ଶୁଭମ ମାଝୀ (୨୨) ଓ ସହଯୋଗୀ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବୁଟୁଲୁ ଗ୍ରାମର ଆଲୋକ ମାଝୀ (୨୬)। ଶୁଭମଙ୍କ ନିକଟରୁ ପୁଲିସ ଗୋଟିଏ ପିସ୍ତଲ,



ଗୋଟିଏ ଖଣ୍ଡା, ମୋବାଇଲ୍, ଗୋଟିଏ ଟିଭିଏସ୍ ସ୍କୁଟି, ଗୋଟିଏ ମେଫେଣ୍ଟରମାଇନ୍ ସଲଫେଟ୍ (ଟରମାଙ୍ଗ) ଇଞ୍ଜେକ୍ସନ ବୋତଲ ଓ ଦୁଇଟି ସିରିଞ୍ଜି ଜବତ କରିଛି।

ସୂଚନାଯୋଗ୍ୟ, ବଡ଼ବଜାର ଥାନା ଅଞ୍ଚଳର ରବି ସେଠୀ (୪୫) ମଧ୍ୟସ୍ଥି ସାଜି ଗେଟବଜାର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଘର ବିକ୍ରି କରିଥିଲେ। ଏଥିରୁ ରବି ମୋଟା ଅଙ୍କର ଅର୍ଥ ପାଇଥିଲେ। ସେହି ଟଙ୍କାରୁ ୭୦ ହଜାର ଟଙ୍କା ଦାବି କରିଥିଲେ ଶୁଭମ। ରବି ଟଙ୍କା ନଦେବାରୁ ଶୁଭମ ତାଙ୍କୁ ଧମକଚମକ ଦେଇଆସୁଥିଲା। ଶୁଭମ ଓ ସହଯୋଗୀ ଆଲୋକ ଉଭୟ ୨ ଓ ୩ ତାରିଖରେ ରବିଙ୍କୁ ଧମକ ଦେବା ସହ ଆକ୍ରମଣ କରିଥିଲେ। ଏପରିକି, ତାଙ୍କୁ ପାନବିକା ସାହି ସମେତ ବିଭିନ୍ନ ସ୍ଥାନକୁ ନେଇ ଅଟକ ରଖି ମାରପିଟ୍ କରିବା ସହ ତାଙ୍କ ମୋବାଇଲ୍‌କୁ ଭାଙ୍ଗି ଦେଇଥିଲେ। ପରେ ପିସ୍ତଲ ଏବଂ ଖଣ୍ଡା ଦେଖାଇ ୭୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ଘଟଣାକୁ ନେଇ ରବି ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରିବା ପରେ ଶୁଭମ ଗୋଷାଣିନୂଆଗାଁ କୌତିକ ନଗର ୨ୟ ଲାଇନରେ ରହୁଥିବା ଜାଣାପଡିଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ରଞ୍ଜିତ କୁମାର ଦାଶ ଓ ତାଙ୍କ ଟିମ୍ ଉକ୍ତ ସ୍ଥାନରେ ଚଢ଼ଉ କରିବା ପରେ ଶୁଭମ ବିଜିପୁରର ଏକ ଜିମରେ ଥିବା ସୂଚନା ମିଳିଥିଲା। ସୂଚନା ଆଧାରରେ ପୁଲିସ ଉକ୍ତ ଜିମରେ ଚଢ଼ଉ କରି ସେଠାରୁ ଶୁଭମ ଓ ଆଲୋକଙ୍କୁ କାବୁ କରିଥିଲା।

‘ପରବ’ର ଚତୁର୍ଥ ଦିନ

# ସଂସ୍କୃତି ଓ ପରମ୍ପରା ଆମ ଜାତିର ସ୍ୱାଭିମାନ: ମୁଖ୍ୟମନ୍ତ୍ରୀ

**ଉନ୍ମୋଚନ ହେଲା କୋରାପୁଟ ଜାକେଟ**

**୫୫୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ**

କୋରାପୁଟ, ୨୧।୧୨ (ସମିସ): ସଂସ୍କୃତି ଓ ପରମ୍ପରା ଆମ ଜାତିର ସ୍ୱାଭିମାନ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ଜାତୀୟ ସ୍ତରୀୟ ଲୋକ ମହୋତ୍ସବ ‘ପରବ-୨୦୨୫’ର ଚତୁର୍ଥ ଦିନର ମୁଖ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ‘ପରବ’ ଆଜି ଜାତୀୟ ଆଦିବାସୀ ମହୋତ୍ସବ ମାନ୍ୟତା ପାଇବା ଆମ ପାଇଁ ଗର୍ବର ବିଷୟ। ଆଦିବାସୀ ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ‘ପରବ’ ପାଳନର ଯଥାର୍ଥତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ‘କୋରାପୁଟ ଜାକେଟ୍’ ଉନ୍ମୋଚନ କରିବା ସହ ୫୫୦ କୋଟିର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ‘ପରବ’ରେ ଆଦିବାସୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିଦେଶୀ ପର୍ଯ୍ୟଟକ କିଣିବା କିଣା ଲୋକଙ୍କ ଆର୍ଥିକ ଅଭିବୃଦ୍ଧି



ହେଉଛି ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ଜିଲ୍ଲାପାଳ ତଥା ପରବ କମିଟି ଅଧ୍ୟକ୍ଷ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକା, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କୋରାପୁଟ ବିଧାୟକ ରଘୁରାମ ମାଛ ,ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୂପ ଭତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ‘ପରବ’ ପାଳନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

କୋରାପୁଟ ସାଂସଦ ଏବଂ ବିଧାୟକ କାଡାମ କୋରାପୁଟ ଠାରୁ ଭୁବନେଶ୍ୱରକୁ ବନ୍ଦେ ଭାରତ ଟ୍ରେନ, ପର୍ଯ୍ୟଟନର ବିକାଶ ଉପରେ ନିଜ ବକ୍ତବ୍ୟରେ ଗୁରୁତ୍ୱ ଦେଇଥିଲେ। କୋରାପୁଟ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜିଲ୍ଲାପାଳ ସ୍ୱାଗତ ଭାଷଣ ଦେଇଥିଲେ। ସଭା ଶେଷରେ ଅତିଥି ମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ବ୍ୟକ୍ତି ଓ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ମାହିଆ ଡେମାଶା, ଦଶମନ୍ତପୁରର ଜାନି ଡୁଡୁଙ୍ଗା ପରଜା ନୃତ୍ୟ, କୁନ୍ଦୁରା ବ୍ଲକର ରିଞ୍ଜାଡି, କୋରାପୁଟ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦଶ ଅବତାର ନୃତ୍ୟ, ପୁରୀର ଗୋଟି ପୁଅ ନୃତ୍ୟ ସହ ନକ୍ସାସ ଅଜିଜଙ୍କ ସଙ୍ଗୀତ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା। କୋରାପୁଟ ବିଧାୟକ ରଘୁରାମ ମାଛ ଧନ୍ୟବାଦ ଅର୍ପଣ କରିଥିଲେ।

ସୀତାକୁଣ୍ଡରେ ଅଘଟଣ

# ଗ୍ୟାସ୍ ବେଲୁନ୍ ଟାଙ୍କି ବିସ୍ଫୋରଣ; ବିକାଳି ଗୁରୁତର

ବାରିପଦା, ୨୧।୧୨(ସମିସ): ଶିମିଳିପାଳ ପାଦଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତ ପର୍ଯ୍ୟଟନସ୍ଥଳୀରେ ରବିବାର ଏକ ଅଘଟଣ ଘଟିଛି। ଆଜି ଏଠାରେ ବହୁସଂଖ୍ୟକ ପର୍ଯ୍ୟଟକଙ୍କ ସମାଗମ ହୋଇଥିବା ବେଳେ ଏକ ଗ୍ୟାସ୍ ବେଲୁନ୍ ଟାଙ୍କି ବିସ୍ଫୋରଣ ହୋଇଛି। ଏଥିରେ ବେଲୁନ ବିକାଳି ଗୁରୁତର ଆହତ ହୋଇଛନ୍ତି। ଆହତଜଣଙ୍କ ହେଲେ, ବାରିପଦା ସହର ଶୂନଗଡ଼ିଆର ସେରୁ ସିଂ(୨୪)। ତାଙ୍କୁ ଗୁରୁତର ଅବସ୍ଥାରେ ପିଆରଏମ୍ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପାଖାପାଖି କେହି ପର୍ଯ୍ୟଟକ ନଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବିସ୍ଫୋରଣ ପରେ ଗ୍ୟାସ୍ ଟାଙ୍କିଟି ପାର୍କିଂରେ ଛିଡ଼ା ହୋଇଥିବା ଏକ ଟୁରିଷ୍ଟ ବସ୍ ଉପରେ ପଡ଼ିଥିଲା। ସେରୁ ଧୂମପାନ କରି ସିଲିଣ୍ଡରକୁ ଅନ୍ୟତ୍ର ନେଇଯାଉଥିଲେ। ପୂର୍ବରୁ ଲିକ୍ ଥିବା ଟାଙ୍କିରେ ଅଠା ଦେଇ ଅସ୍ଥାୟୀ ସିଲ୍ କରିଥିବା ବେଳେ ସେଠାରୁ ଗ୍ୟାସ ଲିକ୍ ହୋଇ ଏହି ଅଘଟଣ ଘଟିଥିବା କୁହାଯାଉଛି। ଦୁର୍ଘଟଣା ପରେ ବେଲୁନ୍ ବିକାଳିଙ୍କୁ ଉଦ୍ଧାର କରିବାକୁ କେହି ଆସିନଥିଲେ।

**ଅଳ୍ପକେ ବର୍ତ୍ତିଲେ ପର୍ଯ୍ୟଟକ**

# ବଢ଼ିବ ଓଡ଼ିଶାର ଜାତୀୟ ଜଳପଥ ସଂଖ୍ୟା

## ରାଜ୍ୟକୁ ଯୋଗ୍ୟ ଜଳପଥର ତାଲିକା ମାଗିଲା କେନ୍ଦ୍ର

**ଫିଜିବିଲିଟି ସର୍ଭେ ପରେ ପଦକ୍ଷେପ**

**ପୂର୍ବରୁ ୬ଟି ଜଳପଥକୁ ମିଳିଛି ମାନ୍ୟତା**

**ଜଳପଥ-୫ ଓ ଜାତୀୟ ଜଳପଥ-୬୪ର ବିକାଶ ପାଇଁ ୧୨୫୦୦ କୋଟି**

ଭୁବନେଶ୍ୱର,୨୧।୧୨(ସମିସ): ଓଡ଼ିଶାରେ ଜାତୀୟ ଜଳପଥର ବିକାଶ ପାଇଁ ପୁଣିଥରେ ଅଣ୍ଟା ଭିଡ଼ିଛି କେନ୍ଦ୍ର ସରକାର। ରାଜ୍ୟରେ ଯେଉଁ ଜଳପଥ ଗୁଡ଼ିକର ଜାତୀୟ ରାଜପଥ ଭାବେ ଘୋଷଣା କରିବା ପାଇଁ ଆବଶ୍ୟକୀୟ ଯୋଗ୍ୟତା ଓ ମାନଦଣ୍ଡ ରହିଛି, ତାହାର ତାଲିକା ଦେବାକୁ କେନ୍ଦ୍ର ସରକାର ଓଡ଼ିଶାକୁ ଚିଠି ଲେଖିଛନ୍ତି। ଓଡ଼ିଶା ପକ୍ଷରୁ ତାଲିକା କେନ୍ଦ୍ର ନିକଟରେ ପହଞ୍ଚିବା ପରେ, ଏହାର ଫିଜିବିଲିଟ ସର୍ଭେ ହେବ। ଏହାପରେ ଜାତୀୟ ଜଳପଥ ଭାବେ ମାନ୍ୟତା ପ୍ରଦାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଦେଶରେ ମୋଟ ୧୧୧ଟି ଜଳପଥକୁ ଜାତୀୟ ଜଳପଥର ମାନ୍ୟତା ଦିଆଯାଇଛି। ତନ୍ମଧ୍ୟରେ ଓଡ଼ିଶାର ୬ଟି ଜଳପଥ ସାମିଲ ରହିଛି। ସେଗୁଡ଼ିକ ହେଲା ଜାତୀୟଜଳପଥ-୫, ୧୪, ୨୨, ୨୩, ୬୪ ଓ ୯୬। ଜାତୀୟଜଳପଥ-୫ ଅଧିନରେ ବ୍ରାହ୍ମଣୀ-କୁଶଭଦ୍ରା-ଧାମରା ରହିଥିବା ବେଳେ ଜଳପଥ-୧୪ ଅଧିନରେ ବୈତରଣୀ ନଦୀ ରହିଛି। ସେହିପରି ଜଳପଥ-୨୨ ଅଧିନରେ ବିରୁପା-ଗେଙ୍ଗୁଟି-ବ୍ରାହ୍ମଣୀ ରିଭର ସିଷ୍ଟମ, ଜଳପଥ-୨୩ ଅଧିନରେ ବୁଢାବଳଙ୍ଗ, ଜଳପଥ-୬୪ ଅଧୀନରେ ମହାନଦୀ ଏବଂ ଜାତୀୟ ଜଳପଥ-୯୬ ଅଧିନରେ ସୁବର୍ଣ୍ଣରେଖା ନଦୀ ସାମିଲ ରହିଛି। ନିକଟରେ ମୁମ୍ବାଇଠାରେ ଅନୁଷ୍ଠିତ ଇଣ୍ଡିଆ ମାରିଟାଇମ୍-୨୦୨୫ କାର୍ଯ୍ୟକ୍ରମରେ ଜାତୀୟଜଳପଥ-୫ ଓ ଜାତୀୟ ଜଳପଥ-୬୪ର ବିକାଶ ପାଇଁ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଇନଲ୍ୟାଣ୍ଡ ୱାଟରୱେଜ ଅଥରିଟି ଅଫ୍ ଇଣ୍ଡିଆ (ଆଇଡବ୍ଲ୍ୟୁଏୱାଇ), ରାଜ୍ୟ ସରକାର, ପାରାଦୀପ ପୋର୍ଟ ଅଥରିଟି(ପିପିଏ) ଏବଂ ମହାନଦୀ କୋଲ୍ଡଫିଲ୍ଡ ଲିମିଟେଡ(ଏମସିଏଲ) ମଧ୍ୟରେ ଏହି ଚୁକ୍ତିନାମା ହୋଇଥିବା ବେଳେ ଏଥିପାଇଁ ୧୨୫୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜାତୀୟ ରାଜପଥ ଓ ରେଳ ଉପରେ ଲଜିଷ୍ଟିକ ଖର୍ଚ୍ଚ



ହ୍ରାସ, ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହନ, ତାଳଚେର କୋଇଲାଖଣିରୁ ପାରାଦୀପ ଓ ଦାମରା ବନ୍ଦରକୁ କାର୍ଗୋ ପରିବହନ ଆଦି ଏହାର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଜଣାପଡ଼ିଛି। ଅପରପକ୍ଷେ କୌଣସି ଜଳପଥ ଜାତୀୟ ଜଳପଥର ମାନ୍ୟତା ପାଇଲେ ସେଠାରେ ଭିତ୍ତିଭୂମି ବିକାଶର ବ୍ୟାପକ ପଥ ଉନ୍ମୁକ୍ତ ହେଉଥିବାରୁ ଏହା ଓଡ଼ିଶା ପାଇଁ ବେଶ୍ ଉପାଦେୟ ହେବ ବୋଲି ଜଣାପଡ଼ିଛି। ଓଡ଼ିଶାରେ ବହୁ ସଂଖ୍ୟକ ଜଳପଥ ଏଥିପାଇଁ ଯୋଗ୍ୟତା ରଖିଥିବା ବେଳେ ଏନେଇ ଖୁବଶୀଘ୍ର ରିପୋର୍ଟ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଜଳସମ୍ପଦ ବିଭାଗ ସୂତ୍ରରୁ ଜଣାପଡ଼ିଛି।

ରାଇରଙ୍ଗପୁର ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

# ଆଣ୍ଠୁରୁ ବାହାରିଲା ବ୍ରେକ୍ ଖଣ୍ଡ

ରାଇରଙ୍ଗପୁର, ୨୧।୧୨(ସମିସ): ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲର ଡାକ୍ତରୀ ଟିମ୍ ଆଜି ଜଣେ ନାବାଳକକୁ ନୂଆ ଜୀବନ ଦେଇଛନ୍ତି। ଜଟିଳ ଅସ୍ତ୍ରୋପଚାର କରି ନାବାଳକାର ଆଣ୍ଠୁରୁ ସାଇକଲ ବ୍ରେକ୍ ଖଣ୍ଡ ବାହାର କରିଛନ୍ତି।

ଉପରବେଡ଼ା ଅଞ୍ଚଳର ଦୁବଲାବେଡ଼ା ଗ୍ରାମର ରତିରଞ୍ଜନ ମହାନ୍ତଙ୍କ ୧୩ବର୍ଷର



ପୁଅ ସୌମ୍ୟ ଶିବଜିତ ମହାନ୍ତ ରବିବାର ଅପରାହ୍ଣରେ ସାଇକଲ ଚଳାଉଥିବା ବେଳେ କୌଣସି କାରଣରୁ ସାଇକଲ ବ୍ରେକ୍ ଖଣ୍ଡ ତା’ ଡାହାଣ ଗୋଡ଼ ଆଣ୍ଠୁ ଭିତରେ ପଶିଯାଇଥିଲା। ମାଂସପେଶୀକୁ ଭେଦ କରି ତାହା ଆଣ୍ଠୁଚକି ଭିତରେ ପଶି ରହିଥିଲା। ଏହାସହ ୨/୩ଟି ରକ୍ତପ୍ରଶିରା କଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାରଲୋକେ ତାକୁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ରବୀନ୍ଦ୍ର କୁମାର ମାର୍ଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ସୌମ୍ୟର ଅସ୍ତ୍ରୋପଚାର କରାଯାଇଥିଲା। ଡା. ଅଂଶୁମାନ ଦାସ ଓ ଅସ୍ଥିଶଲ୍ୟ ଡା. ଜୟଦେବ ପ୍ରଧାନ ଦୀର୍ଘ ସମୟ ଧରି ଅସ୍ତ୍ରୋପଚାର କରି ଆଣ୍ଠୁଚକିରୁ ବ୍ରେକ୍ ଖଣ୍ଡକୁ ବାହାର କରିଥିଲେ। ଠିକ୍ ସମୟରେ ଅସ୍ତ୍ରୋପଚାର ହୋଇ ନ ଥିଲେ ନାବାଳକଜଣଙ୍କ ଚଲାବୁଲା ଶକ୍ତି ହରାଇବା ସହ ପ୍ରଚୁର ରକ୍ତସ୍ରାବ ଯୋଗୁଁ ତା’ର ଜୀବନ ଯିବାର ଆଶଙ୍କା ମଧ୍ୟ ରହିଥିଲା।

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ଘଟଣା

# ଥାନାରେ ଏତଲା ଦେଲେ ହ୍ୟୁମାନ୍‌ଙ୍କ ମା’

■ ପତ୍ନୀ ଶ୍ରେୟା ଓ ଅର୍ପିତାଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ନିବେଦନ
■ ମ୍ୟାନେଜର ଦୀନେଶ୍ ଓ ସଂଗୀତ ନିର୍ଦ୍ଦେଶକ ସୋମେଶଙ୍କୁ ବି ଜେରା ପାଇଁ ଅନୁରୋଧ
■ ମୁଖ୍ୟମନ୍ତ୍ରୀଙ୍କୁ ଦିଆଗଲା ଏତଲାର ନକଲ

କଟକ, ୨୧।୧୨(ସମିସ): କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ମୃତ୍ୟୁକୁ ମାସେ ବିତିଯାଇଥିବା ବେଳେ ଆଜି ତାଙ୍କ ମା’ ଶେଫାଳି ସୁନା ମର୍କତନଗର ଥାନାରେ ଏତଲା ଦେଇଛନ୍ତି। ହ୍ୟୁମାନଙ୍କ ସନ୍ଦେହଜନକ ମୃତ୍ୟୁ ନେଇ ସେ ୮ଟି ଦିଗ ଉପରେ ଅଭିଯୋଗ ଆଣିଛନ୍ତି। ହ୍ୟୁମାନଙ୍କ ମୃତ୍ୟୁ ପଛରେ ବିଷକ୍ରିୟା, ଶାରୀରିକ ଆଘାତ, ଅବହେଳା, ନିର୍ଯାତନା, ଚାପ, ଧମକ, ଆର୍ଥିକ ନେଣଦେଣ ସହ ପ୍ରମାଣ ନଷ୍ଟ ଆଦି କଥା ତାଙ୍କ ମାଆ ଶେଫାଳି ଉଠାଇଛନ୍ତି। ଗତ ନଭେମ୍ବର ୧୭ ତାରିଖ ରାତିରେ ହ୍ୟୁମାନ ସାଗର ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ମୃତ୍ୟୁ ଘଟିଥିଲା। ହ୍ୟୁମାନଙ୍କ ମୃତ୍ୟୁର ସମ୍ପୂର୍ଣ୍ଣ ତଦନ୍ତ ପାଇଁ ଶେଫାଳି ପୁଲିସକୁ ନିବେଦନ କରିଛନ୍ତି।

ଏତଲାରେ ଦର୍ଶାଯାଇଛି ଯେ ହ୍ୟୁମାନଙ୍କ ପତ୍ନୀ ଶ୍ରେୟା ମିଶ୍ର କିମ୍ବା ତାଙ୍କ ପରିବାର ସଦସ୍ୟମାନଙ୍କ ଦ୍ୱାରା ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ଓ ଡିଜିଟାଲ୍ ମିଡିଆରେ ଦିଆଯାଇଥିବା ସାର୍ବଜନୀନ ବକ୍ତବ୍ୟ, ପ୍ରେସମିଟ୍, ସାକ୍ଷାତକାର ଇତ୍ୟାଦିର ଭୂମିକା ଉପରେ ତଦନ୍ତ କରାଯାଉ। ହ୍ୟୁମାନଙ୍କ ଛୋଟ ଝିଅ ନ୍ୟୁ ଏଞ୍ଜେଲ୍ ସାଗରଙ୍କ ସହ ଦେଖା କିମ୍ବା କଥା ହେବାରୁ ରୋକାଯାଇଥିଲା, ଯାହା ତାଙ୍କୁ ଗଭୀର ମାନସିକ ଯନ୍ତ୍ରଣା ଦେଇଥିଲା। ହ୍ୟୁମାନଙ୍କ ପତ୍ନୀଙ୍କୁ ପୁଲିସ ତଦନ୍ତ ପରିସରଭୁକ୍ତ କରି ଜେରା କରିବାକୁ ଶେଫାଳି ନିବେଦନ କରିଛନ୍ତି। ବିଶେଷକରି ହ୍ୟୁମାନଙ୍କ ବନ୍ଧୁ ତଥା ପ୍ରେମିକା କଣ୍ଠଶିଳ୍ପୀ ଅର୍ପିତାଙ୍କୁ ଜେରା କରାଯାଇ ତାଙ୍କ ଫୋନ୍, ବ୍ୟାଙ୍କ୍ ପାସବୁକ୍, ହ୍ୱାଟସଆପ୍ ତଥ୍ୟ ଓ କଲ୍ ଡିଟେଲ୍ସକୁ ପୁଲିସ ଯାଞ୍ଚ କରିବାକୁ ସେ ନିବେଦନ କରିଛନ୍ତି। ଶେଷ ୩/୪ବର୍ଷ ଧରି ତାଙ୍କ ସହିତ ଘନିଷ୍ଠ ଭାବେ ସମ୍ପୃକ୍ତ ଥିବା ବ୍ୟକ୍ତିମାନଙ୍କୁ, ଆଇନ ଅନୁଯାୟୀ ତଦନ୍ତ ପରିସରଭୁକ୍ତ କରାଯାଉ। ପତ୍ନୀ ଶ୍ରେୟା ମିଶ୍ର ଏବଂ ତାଙ୍କ ପିତାମାତା/ପରିବାର ସହିତ ଡାକ୍ତର ଶୁଭେନ୍ଦୁ ମିଶ୍ର, କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ସଂଗୀତ ନିର୍ଦ୍ଦେଶକ ସୋମେଶ ସତପଥୀ, ମ୍ୟାନେଜର ଦିନେଶ ବେହେରା ଓ ସହଯୋଗୀ ଏମ୍.ଡି. ଅବିଦ୍‌ଙ୍କୁ ଜେରା କରାଯାଇ ହ୍ୟୁମାନଙ୍କ ମୃତ୍ୟୁର ରହସ୍ୟ ଉପରକୁ ପରଦା ଉଠାଇବାକୁ ମା’ ଶେଫାଳି ନିବେଦନ କରିଛନ୍ତି। ଏହହାର ଏକ ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦାନ କରାଯାଇଛି।

# ଦୁର୍ଘଟଣାରେ ୨ ମୃତ

ତରଭା,୨୧।୧୨(ସମିସ): ବଲାଙ୍ଗିର-ସୋନପୁର ୫୭ନମ୍ବର ଜାତୀୟ ରାଜପଥର ଛେପାପାଲି ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ସୋନପୁର ବ୍ଲକ ହରଡ଼ଖୋଲ ନିକଟସ୍ଥ ଗତରକେଲା ଗ୍ରାମର ଜୟବେହେରା(୩୬) ଓ ଗଙ୍ଗାଧର ବେହେରା (୩୦)। ଉଭୟ ଏକ ବାଇକ୍‌ରେ ସୋନପୁର ଆଡ଼କୁ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଜୟଙ୍କ ଘଟଣାସ୍ଥଳରେ



ମୃତ୍ୟୁ ହୋଇଯାଇଥିବା ବେଳେ ଗଙ୍ଗାଧରଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାର ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ସୋନପୁର-ବଲାଙ୍ଗୀର ରାସ୍ତାକୁ ଅବରୋଧ କରିଛନ୍ତି। ସୋନପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି। ଖବର ଲେଖା ହେବା ବେଳକୁ ରାସ୍ତାରୋକ ହଟିନଥିଲା।

## ଅବଶିଷ୍ଟାଂଶ

### ବଢ଼ିଲା ରେଳ ଯାତ୍ରୀ...

କରିଥିଲେ। ସେତେବେଳେ, ଅଣ-ଏସି ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ ପାଇଁ ପ୍ରତି କିମି ପିଛା ୧ ପଇସା ଏବଂ ଏସି ଶ୍ରେଣୀ ଭଡା ପାଇଁ ପ୍ରତି କିମିରେ ୨ ପଇସା ବୃଦ୍ଧି କରାଯାଇଥିଲା। ତା’ ପୂର୍ବରୁ ୨୦୨୦ରେ ଯାତ୍ରୀ ଭଡ଼ା ବୃଦ୍ଧି ହୋଇଥିଲା। ଭଡ଼ା ବୃଦ୍ଧି ଜରିଆରେ ରେଳବାଇ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୬୦୦ କୋଟି ଟଙ୍କାର ଅତିରିକ୍ତ ରାଜସ୍ୱ ଆଦାୟ ଲକ୍ଷ୍ୟ ରଖିଛି। ରେଳ ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ, ବର୍ଦ୍ଧିତ ପରିଚାଳନା ଖର୍ଚ୍ଚକୁ ପୂରଣ କରିବା ଏବଂ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକୁ ପାଣ୍ଠି ଯୋଗାଇବା ପାଇଁ ଏହି ଭଡ଼ା ବୃଦ୍ଧି ଜରୁରୀ। ରେଳବାଇ ଏହାର ସେବାକୁ ଉନ୍ନତ କରିବା, ନୂତନ ଟ୍ରେନ ପ୍ରଚଳନ କରିବା ଏବଂ ଷ୍ଟେସନ୍‌ଗୁଡ଼ିକୁ ଆଧୁନିକୀକରଣ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଏହି ଭଡ଼ା ବୃଦ୍ଧି ଦ୍ୱାରା ସୃଷ୍ଟ ୬୦୦ କୋଟିର ଅତିରିକ୍ତ ରାଜସ୍ୱ ଏହି କାର୍ଯ୍ୟ ପାଇଁ ବ୍ୟବହାର କରାଯିବ।

### ନାକେଦମ୍ କରିବ...

କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ସେହିପରି ସମ୍ବଲପୁର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ଦେବଗଡ଼, କଳାହାଣ୍ଡି ଓ କୋରାପୁଟରେ ମଧ୍ୟମଧରଣର କୁହୁଡ଼ି ପାଇଁ ପାଣିପାଗ କେନ୍ଦ୍ର କହିଛି। ଘନ କୁହୁଡ଼ିକୁ ଦୃଷ୍ଟିରେ ରଖି କିପରି ରାସ୍ତାରେ ଯାନବାହନ ଚଳାଚଳରେ ଦୁର୍ଘଟଣା ନ ଘଟିବ ତାହା ଉପରେ ରାଜ୍ୟ ପରିବହନ ବିଭାଗ ଗୁରୁତ୍ୱ ଦେଇଛି। ଏଥିପାଇଁ ବିଭାଗ ପକ୍ଷରୁ କୁହୁଡ଼ି ସମୟରେ ଗାଡ଼ି ନ ଚଲାଇବାକୁ ପରାମର୍ଶ ଦିଆଯାଇଛି। ନିହାତି ଆବଶ୍ୟକ ଥିଲେ ଧୀରେ ଓ ସାବଧାନତାର ସହ ଗାଡ଼ି ଚଳାଇବାକୁ କୁହାଯାଇଥିବା ବେଳେ ଗାଡ଼ି ପାର୍କିଂ ସମୟରେ ହାଜାର୍ଡ ଲାଇଟ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଏହାସହିତ ଆବଶ୍ୟକ ନଥିଲେ ଗାଡ଼ି ଓଭରଟେକ୍ କରିବାକୁ ମଧ୍ୟ ବାରଣ କରାଯାଇଛି। ଦ୍ରୁତଗତିରେ ଗାଡ଼ି ଚଳାଇବାକୁ ବାରଣ କରାଯିବା ସହ ହଠାତ୍ ଲେନ୍ ପରିବର୍ତ୍ତନ ନ କରିବା ଓ ଗାଡ଼ି ଗାଡ଼ି ମଧ୍ୟରେ ସୁରକ୍ଷିତ ବ୍ୟବଧାନ ରଖିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି।

ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଜି. ଉଦୟଗିରିରେ ୫.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏହା ସବୁଠୁ ଥଣ୍ଡା ସହର ପାଲଟିଛି। ସେହିପରି ସେମିଳିଗୁଡ଼ାରେ ୬.୭, ଦାରିଙ୍ଗବାଡ଼ି ୭, ଫୁଲବାଣୀ ୭, କୋରାପୁଟ ୭.୬, ନବରଙ୍ଗପୁର ୯, ଭବାନୀପାଟଣା ୯.୪ ବୌଦ୍ଧ ୯.୬, ଅନୁଗୁଳ ୯.୬ ଓ ଝାରସୁଗୁଡ଼ାରେ ପାରଦ ୯.୬ ଡିଗ୍ରୀ ରେକର୍ଡ ହୋଇଛି।

### ଓଡ଼ିଶା ଉପରେ...

ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି। ଏହି କ୍ରମରେ ପୂର୍ବ ବର୍ଷର ‘ମନରେଗା’ରେ ହୋଇଥିବା ଆର୍ଥିକ ଅଟକଳକୁ ଦେଖିଲେ ଓଡ଼ିଶାର ଏହି ଖର୍ଚ୍ଚ ପାଖାପାଖି ୫୫୦ ପ୍ରତିଶତ ବଢ଼ିଯିବ ବୋଲି ଆକଳନ କରାଯାଇଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାରେ ‘ମନରେଗା’ ପାଇଁ ମୋଟ୍ ୪୬୩୬.୭୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ଅଣକୁଶଳୀ ମଜୁରୀ ବାବଦକୁ ୩୧୮୬.୯୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ପୂର୍ବ ଯୋଜନା ଅନୁଯାୟୀ ଏ ବାବଦକୁ ଓଡ଼ିଶାକୁ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିବାକୁ ପଡ଼ି ନାହିଁ। ହେଲେ ‘ଭିବି ଜି-ରାମ୍-ଜି’ ଯୋଜନାରେ ଏହି କ୍ଷେତ୍ରରେ ଓଡ଼ିଶାକୁ ୧୨୭୪.୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ସମାନ ଭାବେ ପ୍ରଶାସନିକ ଖର୍ଚ୍ଚ ବାବଦକୁ ମଧ୍ୟ ୮୪.୫୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏବାବଦରେ ଓଡ଼ିଶାର ଖର୍ଚ୍ଚ ପ୍ରାୟତ ଶୂନ ରହିଛି। ହେଲେ ନୂତନ ଯୋଜନାରେ ଏହି ସମସ୍ତ ବାବଦକୁ ଓଡ଼ିଶା ଖର୍ଚ୍ଚ ଭରଣା କରିବା ସହ ପୂର୍ବ ତୁଳନାରେ ପ୍ରତିଶତ ମଧ୍ୟ ବୃଦ୍ଧି ପାଇଛି। ଏପରି ହାରରେ ମୋଟ୍ ଖର୍ଚ୍ଚର ୪୦ ପ୍ରତିଶତ ଖର୍ଚ୍ଚ ଓଡ଼ିଶା ଖର୍ଚ୍ଚ କଲେ ୧୮୫୪.୧୩ କୋଟି ଟଙ୍କା ଭାଗ ପଡୁଛି। ହେଲେ ମନରେଗା ଏହି କ୍ଷେତ୍ରରେ ଓଡ଼ିଶା ମାତ୍ର ୩୪୧.୧୮ କୋଟି ଖର୍ଚ୍ଚ କରିଛି। ଯାହାକି ମୋଟ୍ ଅର୍ଥର ୭.୩୫ ପ୍ରତିଶତ ରହିଛି। ହେଲେ ଏବେ ଏହି ଯୋଜନା ବାବଦକୁ ୪୦ ପ୍ରତିଶତ ଅର୍ଥ ବ୍ୟୟ କଲେ ଏହି ଖର୍ଚ୍ଚ ପ୍ରାୟ ୫୪୩.୪ ପ୍ରତିଶତ ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ପୂର୍ବରୁ ଓଡ଼ିଶା ସରକାର ସୁଭଦ୍ରା ଯୋଜନା ପାଇଁ ବାର୍ଷିକ ପ୍ରାୟ ୧୦ ହଜାର କୋଟି ଟଙ୍କା ଓ ଧାନ କିଣାରେ ୮୦୦ ଟଙ୍କା ସବସିଡି ବାବଦକୁ ୬୦୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ରାଜ୍ୟର ଆର୍ଥିକ ପରିଚାଳନା ଏକ ପ୍ରକାର ଅସନ୍ତୁଳନ ହୋଇପଡ଼ିଥିବା ବେଳେ ସରକାର ଏବେ ଖୋଲା ବଜାରରୁ ମଧ୍ୟ ଋଣ କରିବାକୁ ବାଧ ହେଉଛନ୍ତି। ଏବେ ‘ଭିବି ଜି-ରାମ୍-ଜି’ ବାବଦକୁ ଖର୍ଚ୍ଚର ପରିମାଣ ୨୦୦୦ କୋଟି ଟଙ୍କା ବଢ଼ିଗଲେ ଓଡ଼ିଶା ଉପରେ ଆର୍ଥିକ ବୋଝ ଆହୁରି ବଢ଼ିବା ଏକ ପ୍ରକାର ସୁନିଶ୍ଚିତ ହୋଇଛି। କୋଭିଡ ସମୟରେ ମନରେଗା ଯୋଗୁଁ କୋଟି କୋଟି ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା ଏବଂ ତାଙ୍କ ଜୀବନକୁ ରକ୍ଷା କରାଯାଇପାରିଥିଲା। ହେଲେ ନୂଆ ଯୋଜନା ଅନୁସାରେ ବଜେଟର ପରିମାଣ କେନ୍ଦ୍ର ସରକାର ସ୍ଥିର କରିବେ। କେଉଁ କାମ ହେବ ତାହା ମଧ୍ୟ କେନ୍ଦ୍ର ସ୍ତରରେ ସ୍ଥିର ହେବ। ଫଳରେ ପଞ୍ଚାୟତର ଭୂମିକାକୁ ଗୌଣ କରିଦିଆଯିବ ବୋଲି ଦର୍ଶାଇ ବିରୋଧୀ ଏହି ଯୋଜନାକୁ ବିରୋଧ କରୁଛନ୍ତି। ଏହା ସହିତ ରାଜ୍ୟମାନଙ୍କର ଅଂଶଧନ ୪୦ ପ୍ରତିଶତ କରିବା ଦ୍ୱାରା ବହୁ ରାଜ୍ୟ ଏହି ଯୋଜନାକୁ କାର୍ଯ୍ୟକାରୀ କରିପାରିବେ କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ ରହିଛି। ଓଡ଼ିଶାରେ ପ୍ରାୟ ୬୭.୫ ଲକ୍ଷ ଶ୍ରମିକ ମନରେଗା ଦ୍ୱାରା କାମ ପାଉଥିଲେ। ଫଳରେ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ଏହା ବଳିଷ୍ଠ କରିପାରୁଥିଲା। ମାତ୍ର ନୂତନ ଯୋଜନାରେ ରାଜ୍ୟ ସରକାରଙ୍କ ଉପରେ ଆର୍ଥିକ ବୋଝ ବଢୁଥିବାରୁ ଏହାକୁ ନେଇ ସରକାରଙ୍କର କେଉଁ ଆଭିମୁଖ୍ୟ ରହୁଛି ତାହା ମଧ୍ୟ ପ୍ରଶ୍ନ ଘେରରେ ରହିଛି।

### ନିଜ ନିୟମକୁ...

ଦିଆଯାଇଥିଲା। ପୁଲିସ ଅଧିକାରୀମାନେ ନିୟମ ନମାନି ଷ୍ଟେସନରେ ୩ବର୍ଷରୁ ଅଧିକ ଓ ଗୋଟିଏ ଜିଲ୍ଲାରେ ୬ବର୍ଷରୁ ଅଧିକ ସମୟ ଧରି ରହୁଥିବାରୁ ଏହା ପୁଲିସର ଛବିକୁ ମଳିନ କରୁଥିଲା। ଏଥିରେ ସ୍ୱଚ୍ଛତା ଆଣିବାକୁ ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗ ପତ୍ର ଅନୁସାରେ ରାଜ୍ୟ ପୁଲିସ ବିଭାଗ ସ୍ୱତନ୍ତ୍ର ବଦଳି ନୀତି ଆଣିଥିଲା। ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ସାଧାରଣ ବଦଳି ପ୍ରକ୍ରିୟା କରିବ ବୋଲି ନୀତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଥିଲା। ନଭେମ୍ବର ପହିଲାରେ ଆସିଥିବା ଏହି ନିୟମକୁ ସେହି ମାସରେ ହିଁ ଲାଗୁ କରାଯାଇଥିଲା। ଗତ ମାସ ୧୯ ତାରିଖ ଦିନ ୪୭୫ ଜଣ ଇନ୍ସପେକ୍ଟରଙ୍କର ହୋଇଥିବା ବଦଳିରେ ପୁଲିସ ବଦଳି ନୀତିକୁ ଆପଣାଯିବା ସହ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟଧରି ରହିଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି ହୋଇଥିଲା। ପୁଲିସ ଭଳି ବିଭାଗରେ ବଦଳି ନୀତି କାର୍ଯ୍ୟକାରୀ ହେବା ପରେ ସ୍ୱଚ୍ଛତା ଆସିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦୁଇମାସ ବିତି ନଥିବା ବେଳେ ନିୟମକୁ ଫୁ’ କରିଦେଇଛି ପୁଲିସ ବିଭାଗ। ନଭେମ୍ବର ୧୯ ତାରିଖରେ ବଦଳି ହୋଇଥିବା ୪୭୫ ଜଣ ଇନ୍ସପେକ୍ଟର୍‌ଙ୍କ ମଧ୍ୟରୁ ୫୬ଜଣ ଇନ୍ସପେକ୍ଟର୍‌ଙ୍କ ବଦଳିକୁ ବାତିଲ କରି ପରିବର୍ତ୍ତନ କରାଯାଇଛି। ଏହି ବଦଳି ପରେ ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗର ଚିଠିର ଧଜିଆ ଉଡ଼ିଛି। ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ବଦଳି ହେବାର ନିୟମ ରହିଥିବା ବେଳେ କାହା ସ୍ୱାର୍ଥରେ ଅଚାନକ ବଦଳି କରାଗଲା, ତାକୁ ନେଇ ପ୍ରଶ୍ନ ଉଠିଛି।

ଆଶ୍ଚର୍ଯ୍ୟଜନକ କଥା ହେଲା, ଏଥିରେ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ରହିଥିବା ଅଧିକାରୀଙ୍କୁ ପୁଣିଥରେ ସେହି ଜିଲ୍ଲାରେ ନିଯୁକ୍ତି ଦିଆଯାଇଛି। ମୋଟାମୋଟି କହିବାକୁ ଗଲେ, ଅନୁଗୋଳ, ରାଉରକେଲା, ଯାଜପୁର ଓ କମିସନରେଟ୍ ପୁଲିସ ସମେତ ଅନ୍ୟ କେତେକ ପୁଲିସ ଜିଲ୍ଲାରେ ଥିବା କିଛି ଅଧିକାରୀଙ୍କ ପାଇଁ ଏହି ନିୟମ ପ୍ରହସନ ପାଲଟିଛି।

### ଜଣେ ମୃତ...

ରେଡ୍ଡୀ, ହିମାଂଶୁ ସେଠୀ, ସାଗର ଦାସ, କୈଳାସ ଦାସ, ଡି. ଦୁର୍ଯ୍ୟୋଧନ ପ୍ରମୁଖଙ୍କ ସମେତ ୧୭ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁସାରେ, ବ୍ରହ୍ମପୁର ସହର ଉପକଣ୍ଠ ଆଙ୍କୁଶପୁରସ୍ଥିତ ଘରୋଇ ସ୍କୁଲ ତକ୍ଷଶୀଳାର ବସ୍‌ରେ ରବିବାର ସକାଳେ ସ୍କୁଲ କର୍ମଚାରୀ, ଏମଆରଏଫ୍ ଓ ରୟାଲ ଏନଫିଲ୍ଡର କର୍ମଚାରୀ ମିଶି ବଣଭୋଜି କରିବାକୁ ଯାଇଥିଲେ। ପାତ୍ରପୁର ବ୍ଲକ ତଥା ଜରଡ଼ା ଥାନା ଅନ୍ତର୍ଗତ ବାରହା ପଥରକୁ ସେମାନେ ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ଫେରିବା ବେଳେ ବ୍ରେକ୍ ଫେଲ୍ ହୋଇଯିବାରୁ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ, ଜରଡ଼ା ଥାନା ପୁଲିସ ଓ ପାତ୍ରପୁର ଅଗ୍ନିଶମ ବାହିନୀର ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ସମସ୍ତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।


**AFFIDAVIT**

By virtue of an Affidavit sworn before the Executive Magistrate, Dhamnagar, on 21.11.2025, I, MINATI JENA, W/o- NIRANJAN JENA, Vill.- Nandore Katasahi, P.S.- Dhusuri, Dist.- Bhadrak hereby declare that my name has been wrongly mentioned as MINA JENA in my HDFC Life Insurance Policy. That Minati Jena & Mina Jena is one and the same person. Henceforth, I shall be known as **MINATI JENA** for all purposes.

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

# ଜିଲ୍ଲା କ୍ରୀଡ଼ାସଂସଦ ପକ୍ଷରୁ ଦୌଡ଼କୁଦ ପ୍ରତିଯୋଗିତା

ଜଗତସିଂହପୁର,୨୧।୧୨(ସମିସ):




ଜଗତସିଂହପୁର ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଜିଲ୍ଲାସ୍ତରୀୟ ଓପନ୍ ଦୌଡ଼କୁଦ ପ୍ରତିଯୋଗିତା ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ସଂସଦର ବରିଷ୍ଠ କର୍ମକର୍ତ୍ତା ଶ୍ରୀକାନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ତତ୍‌ସହିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ର ନବକଳେବର ପାଇଁ ସରକାରଙ୍କ ତରଫରୁ ଆର୍ଥିକ ଅନୁଦାନ ମଞ୍ଜୁର ହୋଇଥିବା ଓ କ୍ରୀଡ଼ା ସଂସଦର ନୂତନ ଗୃହ ଆସନ୍ତାମାସରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ବୋଲି ପ୍ରକାଶ କରିବା ସହିତ ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ା ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ହ୍ୟାଣ୍ଡବଲ ସଙ୍ଘର ସଭାପତି ବିପ୍ଳବ ଚୌଧୁରୀ, କ୍ରୀଡ଼ା ସଂସଦର ଉପ ସଭାପତି ସାଧୁ ଚରଣ ମହାନ୍ତି, ସହ ସମ୍ପାଦକ ପ୍ରସନ୍ନ ମହାନ୍ତି ପ୍ରମୁଖ ଯୋଗ ଦେଇ କ୍ରୀଡାବିତ୍‌ମାନଙ୍କୁ ମାର୍ଗଦର୍ଶନ କରିଥିଲେ। କ୍ରୀଡ଼ା ସଂସଦର ସମ୍ପାଦକ ଦୋଳଗୋବିନ୍ଦ ଦାଶ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଚନ୍ଦନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବରଦା ପ୍ରସାଦ ରାୟ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାରୁ ୨୭୦ ଜଣ ପ୍ରତିଯୋଗୀ ଓ ୫୨ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗ ଦେଇଛନ୍ତି। ଏହି କ୍ରୀଡ଼ା ପ୍ରତିଯୋଗିତା ଦୁଇ ଦିନ ଧରି ବିଭିନ୍ନ ବର୍ଗରେ ଯଥା-୧୪, ୧୬, ୧୮, ୨୦, ୨୨ ବର୍ଷରୁ କମ ବାଳକ ଓ ବାଳିକା ଏବଂ ମହିଳା ଓ ପୁରୁଷ ବର୍ଗରେ ଦୌଡ଼, ଡିଆଁ ଓ ଥ୍ରୋଇଂ ପ୍ରତିଯୋଗିତା ମାନ କରାଯିବ ବୋଲି ସମ୍ପାଦକ ପ୍ରକାଶ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଗୋବିନ୍ଦ ଚନ୍ଦ୍ର ସାହୁ, ଧର୍ମେନ୍ଦ୍ର ଦାସ, ରଞ୍ଜନ ଭୋଇ, ସୁଶାନ୍ତ ଦାସ, ଲକ୍ଷ୍ମୀଧର ନାଥ, ପ୍ରତାପ ବେହେରା, ଅଜୟ ଭୋଇ, ଅଭୟ କୁମାର ମହାନ୍ତି, ଶୁକଦେବ ଜେନା, ମାନସ ଖଣ୍ଡୁଆଲ, ରଶ୍ମିରଂଜନ ଦାସ, ପ୍ରମୋଦ ସ୍ୱାଇଁ, ମଙ୍ଗରାଜ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଆମ୍ବଶାଳ ବିଦ୍ୟାଳୟର ଗୁରୁପୂଜନ କାର୍ଯ୍ୟକ୍ରମ



ବାଲିକୁଦା,୨୧।୧୨(ସମିସ): ବାଲିକୁଦା ବ୍ଲକ ଆମ୍ବଶାଳ ଉଚ୍ଚ ବିଦ୍ୟାଳୟର ୧୯୮୩ ମସିହା ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କର ଏକ ବନ୍ଧୁମିଳନ ଓ ଗୁରୁ ପୂଜନ କାର୍ଯ୍ୟକ୍ରମ ଆମ୍ବଶାଳ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର କାଶୀନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଉତ୍ସବରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଭାଗିରଥି ପାଳ, ଶୁକଦେବ ବାରିକ, ବୃନ୍ଦାବନ ପଣ୍ଡା, କ୍ଷେତମୋହନ ପରିଡା, ଅଭୟ ନାୟକ, ବିପିନି ବିହାରୀ ବିଶ୍ୱାଳ, ସହଦେବ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଦିବଂଗତ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଉଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିବା ବେଳେ ଗୁରୁମାନଙ୍କୁ ଫୁଲ ଚନ୍ଦନ ଦେଇ ପୂଜାର୍ଚ୍ଚନା କରିବା ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ପୂର୍ବତନ ଛାତ୍ର ସୁଶାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପୂର୍ବତନ ଛାତ୍ର କଣ୍ଠଶିଳ୍ପୀ ସୌରଭ ନାୟକ, ଦେବେନ୍ଦ୍ର ଦାସ, ବାମନ ଚରଣ ପରିଡା, ନେତ୍ରାନନ୍ଦ ମଲ୍ଲିକ, ଶତ୍ରୁଘ୍ନ ମହାନ୍ତି, ପ୍ରହଲ୍ଲାଦ ଜେନା, ସୁରେନ୍ଦ୍ର ମହାନ୍ତି, ସୁକାନ୍ତି ରାଉତ, ଦୀପ୍ତିରାଣୀ ବିଶ୍ୱାଳ, ସନ୍ଧ୍ୟାରାଣୀ ଦାସ, ପ୍ରେମଲତା ଦାସ, ନିରଞ୍ଜନ ମହାନ୍ତି, ଅନିରୋଧ ମହାନ୍ତି, ରେଣୁବାଳା ସାହୁ, ଚାରୁଲତା ପଡିହାରୀ, ବିଜୟଲକ୍ଷ୍ମୀ ପଣ୍ଡା, ଲକ୍ଷ୍ମୀପ୍ରିୟା ପଣ୍ଡାଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ

କୁଜଙ୍ଗ,୨୧।୧୨(ସମିସ): କଟକ ପାରାଦୀପ ରାସ୍ତାର କୁଜଙ୍ଗ ବଜାର ପୁରୁଣା କେନାଲ ପୋଲ ନିକଟରେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତି ଅତି ଗୁରୁତର ହୋଇ ଜୀବନ ସହ ସଂଘର୍ଷ କରୁଛି। କୁଜଙ୍ଗ ବଜାର ଉପରେ ହୋଇଥିବା ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ଉପରେ ଅଜଣା ଗାଡ଼ିଟି ଚଢ଼ି ଯାଇଥିଲା। ଗୁରୁତରଙ୍କୁ ପ୍ରଥମେ କୁଜଙ୍ଗ ପୁଲିସ ଗାଡ଼ିରେ କୁଜଙ୍ଗ ଓ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ କୁମାର ତରାଇ ଓ ପ୍ରଭାତ ବେହେରାଙ୍କ ଅନ୍ୟ ସଦସ୍ୟ କୁଜଙ୍ଗ ମେଡିକାଲ ଆଣିଥିଲେ। ମୃତ ଯୁବକ ହେଲେ ବାଗୋଇ ଗ୍ରାମର ଅକ୍ଷୟ ସ୍ୱାଇଁଙ୍କ ପୁଅ ସଂଗ୍ରାମ ସ୍ୱାଇଁ (୨୫)। ଗୁରୁତର ଜଣକ ହେଲେ ଭରତ ପ୍ରଧାନ ମାନସ ପ୍ରଧାନ(୨୬)। ଗୁରୁତରଙ୍କୁ କଟକ ଏସ୍‌ସିବି ରେଫର କରାଯାଇଛି। ତାଙ୍କ ଗୋଡ ହାତ ଭାଙ୍ଗି ଯାଇଛି ଓ ମୁଣ୍ଡ ରେ ଗୁରୁତର ଆଘାତ ଲାଗିଛି।

## ଦୁଇ ବାଇକ ମୁହାଁମୁହିଁ; ଜଣେ ଗୁରୁତର

ପାରାଦୀପ,୨୧।୧୨(ସମିସ): ପାରାଦୀପ ନେହୁରବଙ୍ଗଳା ରାସ୍ତାରେ ଆଜି ଅପରାହ୍ନରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ ଚାଳକ ଗୁରୁତର ହୋଇ କଟକ ସ୍ଥାନାନ୍ତରିତ ହୋଇଛନ୍ତି। ଅନ୍ୟ ତିନିଜଣ ମଧ୍ୟ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି। ତେବେ ଗୁରୁତର ଜଣଙ୍କ ହେଲେ କୋଠୀ ଗ୍ରାମର ସୁଶାନ୍ତ ସ୍ୱାଇଁ। ବଣଭୋଜି ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ରବିବାର ଛୁଟି ଦିନ ହେତୁ କୁଜଙ୍ଗ କୋଠୀ ହାଇସ୍କୁଲ ପକ୍ଷରୁ ବ୍ୟାଚ ବଣଭୋଜି ଥିଲା। ଏଠାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବଣଭୋଜି କରିବାକୁ ପାରାଦୀପକୁ ଆସୁଥିବା ପର୍ଯ୍ୟଟକ ମାନେ ବଣଭୋଜି ସହିତ ମଦ ପିଆପିଇ କରିଥାନ୍ତି। ଯାହା ଫଳରେ ଫେରିବା ସମୟରେ କେଉଁଠି ନାଁ କେଉଁଠି ଦୁର୍ଘଟଣା ଘଟାଇଥାନ୍ତି। ମେରାଇନ ଥାନା ପକ୍ଷରୁ ଚେକି କୁ ଏନେଇ କ‡ାକ‡ୀ କରାଯାଉଛି। ଆଜି ମଧ୍ୟ ତିନିଟି ବାଇକ୍‌କୁ ଚେକିଂ ବେଳେ ପୁଲିସ ଅଟକାଇବା ସହିତ ଗାଡିକୁ ସ୍ଜିଜ କରି ଅଣ୍ଡରଟେକିଙ୍ଗରେ ଛାଡିଛନ୍ତି। ମେରାଇନ ଥାନା ଅଧିକାରୀ ବବିତା ଦେହୁରୀଙ୍କ କହିବା ଅନୁଯାୟୀ ନେହୁରବଙ୍ଗକୁ ଭୋଜି କରିବା ପାଇଁ ଆସି ଲୋକମାନେ ପ୍ରାୟତଃ ମଦ ପିଉଛନ୍ତି। ପୁଲିସ ଯେତେ ସଚେତନତା କଲେ ମଧ୍ୟ କୌଣସି ଫଳପ୍ରଦ ହେଉନାହିଁ। ଯାହା ଦ୍ୱାରା ଦୁର୍ଘଟଣା ବାରମ୍ବାର ଘଟୁଛି।

## ପାନ ଦୋକାନରେ ଅଗ୍ନିକାଣ୍ଡ

ବାଲିକୁଦା,୨୧।୧୨(ସମିସ): ବାଲିକୁଦା ତହସିଲ ଅନ୍ତର୍ଗତ ଆମ୍ବଶାଳ କଲ୍ୟାଣ ମଣ୍ଡପ ସମ୍ମୁଖ କଟକ ମାଛଗାଁ ମୁଖ୍ୟ ରାସ୍ତା କଡରେ ଥିବା ଏକ ପାନ ଦୋକାନରେ ଅଗ୍ନିକାଣ୍ଡ ଘଟି ଅଧାରୁ ଅଧିକ ଦୋକାନ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଦୋକାନୀ। ସୂଚନା ଅନୁଯାୟୀ ରାତି ପ୍ରାୟ ୯ଟା ସମୟରେ କୌଣସି କାରଣରୁ ଆମ୍ବଶାଳ ଗ୍ରାମର ପ୍ରଦୀପ୍ତ କୁମାର ପରିଡା ଙ୍କ ପାନ ଦୋକାନରେ ନିଆଁ ଲାଗି ଯାଇଥିଲା। ହେଲେ ଏହି ଅଗ୍ନିକାଣ୍ଡରେ ପ୍ରଦୀପ୍ତ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଦୋକାନରେ ବିକ୍ରି ହେଉଥିବା ଅଧାରୁ ଅଧିକ ସାମଗ୍ରୀରେ ନିଆଁ ଲାଗିଯାଇଛି। ପଡୋଶୀ ବାଲିକୁଦା ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାଯାଇଛି। ଏହି ଅଗ୍ନିକାଣ୍ଡ ସର୍ଟ ସର୍କିଟ କାରଣରୁ ହୋଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିବା ବେଳେ ପ୍ରକୃତ ରହସ୍ୟ ତଦନ୍ତ ପରେ ଜଣାପଡିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରାଇ ସାଇକଲ ବଣ୍ଟନ



ଜଗତସିଂହପୁର,୨୧।୧୨(ସମିସ): ସ୍ଥାନୀୟ ରୂପଶ୍ରୀ ମଣ୍ଡପ, ଠାକୁରପାଟଣା ଠାରେ ଜିଲ୍ଲା ବରିଷ୍ଠ ନାଗରିକ ଫୋରମ୍ ତରଫରୁ ଭିନ୍ନକ୍ଷମମାନଙ୍କୁ ତିନିଚକିଆ ସାଇକଲ ଓ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଛି। ବହୁ ହିତାଧିକାରୀ ଏହି ଶିବିର ଦ୍ୱାରା ଉପକୃତ ହୋଇଛନ୍ତି। ଏହି ବଣ୍ଟନ ସମୟରେ ଫୋରମ ସଭାପତି ମଧୁସୂଦନ ସାହୁ, ନାଟ୍ୟକାର କୈଳାସ ମଲ୍ଲିକ, ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ, ସମ୍ପାଦକ ହିତେଶ ମହାନ୍ତି, ଦିପ୍ତୀ ଦାସ, ଲିଙ୍ଗରାଜ ଲେଙ୍କା, ପଞ୍ଚାନନ ପଲେଇ, ପ୍ରମୋଦ ସାହୁ, ବୈକୁଣ୍ଠ ଚରଣ ମହାପାତ୍ର, ଦେବୀପ୍ରସନ୍ନ ମହାନ୍ତି, ବିଜୟ ନାୟକ, ଦିଲ୍ଲୀପ କୁମାର ଗୋଛାୟତ, ଅଜୟ କୁମାର ବାରିକ, ଅଶୋକ କୁମାର ସାହୁ ଓ ଶତ୍ରୁଘନ ବେହେରା ପ୍ରମୁଖ ବହୁ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ରେକର୍ଡ୍ସରେ ଶ୍ୟାମ ଶୌର୍ଯ୍ୟ



ବାଲିକୁଦା,୨୧।୧୨(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତ ଅନ୍ତର୍ଗତ ଡୋଭାଳ ଗ୍ରାମର ବ୍ୟାଙ୍କ୍ ଅଧିକାରୀ ଜ୍ଞାନରଞ୍ଜନ ସ୍ୱାଇଁ ଏବଂ କ୍ରିଷ୍ଣା ସାଗରିକାଙ୍କ ସୁପୁତ୍ର ଶ୍ୟାମ ଶୌର୍ଯ୍ୟ ଇଣ୍ଟର ନ୍ୟାସନାଲ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ଇଂରାଜୀ ପଜଲ୍ ସଲଭିଙ୍ଗରେ ଆନ୍ତର୍ଜାତୀୟ ସ୍ତରରେ ମାତ୍ର ୨ ବର୍ଷ ୬ ମାସ ବୟସରେ ଏହି ସଫଳତା ହାସଲ କରିଛନ୍ତି। ଏଥିପାଇଁ ଇଣ୍ଟର ନ୍ୟାସନାଲ ବୁକ୍ ଅଫ୍ ରେକର୍ଡସ୍ ତରଫରୁ ତାଙ୍କୁ ଟ୍ରଫି, ଗୋଲ୍ଡ ମେଡାଲ, ମାନପତ୍ର, ଏବଂ ଅନ୍ୟାନ୍ୟ ଶିକ୍ଷାଭିତ୍ତିକ ସାମଗ୍ରୀ ପ୍ରଦାନ କରାଯାଇଛି। ଶ୍ୟାମ ଶୌର୍ଯ୍ୟ ପୂର୍ବରୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ନିଜ ନାମ ଲିପିବଦ୍ଧ କରିବା ସହିତ ନିଜ ଗ୍ରାମ ଏବଂ ଜିଲ୍ଲା ପାଇଁ ଗୌରବ ଆଣିଥିଲେ।

## ସଂକୁଳସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ

ବିରିଡ଼ି, ୨୧।୧୨(ସମିସ): ବିରିଡ଼ି ବ୍ଲକ୍ ମଙ୍ଗୁଳି ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ଜଗତସିଂହପୁର ସଂକୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବକୁ ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ବସନ୍ତ ବେହେରା ଓ ମଙ୍ଗୁଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସଭାପତି ଗୟାଧର ମହାନ୍ତି କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ପରେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ମିତାଞ୍ଜଳି ଭୋଇ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଠ ଓ କ୍ରୀଡ଼ା ହେଉଛି ଗୋଟିଏ ମୁଦ୍ରାରେ ଦୁଇପାଶ୍ୱର୍। ତେଣୁ ପାଠପଢିବା ସହିତ କ୍ରୀଡା ଅପରିହାର୍ଯ୍ୟ ବୋଲ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରସନ୍ନ କୁମାର ଖୁଣ୍ଟିଆ ଓ ବସନ୍ତ ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଏହି କ୍ରୀଡା ପ୍ରତିଯୋଗିତାରେ ଜଗତସିଂହପୁର, ଅଣଖିଆ, ଚାନ୍ଦପୁର, ମଙ୍ଗୁଳି, ପଳାଶୋଳ, କେର୍ତ୍ତଲ, ନାଳିବର, ମଣ୍ଡାସାହି, କୋକିଳପୁର ପ୍ରଭୃତି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ବହୁ ସଂଖ୍ୟାରେ ପ୍ରତିଯୋଗୀ ଅଂଶଗ୍ରହଣ କରି ବିଭିନ୍ନ ବିଭାଗ କ୍ରୀଡାରେ ଭାଗନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିରିଡି ବ୍ଲକ ପୂର୍ବତନ ଉପାଧକ୍ଷ ଶିବପ୍ରସାଦ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ଦିବ୍ୟାଙ୍ଗ ଛାତ୍ରଙ୍କ ଅକାଳ ବିୟୋଗ



କୁଜଙ୍ଗ,୨୧।୧୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଶ୍ଚିମଶ୍ୱର ଉଚ୍ଚ ବିଦ୍ୟାଳୟ ଛାତ୍ର ଶ୍ରୀଯଂଶୁ ଦାସ(୧୦) ଙ୍କ ଅକାଳ ବିୟୋଗ ଘଟିଛି। ସ୍ୱର୍ଗତ ପଙ୍କଜ ଦାସଙ୍କ ଏକ ମାତ୍ର ପୁତ୍ର ଶ୍ରୀଯଂଶୁ ପ୍ରଥମେ କଟକ ଏସିବି ମେଡିକାଲ ଦୀର୍ଘ ଦିନ ସ୍ୱାସ୍ଥ୍ୟ ରୋଗ ଚିକିତ୍ସା ପରେ ଡିସେମ୍ବର ୨୦ ସକାଳେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ଏହି ଘଟଣା ପରେ ପଣ୍ଡୁଆ ପଞ୍ଚାୟତ ଦେଓକୋରି ଗ୍ରାମ ଓ ପଢୁଥିବା ସ୍କୁଲରେ ଶୋକ ପ୍ରକାଶ ପାଇଛି।

## କିଡ୍‌ଜୀ ୱାର୍ଲଡ ସ୍କୁଲର କ୍ରୀଡ଼ା ମହୋତ୍ସବ

ପାରାଦୀପ,୨୧।୧୨(ସମିସ): ପାରାଦୀପ କିଡ୍‌ଜୀ ୱାର୍ଲଡ ସ୍କୁଲର ତୃତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍କୁଲ ପରିସରରେ ଆୟୋଜିତ ହୋଇଯାଇଛି। ମଧୁବନ ବିଲଡିଂ ମାର୍କେଟରେ ଥିବା ଏହି ସ୍କୁଲର କ୍ରୀଡ଼ା ଉତ୍ସବରେ ଅତିଥି ଭାବେ ସମାଜସେବୀ ରାକେଶ ପଟ୍ଟନାୟକ, ପାରିଷଦ ପ୍ରତାପ ଚନ୍ଦ୍ର ନାୟକ, ସ୍କୁଲ ବୋର୍ଡ ମେମ୍ବର ମନୋରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କେବଳ ପାଠପଢା ନୁହେଁ ପିଲାଙ୍କୁ ଖେଳକୁଦ, ଗୀତ, ନୃତ୍ୟ ସହିତ ବିଭିନ୍ନ କ୍ଷେତ୍ରରେ ଛୋଟ ବେଳରୁ ପାରଙ୍ଗମ ହୋଇପାରିବ, ଏ ନେଇ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରଚେଷ୍ଟା କରିଥାନ୍ତି ବୋଲି କହିଛନ୍ତି କିଡ୍‌ଜୀ ୱାର୍ଲଡର ପ୍ରିନ୍ସପାଲ ସୁଦେଷ୍ଣା ଦାସ। ଆୟୋଜିତ ତୃତୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କ ସହିତ ସମସ୍ତ ଅଭିଭାବକ ଯୋଗଦେଇଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

# ବଣଭୋଜି ପରେ ସଫେଇ କାର୍ଯ୍ୟକ୍ରମ




ପାରାଦୀପ/ମହାକାଳପଡ଼ା,୨୧।୧୨(ସମିସ): ପର୍ଯ୍ୟଟନ ଋତୁ ଆରମ୍ଭ ପରେ ପାରାଦୀପର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ପର୍ଯ୍ୟଟକମାନେ ପ୍ରାକୃତିକ ସ୍ଥାନ ବୁଲି ମଜାନେବା ସହିତ ଭୋଜିଭାତର ଆସର ମଧ୍ୟ ଖୁବ୍‌ଜମୁଛି। ତେବେ ବଣଭୋଜି ସରିବା ପରେ ସ୍ୱଚ୍ଛତା ପ୍ରତି କାହାର ଧ୍ୟାନ ରହୁନାହିଁ। ଯେଉଁଠି ଯାହା ପଡିଛି, ସେଗୁଡିକୁ ଛାଡି ଚାଲିଯାଉଛନ୍ତି ପର୍ଯ୍ୟଟକମାନେ। ଆଜି ରବିବାର ଛୁଟି ଦିନରେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ନନ୍ତାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍କୁଲର ଛାତ୍ରଛାତ୍ରୀ ପାରାଦୀପ ବେଳାଭୂମି ବୁଲି ଆସିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ଓ ସ୍ମୃତି ଉଦ୍ୟାନ ବୁଲିବା ସହିତ ଏକ ଭୋଜିଭାତର ମଧ୍ୟ ଆୟୋଜନ କରିଥିଲେ। ଉକ୍ତ ବଣଭୋଜିରେ ପରିବେଶ କର୍ମୀ ବାପି ଗୋଛାୟତ ଯୋଡ଼ି ହୋଇ ଭୋଜି ସରିବା ପରେ ସ୍କୁଲର ଶିକ୍ଷକ ଓ ଛାତ୍ରଛାତ୍ରୀ ସମସ୍ତଙ୍କୁ ନେଇ ଉକ୍ତ ସ୍ଥାନକୁ ସଫାସୁତୁରା କରିଥିଲେ। ବଣଭୋଜି କରିବା ପାଇଁ ଆସିଥିବା ପର୍ଯ୍ୟଟକଙ୍କୁ ବଣଭୋଜି ସରିବା ପରେ ଉକ୍ତ ପରିବେଶକୁ ସଫାସୁତୁରା କରି ଯିବା ପାଇଁ ଓ ସ୍ୱଚ୍ଛତାର ମହତ୍ତ୍ୱ ସମ୍ପର୍କରେ ସଚେତନତା କରିଥିଲେ ସ୍କୁଲର ଶିକ୍ଷକ ସୁନ୍ଦର ମୋହନ ସିଂ। ଛାତ୍ରଛାତ୍ରୀଙ୍କ ଭିତରେ ସ୍ୱଚ୍ଛତା ପ୍ରତି ଆଗ୍ରହ ଓ ଉତ୍ସାହ ଦେଖୀ ପରିବେଶ କର୍ମୀ ବାପି ଗୋଛାୟତ ଓ ଅନ୍ୟ ପର୍ଯ୍ୟଟକ ସ୍କୁଲ୍ ଛାତ୍ରଛାତ୍ରୀ ତଥା ଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିରେ ବିପିନ କୁମାର ପ୍ରଧାନ, କବିର ଚନ୍ଦ୍ର ମଲ୍ଲିକ, ବିକାଶ ପଟ୍ଟନାୟକ, ଦୀପକ ରାନରାହୁ ଆଦି ଉପସ୍ଥିତ ଥିଲେ।

## ଶିଶୁ ବିଦ୍ୟାମନ୍ଦିରର କ୍ରୀଡ଼ା ମହୋତ୍ସବ

ନାଉଗାଁ,୨୧।୧୨(ସମିସ): ନାଉଗାଁ ବ୍ଲକ ତିହୁଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ବାର୍ଷିକ କ୍ରୀଡ଼ାର ଉଦଯାପନୀରେ ମୁଖ୍ୟଅତିଥି ଭାବେ ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ସରୋଜ କୁମାର ନାୟକ, ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗିରିଧାରୀ ମହାନ୍ତି ଯୋଗଦେଇ ବିଭିନ୍ନ ଖେଳରେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁଜୀ ଲକ୍ଷ୍ମଣ ସାହୁ ବାର୍ଷିକ କ୍ରୀଡ଼ା ଉତ୍ସବ ବିବରଣୀ ପ୍ରଦାନ କରିଥିଲେ। ଗୁରୁଜୀ ନୃସିଂହ ଚରଣ ଦାସ ମଞ୍ଚ ପରିଚାଳନା ଓ ଗୁରୁଜୀ ବାବାଜୀ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିଝରା ଶିଶୁ ବିଦ୍ୟାମନ୍ଦିରର କ୍ରୀଡ଼ା ଉତ୍ସବ



ପାରାଦୀପ,୨୧।୧୨(ସମିସ): ପାରାଦୀପ ପୌର ପରିଷଦ ଅଧୀନ ବାଲିଝରାର ଗଣପତି ଶିଶୁ ବିଦ୍ୟା ମନ୍ଦିରର ଏକବିଂଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି। ଏହି ଦୁଇଦିନିଆ କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ଇଫକୋ ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଙ୍କାର ସଭାପତି ଶ୍ରୀକାନ୍ତ ପରିଡା, ସମ୍ମାନୀୟ ଅତିଥି ଭାବେ ପିପିଏଲ୍‌ର ଚିଫ ମ୍ୟାନେଜର, ସିଏସ୍‌ଆର ହେଡ ଓମ୍ ପ୍ରକାଶ ସାହୁ, ଅର୍ଥ ବିଭାଗର ମୁଖ୍ୟ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ରୋଜାଲିନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ଗୀତାଞ୍ଜଳି ତରାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଶିକ୍ଷୟତ୍ରୀଙ୍କ ମଧ୍ୟରେ କଲ୍ୟାଣୀ ସାହୁ, ବିପ୍ଳବ ମହାନ୍ତି, ସୁଧାକର ସାହୁ ସୁକାନ୍ତ ମହାନ୍ତି, କହ୍ନା ଗୁରୁଜୀ, ଦିବ୍ୟଜ୍ୟୋତି ଲେଙ୍କା, ରୋଜାଲିନ ବେହେରା, ଅନିମା ପାତ୍ର, ଅମ୍ରିତା ଗୁପ୍ତା, କାନ୍ତା ପ୍ରିୟଦର୍ଶିନୀ, ତିଳୋତ୍ତମା ପରିଡା, ଲକ୍ଷ୍ମୀପ୍ରିୟ ସୁତାର, ରାଜଶ୍ରୀ ମଲ୍ଲିକ, ସସ୍ମିତା ଗୁରୁମା, ଯସ୍ମିନ୍ ବାରିକ, ସ୍ନେହଲତା ଗୁରୁମା, ପିଙ୍କିନା ଜେନା, ଅଞ୍ଜନା ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ମଧୁବାବୁ ପେନସନ୍ ଯୋଜନା

# ଡିସେମ୍ବର ସୁଦ୍ଧା ଫଟୋ ନ ଉଠାଇଲେ ମିଳିବନି ବର୍ଦ୍ଧିତ ଭତ୍ତା

ଜଗତସିଂହପୁର,୨୧।୧୨(ସମିସ):

ମଧୁବାବୁ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତ ବର୍ଦ୍ଧିତ ୩୫୦୦ ଟଙ୍କା ହିତାଧିକାରୀଙ୍କର ଭତ୍ତା ବଣ୍ଟନ ମୋବାଇଲ୍ ଆପ୍ଲିକେସନ୍ ଜରିଆରେ ଗତ ଅଗଷ୍ଟ ମାସଠାରୁ ଫଟୋ ଉତ୍ତୋଳନ କରାଯାଉଛି। ଏହି ଆପ୍ଲିକେସନ୍ ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମୋବାଇଲରେ ଉପଲବ୍ଧ ଅଛି। ମାତ୍ର କିଛି ହିତାଧିକାରୀ କ୍ରମାଗତ ଭାବେ ଫଟୋ ଉତ୍ତୋଳନ ନିମନ୍ତେ ସହଯୋଗ ନକରିବା କାରଣରୁ ସେମାନଙ୍କର ଫଟୋ ଉତ୍ତୋଳନ କରାଯାଇପାରୁନାହିଁ। ଏଣୁ ଯେଉଁ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ହିତାଧିକାରୀ, ଏ ପର୍ଯ୍ୟନ୍ତ ନିଜର ଫଟୋ ଉତ୍ତୋଳନ କରାଇନାହାନ୍ତି, ସେମାନେ ଡିସେମ୍ବର ମାସରେ ନିଜର ଫଟୋ ଉତ୍ତୋଳନ ନିଶ୍ଚିନ୍ତ ରୂପରେ କରାଇ ନିଅନ୍ତୁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ହିତାକାରୀ ମାନେ କୌଣସି କାରଣରୁ ନିଜ ବାସଗୃହରେ ଭତ୍ତା ରାଶି ଗ୍ରହଣ କରୁଛନ୍ତି, ସେମାନଙ୍କୁ ମଧ୍ୟ ନିଜ ଫଟୋ ଉତ୍ତୋଳନ ଡିସେମ୍ବର ମାସରେ କରାଇ ଦେବାକୁ ପ୍ରଶାସନ ଅନୁରୋଧ କରିଛି। ଯେଉଁମାନେ ନିଜର ଫଟୋ ଉତ୍ତୋଳନ କରାଇ ନାହାନ୍ତି ଏବଂ ଏହି ସମୟ ମଧ୍ୟରେ ଫଟୋ ଉତ୍ତୋଳନ ନିମନ୍ତେ ସହଯୋଗ କରିବେ ନାହିଁ, ସେମାନଙ୍କର ନାମ ହିତାଧିକାରୀ ତାଲିକାରୁ ବାଦ୍ କରାଯିବା ସହିତ ୨୦୨୬ ମସିହା ଜାନୁଆରୀ ମାସରୁ ସେମାନଙ୍କୁ ସରକାରଙ୍କ ତରଫରୁ ମାସିକ ୩୫୦୦ ଟଙ୍କା ଭତ୍ତା ରାଶି ଯୋଗାଇ ଦିଆଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ପଙ୍କପାଳ ଶିଶୁ ମନ୍ଦିରରେ କନ୍ୟା ଶିବିର

କୁଜଙ୍ଗ,୨୧।୧୨(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ରେ ଏକ କନ୍ୟା ଶିବିର ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ କେଳୁ ଚରଣ ସାହୁଙ୍କ ପୌରହିତ୍ୟରେ ଏହି ଶିବିରକୁ ମୁଖ୍ୟଅତିଥି ରୂପେ ଶିକ୍ଷା ବିକାଶ ଯୋଜନାରେ ଜଗତସିଂହପୁର ବିଭାଗ ସଂଗୀତ ପ୍ରମୁଖ ତିଳୋତ୍ତମା ମହାନ୍ତି ଯୋଗ ଦେଇ ଶକ୍ତ, ସୁଶୀଳା ଓ ସଂସ୍କୃତି ସଂପନ୍ନ ନାରୀ ଅର୍ଥ ସମୃଦ୍ଧ ଓ ବିକଶିତ ରାଷ୍ଟ୍ର। କେବଳ ଶିକ୍ଷିତ ହେବା, ଅଧିକ ନମ୍ବର ରଖିବା ଶିଶୁ ମନ୍ଦିର ଶିକ୍ଷାର ଏକ ମାତ୍ର ଲକ୍ଷ ନୁହେଁ, ପ୍ରତି ଛାତ୍ର ଛାତ୍ରୀଙ୍କୁ ଶରୀର, ମନ ଓ ଚେତନା ରେ ଜାଗ୍ରତ କରି ଭାରତୀୟ ଦର୍ଶନ କରିଦେବା, ରାଷ୍ଟ୍ର ସର୍ବସ୍ୱ ବ୍ୟକ୍ତି ତିଆରି କରିବା ମୂଳ ଲକ୍ଷ ବୋଲି ଆଜି ଆୟୋଜିତ ଶିବିର ରେ କହି କହି ଥିଲେ। ସମ୍ମାନନୀୟ ଅତିଥି ରୂପେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପଙ୍କପାଳର ସ୍ୱାସ୍ଥ୍ୟକର୍ମୀ ମମତା ନାୟକ, ସୁଶ୍ରୀ ଛବି ରାଣୀ ଭଦ୍ର ଓ ବିଦ୍ୟାଳୟର ସମ୍ପାଦକ ଗୋକୁଳାନନ୍ଦ ରାଉତ ଯୋଗ ଦେଇ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରୀ ମାନକୁ ମାର୍ଗ ଦର୍ଶନ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁ ମା ଏହି ଶିବିର ପରିଚାଳନା କରିବା ସହ ସକ୍ରିୟ ସହଯୋଗ କରିଥିଲେ।

### ଶ୍ମଶାନରେ ପୂଜାପାଠ

# ଭାଇଭଉଣୀଙ୍କ ଫଟୋରେ ରକ୍ତବଳି

ବାଲିକୁଦା,୨୧।୧୨(ସମିସ):



ବନ୍ଦର ସାମୁଦ୍ରିକ ଥାନା ଅଧୀନ ମରିଚପୁର ଗ୍ରାମ୍ୟ ଶ୍ମଶାନ ଠାରେ ଗତକାଲି ବିଳମ୍ବିତ ରାତିରେ କେହି ଗୁଣିଆ ତନ୍ତ୍ର ସାଧନା କରିଥିବା ସ୍ଥାନୀୟ ଲୋକେ ସକାଳୁ ଦେଖିବାକୁ ପାଇଥିଲେ। ଫଳରେ କିଛି ସମୟ ମଧ୍ୟରେ ଏହି ଘଟଣା ପ୍ରସାରିତ ହେବା ପରେ ଶ୍ମଶାନ ଲୋକାରଣ୍ୟ ହୋଇ ପଡିବା ସହ କିଏ ଅମାବାସ୍ୟା ଅନ୍ଧାରରେ ଏଭଳି ତନ୍ତ୍ର ସାଧନା କଲା ତାହାକୁ ନେଇ ଅଞ୍ଚଳରେ ବେଶ ଚର୍ଚ୍ଚା ଆଲୋଚନା ହେଉଛି। ଉକ୍ତ ଶ୍ମଶାନ ନିକଟରେ ଗୋଟିଏ ପରିବାରର ୩ ଭାଇଭଉଣୀଙ୍କ ଫଟୋ ଚିତ୍ରରେ ରକ୍ତ ବଳି ସହ ସିନ୍ଦୁର ଦିଆଯାଇଥିବା ଦେଖିବାକୁ ମିଳିଥିବା ବେଳେ ୨ଟି କଣ୍ଟେଇ କରି ସେଥିରେ ମଙ୍ଗଳସୂତ୍ର ପିନ୍ଧା ଯାଇଥିବା ଦେଖିବାକୁ ମିଳିଥିଲା। ଏପରିକି ନାଲି ଶଙ୍ଖା ସିନ୍ଦୁର ସହ ମାଟି ହାଣ୍ଡି ଓ ଦେଶୀ କୁକୁଡ଼ା ମରି ପଡ଼ିଥିବା ଘଟଣା ବେଶ ରୋଚକ ହୋଇଥିବା ବେଳେ କିଏ ଓ କାହିଁକି ଉକ୍ତ ପରିବାର ବିରୁଦ୍ଧରେ ଏଭଳି ଷଡ଼ଯନ୍ତ୍ର କରୁଛି ତାହା ପଦାକୁ ଆସିପାରିନାହିଁ। ଶ୍ମଶାନରେ ପଡ଼ିଥିବା ଫଟୋ ଚିତ୍ରରେ ଥିବା ଯୁବକ ଯୁବତୀଙ୍କ ଘର ଶ୍ମଶାନ ଠାରୁ ୧୦ କିମି ଦୂର ହୋଇଥିବା ବେଳେ କାହିଁକି ଓ କିଏ ଶତ୍ରୁତା ଆଚରଣ ପୂର୍ବକ ଉକ୍ତ ଶ୍ମଶାନକୁ ତନ୍ତ୍ର ସାଧନା ପାଇଁ ବାଛିଲା ତାହା ଜଣାପଡ଼ିନାହିଁ।

# ‘ଢେଙ୍କାନାଳ ବରା’ର ସ୍ୱତନ୍ତ୍ରତା ପରଖିଲା ଐତିହ୍ୟ ପଦଯାତ୍ରା ଟିମ୍

ଢେଙ୍କାନାଳ,୨୧।୧୨(ସମିସ)

ସମଗ୍ର ରାଜ୍ୟରେ ‘ଢେଙ୍କାନାଳ ବରା’ର ସ୍ୱତନ୍ତ୍ର ପରିଚୟ ରହିଛି। ଏହାର ସ୍ୱାଦ, ଆକାର ଓ ପ୍ରସ୍ତୁତି ପ୍ରଣାଳୀ ଦୃଷ୍ଟିରୁ ଅନ୍ୟମାନଙ୍କ ଠାରୁ ନିଆରା। ଏହି ସ୍ୱାଦିଷ୍ଟ ଖାଦ୍ୟକୁ ନେଇ ପ୍ରତ୍ୟେକ ଢେଙ୍କାନାଳବାସୀ ଗର୍ବ କରିବା ସହ ରାଜ୍ୟର ପ୍ରମୁଖ ଖାଦ୍ୟ ତାଲିକାରେ ରହି ଆସିଛି। ଢେଙ୍କାନାଳର ଜନଜୀବନ ଓ ସାମାଜିକ ସଂସ୍କୃତି ସହ ବରାର କାହିଁ କେଉଁ ସୁଦୂର ଅତୀତରୁ ନିବିଡ଼ ସମ୍ପର୍କ ରହିଆସିଛି। ଅନ୍ୟ ଅର୍ଥରେ ବରା ଢେଙ୍କାନାଳ ଅନ୍ୟତମ ପରିଚୟ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ବରାକୁ ନେଇ ରହିଥିବା ଢେଙ୍କାନାଳର ଆବେଗକୁ ବୁଝିବା ଓ ଢେଙ୍କାନାଳ ବରାର ସ୍ୱତନ୍ତ୍ରତା ସମ୍ପର୍କରେ ଅଧିକ ଜାଣିବା ପାଇଁ ଆଜି ୩୨ତମ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ସହରସ୍ଥିତ ବରାଦୋକାନଗୁଡ଼ିକରେ ପହଞ୍ଚି ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ଅବଗତ ହୋଇଥିଲେ। ‘ପ୍ରସିଦ୍ଧ ବରା’ ସ୍ୱତ୍ୱାଧିକାରୀ ପ୍ରସନ୍ନ ସାହୁ ପଦଯାତ୍ରୀଙ୍କୁ ଢେଙ୍କାନାଳରେ ବରାର ଆରମ୍ଭ, କେଉଁମାନେ ଏହାକୁ ସାର୍ବଜନୀନ କରିଥିଲେ, ବର୍ତ୍ତମାନ ଏହାର ପ୍ରସାର ସମ୍ପର୍କରେ କ’ଣ କରାଯିବା ଆବଶ୍ୟକ ଆଦି ପ୍ରସଙ୍ଗରେ ଆଲୋକପାତ କରିଥିଲେ। ସେହିପରି ଅନ୍ୟ ଏକ ବରା ଦୋକାନର ସ୍ୱତ୍ୱାଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ମଧ୍ୟ ବରା ସମ୍ପର୍କରେ ଅବଗତ କରାଇଥିଲେ। ଢେଙ୍କାନାଳ ଜିଲ୍ଲାର ଏମିତି କୌଣସି ଅଞ୍ଚଳ ନାହିଁ, ଯେଉଁଠି ବରାର ଆଦର ନାହିଁ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ଢେଙ୍କାନାଳ ଜିଲ୍ଲାରେ ବରାର ଚାହିଦା ବେଶ୍ ଅଧିକ। ବିରି, ଚାଉଳ, ଛୋଟ କୋଳି ପିଆଜ, ଆମ୍ବକଷି ଅଦା, ଧନିଆପତ୍ର, କଞ୍ଚାଲଙ୍କାକୁ ମିଶାଇ ବାଦାମ ତେଲରେ ବରା ଛଣାଯାଉଥିବାରୁ ଢେଙ୍କାନାଳ ବରାର ସ୍ୱାଦ ଅନ୍ୟ ଅଞ୍ଚଳ ଅପେକ୍ଷା ସ୍ୱତନ୍ତ୍ର ଥିଲା। ଏହି ସ୍ୱତନ୍ତ୍ରତା ଯୋଗୁ ପୁରୁଣା ସିନେମା ଗୀତରେ ମଧ୍ୟ ଢେଙ୍କାନାଳ ବରାର ଉଲ୍ଲେଖ ରହିଛି। ପଦଯାତ୍ରୀମାନେ ବିଭିନ୍ନ ବରାଦୋକାନ ବୁଲିବୁଲି ତଥ୍ୟ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ମୃଣାଳ ଚାଟାର୍ଜୀ, ମଳୟ ରଞ୍ଜନ ପତି, ତପନ କୁମାର ଶତପଥୀ, ବିଶ୍ୱରଞ୍ଜନ ଦେହୁରୀ, ରମେଶ ଚନ୍ଦ୍ର ପତି, ଶ୍ରୀକାନ୍ତ ସିଂହ, ହୃଦାନନ୍ଦ ବେହେରା, ନାରାୟଣ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ସେଠୀ, ସୁନିତା ମହାପାତ୍ର, ଜନ୍ମେଜୟ ରାଉତଙ୍କ ସମେତ ଢେଙ୍କାନାଳ ସ୍ୱୟଂସହାୟକ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଢେଙ୍କାନାଳ ବରା ରାଜ୍ୟରେ ପ୍ରସିଦ୍ଧ ହୋଇଥିବାବେଳେ ବର୍ତ୍ତମାନ ଏହାର ସ୍ୱାଦକୁ ବଜାୟ ରଖିବାରେ ସହରର ପ୍ରତିଷ୍ଠିତ ବ୍ୟବସାୟୀମାନେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି।




## ବିଜେପି ଜିଲ୍ଲା କର୍ମକର୍ତ୍ତାଙ୍କ ନାମ ଘୋଷଣା

ଢେଙ୍କାନାଳ,୨୧।୧୨(ସମିସ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଢେଙ୍କାନାଳ ବିଜେପି ଜିଲ୍ଲା ସଭାପତି ରାସ ବିହାରୀ ବେହେରା ଜିଲ୍ଲା ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ଜିଲ୍ଲା ଉପସଭାପତି ଭାବେ ଧ୍ରୁବଚରଣ ସ୍ୱାଇଁ, ନିରୋଦ କୁମାର ସାହୁ, ବରୁଣ କୁମାର ସର, ସହଦେବ ପୃଷ୍ଟି, ସଞ୍ଜୟ କୁମାର ରାଉତ, ସଞ୍ଜୟ କୁମାର ଦାସ, ଇତିଶ୍ରୀ ସାହୁ, ମିନକେତନ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ବିଷ୍ଣୁପ୍ରସାଦ ଲେଙ୍କା, ମାତୃପ୍ରସାଦ ନନ୍ଦ, ସୁଶାନ୍ତ ପତି, ଜିଲ୍ଲା ସମ୍ପାଦକ ଭାବେ ଅମ୍ବିକା ପ୍ରସାଦ ମିଶ୍ର, ପ୍ରଣତି ସାହୁ, ରୁନୁବାଳା ରାଉତ, ସଞ୍ଜୁକ୍ତା ହୋତା, ଜୟନ୍ତୀ ଦାସ, ମଞ୍ଜୁଲତା ସାହୁ, ଅଞ୍ଜନ କୁମାର ପାଣି, ପ୍ରଶାନ୍ତ କୁମାର ପ୍ରଧାନ ଓ ଜିଲ୍ଲା କୋଷାଧ୍ୟକ୍ଷ ଭାବେ ଆନନ୍ଦ ପ୍ରଧାନଙ୍କୁ ଘୋଷଣା କରାଯାଇଛି ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ ଜଣାଇଛନ୍ତି।

## ଜିରାଳ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ




ଭୁବନ,୨୧।୧୨(ସମିସ): ଭୁବନ ବ୍ଲକ୍ ଅନ୍ତର୍ଗତ ଜିରାଳ ମହାବିଦ୍ୟାଳୟର ୪୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହିମାଂଶୁ ଖଡ଼ୀରତ୍ନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କାମାକ୍ଷା ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି, ବିରଞ୍ଚି ନାରାୟଣ ସାମଲ ମୁଖ୍ୟ ବକ୍ତା, ଜିଲ୍ଲା ପରିଷଦ ସଭ୍ୟା ଶୀଳ ରାଣୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଦୁର୍ଗା ପ୍ରସାଦ ମୁଦୁଲି ଅତିଥି ପରିଚୟ ପ୍ରଦାନ କରିଥିଲେ। କୈଳାସ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଧନ୍ଦାମୂଳକ କେନ୍ଦ୍ର ଉଦ୍‌ଘାଟନ କରାଯାଇଥିଲା। ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ



ଖଜୁରିଆକଟା,୨୧।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଛୋଟ ପିଲାଙ୍କୁ ମାତ୍ରାଧିକ ମୋବାଇଲ ବ୍ୟବହାର ଠାରୁ ଦୂରରେ ରଖିବା ସହ ସେମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ଅଭିଭାବକ ମାନେ ଗୁରୁତ୍ୱ ଦେବାକୁ ମୁଖ୍ୟବକ୍ତା ହେମନ୍ତ କୁମାର ପାଣିଗ୍ରାହୀ କହିଥିଲେ। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ବି ସମ୍ପାଦକ ଶଶୀଭୂଷଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହିଅବସରରେକୃତୀଛାତ୍ରଛାତ୍ରୀଙ୍କୁପୁରସ୍କୃତକରାଯାଇଥିଲା। ବିଦ୍ୟାଳୟପାଇଁ ଭୂମିଦାନକରିଥିବା କୁକୁଟା ଗ୍ରାମ ନିବାସୀ ବିରାଜ ସାହୁଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

## ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ବାର୍ଷିକ ଅଧିବେଶନ ଓ କର୍ମକର୍ତ୍ତା ଚୟନ



ଢେଙ୍କାନାଳ,୨୧।୧୨(ସମିସ): ସ୍ଥାନୀୟ ବିଦ୍ୟୁତ୍ ସଂଘ କାର୍ଯ୍ୟାଳୟରେ ମଳୟ କୁମାର ନନ୍ଦଙ୍କ ସଭାପତିତ୍ୱରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ବାର୍ଷିକ ଅଧିବେଶନ ଓ ଡିଭିଜନସ୍ତରୀୟ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୁଳ ଡିଭିଜନ ସମ୍ପାଦକ ସୁରେନ୍ଦ୍ର କୁମାର ଦାସ ଓ ତାଳଚେର ଡିଭିଜନ ସମ୍ପାଦକ ବିକାଶ ଚରଣ ସାହୁ ଉପସ୍ଥିତ ରହିଥିବାବେଳେ ଢେଙ୍କାନାଳ ଡିଭିଜନର ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ସଭାରେ ସଂଘର ସୁବିଧା ଓ ଅସୁବିଧା ବିଷୟରେ ବିଷଦ ଭାବେ ଆଲୋଚନା ହୋଇଥିଲା ଏବଂ ବିଭିନ୍ନ ଅଭିଯୋଗର ସମାଧାନ କରିବା ବିଷୟରେ ଆଲୋଚନା ହୋଇଥିଲା। ପରେ କର୍ମକର୍ତା ଚୟନ କରାଯାଇଥିଲା। ଡିଭିଜନ ସଂପାଦକ ଭାବେ ମୃତ୍ୟୁଞ୍ଜୟ ପ୍ରଧାନ, ସହ ସମ୍ପାଦକ ଭାବେ ଶଷଧର ବେହେରା ଓ ଉପେନ୍ଦ୍ର ମହାନ୍ତି, ମିଡିଆ ସେଲ୍ ସଂପାଦକ ଭାବେ ବସନ୍ତ କୁମାର ରଣା, ଆସିଷ୍ଟାଣ୍ଟ ସାଙ୍ଗଠନିକ ସମ୍ପାଦକ ଭାବେ ବିଜୟ ବାରିକ୍ ଓ ପ୍ରମୋଦ ସାହୁ, ଡିଭିଜନ ସାଂଗଠନିକ ସମ୍ପାଦକ ଭାବେ ସୁଜିତ୍ ଶତପଥୀ, କୋଷାଧ୍ୟକ୍ଷ ଭାବେ ବିକାଶ କୁମାର ସାହୁଙ୍କୁ ଚୟନ କରାଯାଇଥିଲା।

## ହିନ୍ଦୋଳ ମହାବିଦ୍ୟାଳୟ ଗଣିତ ବିଭାଗର ଜାତୀୟ ସେମିନାର



ହିନ୍ଦୋଳ,୨୧।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଅଡିଟରୀୟମ୍‌ରେ ଦୁଇ ଦିନ ଧରି ଗଣିତ ବିଭାଗର ଜାତୀୟ ସେମିନାର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଆୟୋଜିତ କର୍ମଶାଳାରେ କାର୍ଯ୍ୟକ୍ରମର ଆବାହକ ତଥା ଗଣିତ ବିଭାଗର ମୁଖ୍ୟ କ୍ୟାପଟେନ ଡଃ କିଶୋର କୁମାର ପୃଷ୍ଟି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଷୟ ଭିତ୍ତିକ ବିଶେଷଜ୍ଞ ରୂପେ ଗଣିତ ପ୍ରତିଷ୍ଠାନ, ଭୁବନେଶ୍ୱରର ଅବସରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ପାଢ଼ୀ, ଆଇ ଆଇ ଟି , ଖଡ଼ଗପୁରର ପ୍ରଫେସର ଚଣ୍ଡାଳ ନାହାକ, ଓଡ଼ିଶା ଗଣିତ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା , ଓ ଏମ୍ ଏସ୍,ଭୁବନେଶ୍ୱରର ଅବସରପ୍ରାପ୍ତ ସଭାପତି ପ୍ରଫେସର ନଳିନୀ କାନ୍ତ ଚୌଧୁରୀ, ବୈଷୟିକ ବିଶ୍ୱବିଦ୍ୟାଳୟ, ସରାଙ୍ଗର ଅବସରପ୍ରାପ୍ତ ପ୍ରଫେସର ସ୍ମୃତି ମହାନ୍ତି, ଶିକ୍ଷା ଓ ଅନୁସନ୍ଧାନ ପ୍ରତିଷ୍ଠାନର ପ୍ରଫେସର ସତ୍ୟରଞ୍ଜନ ମିଶ୍ର, ବୀର ସୁରେନ୍ଦ୍ର ସାଏ ବୈଷୟିକ ଶିକ୍ଷା ବିଶ୍ୱବିଦ୍ୟାଳୟର ପ୍ରଫେସର ଜୟ ପ୍ରକାଶ ପଣ୍ଡା , ରାଞ୍ଚିସ୍ଥିତ ସାରଳା ବିର୍ଲା ବିଶ୍ୱବିଦ୍ୟାଳୟର ପ୍ରଫେସର ବିଷ୍ଣୁ ଚରଣ ରାଉତ ଓ ଆଇ ଆଇ ଟି , ଭୁବନେଶ୍ୱରର ପ୍ରଫେସର ଏସ ଡି ସାହୁ ପ୍ରମୁଖ ଆପ୍ଲିକେସନ ଅଫ୍ ମ୍ୟାଥମେଟିକ୍ସ ଇନ୍ ଡାଟା ସାଇନ୍ସ ଉପରେ ଗବେଷଣାତ୍ମକ ତଥ୍ୟ ଉପସ୍ଥାପିତ କରିଥିଲେ।ଏହି ସେମିନାରରେ ପି ଏମ୍ - ଉଷାର ନୋଡାଲ ଅଫିସର ଦିଲ୍ଲୀପ କୁମାର ଗଡନାୟକ , ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ଇତିହାସ ବିଭାଗ ମୁଖ୍ୟ ଡଃ ମହେନ୍ଦ୍ର କୁମାର ସ୍ୱାଇଁ,ଗଣିତ ବିଭାଗ ଅଧ୍ୟାପିକା ସୀମା ସ୍ମୃତିରେଖା ମିଶ୍ର, ସୂଚନା ପ୍ରଯୁକ୍ତି ବିଦ୍ୟା ମୁଖ୍ୟ କୃପାସିନ୍ଧୁ ବେହେରା , କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ସକ୍ରିୟ ସହଯୋଗ କରିଥିଲେ। ଉଦଯାପନ ଦିବସରେ ଆଇ କ୍ୟୁ ଏ ସି ସଂଯୋଜକ ତଥା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଢେଙ୍କନାଳ,୨୧।୧୨(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ନିଶ୍ୱାର୍ଡ ଏବଂ କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଶାଖା ମୋ ଭାରତ ଢେଙ୍କାନାଳ ମିଳିତ ଆନୁକୂଲ୍ୟରେ ଗଦାଶିଳା ଗ୍ରାମପଞ୍ଚାୟତ ଉପକଣ୍ଠ ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଦୁଇଦିନିଆ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦାଣ୍ଡିମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମର କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ରାଉତ, ସମ୍ମାନିତ ଅତିଥି ଭାବେ ଉତ୍କଳ ଭାରତୀ ଯୁବ ସେବା ସଂଘର ସଭାପତି ଜଗବନ୍ଧୁ ସ୍ୱାଇଁ, ଦାଣ୍ଡିମାଳ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବନମାଳୀ ସାହୁ, ବ୍ରହ୍ମବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ବାଳକମାନଙ୍କ ମଧ୍ୟରେ ଫୁଟବଲ୍, ବାସ୍କେଟ ବଲ ଓ ବାଳିକା ମାନଙ୍କ ମଧ୍ୟରେ ସ୍ଲୋ ସାଇକଲ ରେସ୍, ବ୍ୟାଡମିଣ୍ଟନ,



ରିଲେ ରେସ୍ ଓ ଟାଇକ୍ୱୋଣ୍ଡୋ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ତୃପ୍ତିମୟୀ ରାଣା ଓ ଫୁଟବଲ ମ୍ୟାଚ ରେଫରି ଭାବେ ବିଶ୍ୱଜିତ୍ ପ୍ରସାଦ ସାହୁ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୮୦ରୁ ଊର୍ଦ୍ଧ୍ୱ ବାଳକ ଓ ବାଳିକା ବର୍ଗର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନୁଷ୍ଠାନର ପ୍ରମୁଖ ସଦସ୍ୟ ଶକ୍ତି ପ୍ରସାଦ ମିଶ୍ର, ରାକେଶ କୁମାର ରାଉତ ଓ ବିକାଶ କୁମାର ରାଉତ କ୍ରୀଡ଼ା ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ମୋ’ ଭାରତ ଢେଙ୍କାନାଳ ଶାଖାର କାର୍ଯ୍ୟକାରୀ ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ଓ ନିଶ୍ୱାର୍ଡ ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ସଫଳ ରୂପାୟନ ଦେବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ

ଢେଙ୍କାନାଳ,୨୧।୧୨(ସମିସ): ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ୪୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗୋବର୍ଦ୍ଧନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ନିରୀକ୍ଷଣ ଅଧିକାରୀ ତଥା ଅନୁଷ୍ଠାନର ବରିଷ୍ଠ ସଭ୍ୟ ନିରାକାର ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ କ୍ରୀଡା ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିବା ସହ ବିଭିନ୍ନ ବିଭାଗ ଦ୍ୱାରା ଚମ୍ପିୟନ ଛାତ୍ରଛାତ୍ରୀଙ୍କୁ ପଦକ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅଜୟ କୁମାର ବଳ ପ୍ରାରମ୍ଭିକ ସୂଚନା ସହିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାରୀରିକ କ୍ରୀଡ଼ା ପ୍ରଦର୍ଶନକୁ ଅନୁଷ୍ଠାନର କ୍ରୀଡା ଶିକ୍ଷକ ସନ୍ତୋଷ କାନୁନଗୋ ପରିଚାଳନା କରିଥିଲେ ଏବଂ ଅନୁଷ୍ଠାନର ସମସ୍ତ ଅପାଭାଇମାନେ ସହଯୋଗ କରିଥିଲେ। ସମ୍ପାଦକ ଓ ସମସ୍ତ ପରିଚାଳନା କର୍ମକର୍ତ୍ତା ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମ ବେଶ୍ ଆକର୍ଷଣୀୟ ହୋଇଥିଲା। ଉକ୍ତ କ୍ରୀଡା ପ୍ରତିଯୋଗିତାରେ ସମ୍ପୂର୍ଣ୍ଣା ନାୟକ, ଶିବାଂଶ ତ୍ରିପାଠୀ, ଅଫସିନି ପରବିନ, ସାଇଦୀପ ସାଲମ, ସାଇଶ୍ରୀ ସେନାପତି, ଅର୍ଚ୍ଚିତା ସେଠୀ, ଶୁଭଶ୍ରୀ ବେହେରା, ବିଶ୍ୱଜିତ ସେଠୀ, ଚନ୍ଦ୍ରଶେଖର ଆଚାର୍ଯ୍ୟ ଓ ସିଧିକ୍ଷା ଶ୍ରୀୟାଦିତ ଚାମ୍ପିଅନ ହୋଇ ପୁରସ୍କୃତ ହୋଇଛନ୍ତି।



## ଗ୍ରାମୀଣ ବ୍ୟାଙ୍କର ଶୀତକାଳୀନ କ୍ରିକେଟ୍ ଚାମ୍ପିଅନସିପ୍




ଢେଙ୍କନାଳ,୨୧।୧୨(ସମିସ): ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ୍‌ରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଢେଙ୍କାନାଳ ଜୋନ ତରଫରୁ ଶୀତକାଳୀନ କ୍ରିକେଟ ଚମ୍ପିଅନସିପ୍ ଆୟୋଜିତ ହୋଇଥିଲା। ଏଥିରେ ୪ଟି ଦଳ ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରିଜିଓନାଲ ମ୍ୟାନେଜର ପଙ୍କଜ କୁମାର ଜୈନ ଯୋଗଦେଇଥିଲେ। ରିଜିଓନାଲ ଅଫିସ ପକ୍ଷରୁ ସୋନାଲି ମହାନ୍ତି, ଦେବାଶିଷ ପୁରୋହିତ, ଦୀପକ ଦାର୍ଶନିଆ, ଦେବସ୍ମିତା ଷଡ଼ଙ୍ଗୀ, ସ୍ୱାଗତିକା ପାତ୍ର, ଆଶିଷ ପ୍ରଧାନ, ଅପରାଜିତା ପାତ୍ର ଏବଂ କୈବଲ୍ୟ ନାୟକ ଯୋଗଦେଇଥିଲେ। ଅକ୍ଷୟ ଷଡ଼ଙ୍ଗୀ ନିଜର ସମର୍ଥନ କରିଥିଲେ। ମୁଖ୍ୟ ଆୟୋଜକ ଢେଙ୍କାନାଳ ଶାଖାର ପରିଚାଳକ ଦେବାଶିଷ ପରିଡ଼ା ଏବଂ ଅମିତ ନାହକ ଖେଳକୁ ପରିଚାଳନା କରିଥିଲେ। ଢେଙ୍କାନାଳ ରୟାଲ ଚ୍ୟାଲେଞ୍ଜର ବିଜୟୀ ହୋଇଥିଲା।

● ଅଶ୍ୱ ଖୋଲା ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ

# ‘ସକାରାତ୍ମକ ସ୍ୱପ୍ନ ଦେଖ, ମଣିଷ ପରି ମଣିଷ ହୁଅ’

ଗଁଦିଆ,୨୧।୧୨(ସମିସ)



ଗଁଦିଆ ବ୍ଲକ୍ ବରଦା ଗ୍ରାମରେ ଥିବା ଅଶ୍ୱ ଖୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବ କିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ ଛାତ୍ରଛାତ୍ରୀ ସକାରାତ୍ମକ ସ୍ୱପ୍ନ ଦେଖି ମଣିଷ ପରି ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରଦା ଗ୍ରାମପଞ୍ଚାୟତର ସରପଞ୍ଚ ଦୀପ୍ତିମୟୀ ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସ୍ୱାଇଁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା, ପୂର୍ବତନ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା, ପଞ୍ଚସଖା ସେତୁର ସଭାପତି ବନ ବିହାରୀ ସାହୁ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅନନ୍ତଚରଣ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସରୋଜିନୀ ନାୟକ ଧନ୍ୟବାଦଅର୍ପଣକରିଥିଲେ। ୧୯ ତାରିଖରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ କାହ୍ନା ସାହୁ ଓ କଳ୍ପନା ଦେହୁରୀ ଚାମ୍ପିଅନ ହୋଇଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଶ୍ରୀକାନ୍ତ ପୁହାଣ ଓ ମନମୋହନ ରାଉତଙ୍କୁ ମରୋଣତ୍ତର ଶିକ୍ଷା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନବକିଶୋର ମହାନ୍ତି, କ୍ରୀଡ଼ା ଶିକ୍ଷକ ଅନନ୍ତ ଚରଣ ଜେନା, ଶିକ୍ଷୟିତ୍ରୀ ସରୋଜିନୀ ନାୟକ, ରଙ୍ଗଲତା ଭୂୟାଁଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଚକ୍ରଧର ଭୋଇ, ନିଶିକାନ୍ତ ସାହୁଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। କୃଷ୍ଣଚନ୍ଦ୍ର ରାଉତ, ଅଶ୍ୱିନୀ କୁମାର ମହାପାତ୍ର, ରଶ୍ମୀରଞ୍ଜନ କୁଣ୍ଡୁ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଗଁଦିଆରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍

ଗଁଦିଆ,୨୧।୧୨(ସମିସ): ଗଁଦିଆ ବ୍ଲକର ମିନି ଷ୍ଟାଡିୟମ ଠାରେ ୪ଟି ଦଳକୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଙ୍ଘ, ପୁଲିସ ଏକାଦଶ, ବ୍ଲକ ଏକାଦଶ ଓ ପି ଆର ଆଇ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପୁଲିସ ଟିମ ଓ ବ୍ଲକ ଟିମ ମଧ୍ୟରେ ଅନୁଷ୍ଠିତ ଖେଳରେ ପୁଲିସ ଟିମ ବିଜୟୀ ହୋଇଥିଲା ଓ ପରବର୍ତ୍ତୀ ମ୍ୟାଚ ସାମ୍ବାଦିକ ସଙ୍ଘ ଓ ପିଆର୍‌ଆଇ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲ। ଏଥିରେ ପି ଆର ଆଇ ଟିମ ବିଜୟୀ ହୋଇଥିଲା। ଫାଇନାଲ ଖେଳ ପୁଲିସ ଟିମ ଓ ପି ଆର ଆଇ ଟିମ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ପିଆରଆଇ ଟିମ ୧୦ଓଭରରେ ଖେଳି ୪ଉଇକେଟ ହରାଇ ୧୨୬ରନ ସଂଗ୍ରହ କରିଥିଲା। ଜବାବରେ ପୁଲିସ ଟିମ ୪ଉଇକେଟ ହରାଇ ୧୦୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କର ଗଁଦିଆ ବ୍ଲକ ପ୍ରତିନିଧି ରତିକାନ୍ତ ସାହୁ, ସାମ୍ମାନୀତି ଅତିଥି ଭାବରେ ଗଁଦିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା ଗଁଦିଆ ଥାନାର ପୂର୍ବତନ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ପ୍ରମୁଖ ଗଁଦିଆ ପ୍ରେସ କ୍ଲବ ସଭାପତି ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦାନ କରି ବିଜେତା ଓ ଉପବିଜେତା ଦଳକୁ କପ ପ୍ରଦାନ କରିଥିଲେ।



### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଗିରଫ ହେଲେ ରେଞ୍ଜର ରାଜେନ୍ଦ୍ର ସାମନ୍ତରାୟ

ଜଗତସିଂହପୁର,୨୧।୧୨(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି ଜଗତସିଂହପୁର ଜିଲ୍ଲାରେ କାର୍ଯ୍ୟରତ ରାହାମା ବନଖଣ୍ଡର ରେଞ୍ଜର ରାଜେନ୍ଦ୍ର ସାମନ୍ତରାୟ। ଗତ ୨୦ ତାରିଖରେ ତାଙ୍କ ବାସଭବନ ସମେତ ୪ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତିଙ୍କ



ସର୍ଚ୍ଚ ୱାରେଣ୍ଟ ବଳରେ ୨ ଜଣ ଏଏସପି, ୫ଜଣ ଡିଏସପି ଏବଂ ୮ ଜଣ ଇନ୍ସପେକ୍ଟର ଏହି ଚଢ଼ଉରେ ସାମିଲ ହୋଇଥିଲେ। ଶ୍ରୀ ସାମନ୍ତରାୟଙ୍କ ସାମନ୍ତରାୟପୁର ସ୍ଥିତ ପୈତୃକ ବାସଭବନ, ଚାଟ୍ରାସ୍ଥିତ ୩ ମହଲା ବିଶିଷ୍ଟ ବାସଭବନ, ସାଁପୁର ସ୍ଥିତ ସରକାରୀ କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନରେ ଏକକାଳୀନ ଏହି ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ତାଙ୍କ ଘରୁ ନଗଦ ୩ ଲକ୍ଷ ୬୯ ହଜାର ଟଙ୍କା, ୮୦.୬୮ଲକ୍ଷର ବ୍ୟାଙ୍କ ଓ ପୋଷ୍ଟାଲ ଇନସ୍ୟୁରାନ୍ସ ଜମା, ୨୫୦ ଗ୍ରାମ ସୁନା, ଗୋଟିଏ ବୋଲେରୋ, ୨ଟି ବାଇକ୍, ଜଗତସିଂହପୁର ସହରରେ ୩ଟି ମୂଲ୍ୟବାନ ପ୍ଲଟ, କଟକ ସହର ବାହାରେ ୨ଟି ପ୍ଲଟ, ଗୋଟିଏ ୩ ମହଲା ଘର ଏବଂ ଗୋଟିଏ ୨ ମହଲା ଘର ଠାବ କରିଥିଲା ଭିଜିଲାନ। ଏଥି ସହିତ ୧୧ ଲକ୍ଷ ଟଙ୍କାର ଘରକରଣା ସାମଗ୍ରୀ ଓ ଆସବାବପତ୍ର ଭିଜିଲାନ୍ସ ନଜରକୁ

**ଆୟଠାରୁ ୨୩୨ % ଅଧିକ ସଂପତ୍ତି**

ଆସିଥିଲା। ଶ୍ରୀ ସାମନ୍ତରାୟଙ୍କ ଆୟ ଠାରୁ ଏହା ୨୩୨ ପ୍ରତିଶତ ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ଆକଳନ କରାଯାଇଥିଲା। ତେଣୁ ଆୟ ବହିର୍ଭୂତ ସମ୍ପତ୍ତି ଆହରଣ କରିଥିବା ସ୍ପଷ୍ଟ ହେବା ପରେ ଶ୍ରୀ ସାମନ୍ତରାୟଙ୍କୁ ଆଜି ଗିରଫ କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବଚାର ପାଇଁ ହାଜର କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀ ସାମନ୍ତରାୟଙ୍କ ୨୦୨୩ ଅଗଷ୍ଟ ୩୧ରେ ପଦୋନ୍ନତି ପାଇ ରାହାମା ରେଞ୍ଜର ଭାବେ ଜଗତସିଂହପୁର ଜିଲ୍ଲାରେ ଦାୟିତ୍ୱ ଗ୍ରହଣ କରିଥିଲେ।

### ଧାର୍ଯ୍ୟ କରିପାରିଲାନି ଶ୍ରୀମନ୍ଦିର ପ୍ରଶାସନ

# ଅବଢ଼ା ଦରବୃଦ୍ଧି ପାଇଁ ସେବାୟତଙ୍କ ସଜବାଜ

ପୁରୀ,୨୧।୧୨(ସମିସ): ଅବଢ଼ା ଦର ଉପରେ ଶ୍ରୀମନ୍ଦିର ପ୍ରଶାସନର କୌଣସି ନିୟନ୍ତ୍ରଣ ନାହିଁ। ସୁଆର ସେବକମାନେ ମନଇଚ୍ଛା ଅବଢ଼ା ବିକିଥା'ନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ ଆନନ୍ଦବଜାରରେ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ। ଭକ୍ତ-ସୁଆର ସେବକ କଥା କଟାକଟି ବି ହୁଅନ୍ତି। ତେଣୁ, ଏହାର ସ୍ଥାୟୀ ସମାଧାନ ପାଇଁ ଅବଢ଼ା ଦର ଧାର୍ଯ୍ୟ ଲାଗି ନିଷ୍ପତ୍ତି ନିଆଯାଇଥିଲା। ହେଲେ, ନିଷ୍ପତ୍ତିକୁ ୭ବର୍ଷ ବିତିଲାଣି, କିନ୍ତୁ ମହାପ୍ରସାଦର ଦର ଧାର୍ଯ୍ୟ କରିପାରିଲାନି ଶ୍ରୀମନ୍ଦିର ପ୍ରଶାସନ। ଅନ୍ୟପକ୍ଷରେ, ଅବଢ଼ା ଦରବୃଦ୍ଧି ପାଇଁ ସୁଆର ମହାସୁଆର ନିଯୋଗ ସଜବାଜ ହେଲାଣି। ଏଥିପାଇଁ ନିଯୋଗ ପକ୍ଷରୁ ଅବଢ଼ା ଦୋକାନୀଙ୍କୁ ନେଇ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ, ସେବକଙ୍କ ପକ୍ଷରୁ ଧାର୍ଯ୍ୟ ଦରକୁ ମନ୍ଦିର ପ୍ରଶାସନ ସ୍ୱୀକୃତି ଦେବ ନା ସେମାନେ ମନଇଚ୍ଛା ଯାହା ଦର ଧାର୍ଯ୍ୟ କରିବେ, ତାହା ଭକ୍ତଙ୍କ ଉପରେ ଲଦିଦେବେ, ତାହାକୁ ନେଇ ପ୍ରଶ୍ନ ଉଠିଛି।

ଆନନ୍ଦବଜାରକୁ ଶୃଙ୍ଖଳିତ କରିବା ଏବଂ ଭକ୍ତ ଯେପରି ଶୋଷଣର ଶିକାର ନ ହେବେ, ତାକୁ ଗୁରୁତ୍ୱ ଦେଇଥିଲା ଶ୍ରୀମନ୍ଦିର ପ୍ରଶାସନ। ମହାପ୍ରସାଦ ଦର ନିର୍ଦ୍ଧାରଣ କରାଯାଇ ଆନନ୍ଦବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ଲଗାଯିବା ପାଇଁ



ନିଷ୍ପତ୍ତି ନେଇଥିଲା। ଏପରି ହେଲେ ଅବଢ଼ା କିଣିବାକୁ ନେଇ ସୁଆରଙ୍କ ସହ କାହାକୁ ମୂଲଚାଲ କରିବାକୁ ପଡ଼ିବ ନାହିଁ କି କେହି ଦୁର୍ବ୍ୟବହାରର ଶିକାର ହେବେ ନାହିଁ। ୨୦୧୮ ସେପ୍ଟେମ୍ବରରେ ସୁଆର-ମହାସୁଆର ନିଯୋଗ ସହ ତତ୍କାଳୀନ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ବୈଠକ କରି ଏହି ନିଷ୍ପତ୍ତି ନେଇଥିଲେ। ପ୍ରକ୍ରିୟା ବି ଜୋର୍‌ଦାର ଆରମ୍ଭ ହେଲା। ସେହିବର୍ଷ ଅକ୍ଟୋବର ୧୬ରେ ପୁନଶ୍ଚ ବୈଠକ ବସି ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା। ଥରେ ଅବଢ଼ା ରୋଷେଇ, ମନ୍ଦିର ପ୍ରଶାସନ ଆବଶ୍ୟକ ଚାଉଳ, ଡାଲି, କୁଡୁଆ ଯୋଗାଇବା, କୋଠ ରୋଷରେ ରୋଷେଇ, ଦେଉଳକରଣ ଏବଂ ସୁପରଭାଇଜର୍‌ଙ୍କ ନିରୀକ୍ଷଣ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ରୋଷେଇ ସରିବା ପରେ ସାମଗ୍ରୀ କିଣାରେ କେତେ ଖର୍ଚ୍ଚ ହେଉଛି ଏବଂ ସୁଆର ସେବକ କେତେ ଲାଭ ପାଇବେ, ତାହା ଶ୍ରୀମନ୍ଦିର ପ୍ରଶାସନ ସ୍ଥିର କରିବ ବୋଲି ନିଷ୍ପତ୍ତି ବି ନିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ରୋଷେଇ ଲାଗି ଏକାଧିକ ତାରିଖ ସ୍ଥିର କରାଯାଇ ସମୟ ଗଡ଼ିଥିଲା। ଶେଷରେ ୨୦୧୮ ଡିସେମ୍ବର ୪ରେ ମହାପ୍ରସାଦ ଦର ନିର୍ଦ୍ଧାରଣ ଲାଗି ରୋଷେଇ ହୋଇଥିଲା। ଖୁବ୍‌ଶୀଘ୍ର ଦର ତାଲିକା ଚୂଡ଼ାନ୍ତ କରାଯାଇ ଆନନ୍ଦବଜାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲଗାଯିବ ବୋଲି ତତ୍କାଳୀନ ମୁଖ୍ୟ ପ୍ରଶାସକ କହିଥିଲେ।

ରୋଷେଇ ହେବାର ୭ ବର୍ଷ ବିତିଗଲାଣି, ହେଲେ ଏ ପର୍ଯ୍ୟନ୍ତ ମହାପ୍ରସାଦ ଦର ନିର୍ଦ୍ଧାରଣ ହୋଇପାରିଲା ନାହିଁ। ନିଷ୍ପତ୍ତି ନିଆଯିବା ପରେ ଅନେକଥର ଶ୍ରୀମନ୍ଦିରରେ ଅବଢ଼ା ଦରକୁ ନେଇ ଭକ୍ତ-ସେବକ ମୁହାଁମୁହିଁ ହୋଇଛନ୍ତି। ନିଷ୍ପତ୍ତି ନେଇଥିବା ମୁଖ୍ୟ ପ୍ରଶାସକଙ୍କ ସମେତ ଏକାଧିକ ଅଧିକାରୀ ବଦଳିଗଲେଣି। କିନ୍ତୁ ଅବଢ଼ା ଦର ଧାର୍ଯ୍ୟ ହୋଇପାରୁନାହିଁ।

ଏଭଳି ସ୍ଥିତିରେ ସୁଆର ମହାସୁଆର ନିଯୋଗ ଅବଢ଼ା ଦରବୃଦ୍ଧି ନେଇ ପ୍ରାରମ୍ଭିକ ବୈଠକ କରିସାରିଛି। ଜାଳେଣି କାଠ, ସଉଦା ଓ ପରିବା ଆଦିର ମୂଲ୍ୟ ବୃଦ୍ଧି ହେଉଥିବାରୁ ମହାପ୍ରସାଦର ଦରବୃଦ୍ଧି ନେଇ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଥିବା ନିଯୋଗର ଜଣେ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ସେ କହିଛନ୍ତି, ସବୁର ଦରଦାମ୍ ବଢ଼ିଲାଣି। ସେଇ ଅନୁସାରେ ମହାପ୍ରସାଦରେ ଦରବୃଦ୍ଧି ହୋଇନାହିଁ। ଏବେ ସାଧାରଣ ମହାପ୍ରସାଦ ପତ୍ର ମୁଣ୍ଡ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଥିଲେ ହେଁ ରାତି ହେଲେ ଆହୁରି କମ୍‌ରେ ଦିଆଯାଉଛି। ଅନ୍ୟପକ୍ଷରେ ଜାଳେଣି କାଠ କେଜି ୧୫ ଟଙ୍କା ହେଲାଣି। ସଉଦା ଓ ପରିବା ଦରବୃଦ୍ଧି ଘଟିଚାଲିଛି। ଭକ୍ତଙ୍କ ନିକଟରେ ଅବଢ଼ା ପହଞ୍ଚିବା ବେଳକୁ ୧୨ଟି ପର୍ଯ୍ୟାୟ ହୋଇ ପହଞ୍ଚୁଛି। ଜାଳେଣି କାଠ ଯୋଗାଣ, ସଉଦା ଯୋଗାଣ, ପାଣି ଯୋଗାଣ, ବାଇହାଣ୍ଡି ଯୋଗାଣ ଆଦି ଏହିଭଳି ବିଭିନ୍ନ ସେବାଧାରୀଙ୍କ ମାଧ୍ୟମ ହୋଇ ଭକ୍ତଙ୍କ ନିକଟରେ ପହଞ୍ଚୁଛି। ତେଣୁ ଅବଢ଼ା ଦରବୃଦ୍ଧି କରିବା ପାଇଁ ଦୋକାନୀମାନଙ୍କୁ ନେଇ ପ୍ରାରମ୍ଭିକ ଆଲୋଚନା ହୋଇଛି। ଆଗାମୀ ଦିନରେ ଏ ସଂକ୍ରାନ୍ତରେ ପୁଣି ଏକ ବୈଠକ ବସିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯିବ ବୋଲି ସମ୍ପୃକ୍ତ ସେବକ କହିଛନ୍ତି।

ସୂଚନାଯୋଗ୍ୟ, ଏବେ ଶ୍ରୀମନ୍ଦିର ଆନନ୍ଦ ବଜାରରେ ୮୫ଟି ଅବଢ଼ା ଦୋକାନୀ ରହିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ମହାପ୍ରସାଦ ଦର ତାଲିକା ଲାଗିପାରିଲା ନାହିଁ।

### ବ୍ୟାନରରୁ ଫଟୋ ଗାଏବ

# ମଞ୍ଚ ଉପରେ ଅସନ୍ତୋଷ ଝାଡ଼ିଲେ ବିଜେପି ସାଂସଦ

**ଝାରସୁଗୁଡ଼ା, ୨୧।୧୨ (ସମିସ):** ବ୍ୟାନର୍‌ରେ ଫଟୋ ନଥିବା ଦେଖି ରାଗି ନିଆଁବାଣ ସାଂସଦ। ଭାଷଣ ଦେବା ବେଳେ ମଞ୍ଚ ଉପରୁ ଅସନ୍ତୋଷ ଝାଡ଼ିଲେ। ପ୍ରୋଟୋକଲ୍ ସଂପର୍କରେ ଜିଲ୍ଲାପାଳଙ୍କୁ ପ୍ରଶ୍ନ କରିବା ସହ ଜଣେ ନିର୍ବାଚିତ ସାଂସଦଙ୍କୁ କାହିଁକି ଅପମାନିତ କରାଯାଉଛି ବୋଲି ସିଧାସଳଖ ପଚାରିଲେ। ଝାରସୁଗୁଡ଼ା ଜିଲ୍ଲା କୋଲାବିରାଠାରେ ଆୟୋଜିତ କୃଷକ ସମାବେଶରେ

**କ୍ଷମା ପ୍ରାର୍ଥନା କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ**

ଆଜି ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ନିଜ ଦଳ ଓ ସରକାର ବିରୋଧରେ ଏପରି ଢଙ୍ଗରେ ଅସନ୍ତୋଷ ଝାଡ଼ିବା ଘଟଣା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ଏହି କୃଷକ ସମାବେଶର ବ୍ୟାନର୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଫଟୋ ରହିଥିଲା। ସମ୍ମାନିତ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ନାମ ଥିଲେ ହେଁ



ବ୍ୟାନର୍‌ରେ ତାଙ୍କ ଫଟୋ ସ୍ଥାନିତ ହୋଇନଥିଲା। ଏହା ଦେଖି ସାଂସଦ ଶ୍ରୀ ପୁରୋହିତ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିଲେ। ବିଜେପି ଦଳ ବର୍ତ୍ତମାନ ସରକାରରେ ଥିବା ବେଳେ ତାଙ୍କୁ କାହିଁକି ଅପମାନିତ କରାଯାଉଛି ବୋଲି ସର୍ବସମ୍ମୁଖରେ ମଞ୍ଚ ଉପରେ ଅଭିଯୋଗ କରିବା ସହ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ପ୍ରୋଟୋକଲକୁ ନେଇ ପ୍ରଶ୍ନ କରିଥିଲେ। ଜନସାଧାରଣ ତାଙ୍କୁ ବହୁମତରେ ବିଜୟୀ କରିଥିବା ବେଳେ ସର୍ବସାଧାରଣରେ ତାଙ୍କୁ କାହିଁକି ଏପରି ଅପମାନିତ କରାଯିବ ବୋଲି ମଧ୍ୟ ସେ ପ୍ରଶ୍ନ କରିଥିଲେ। ତେବେ ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସଭାରେ କ୍ଷମା ପ୍ରାର୍ଥନା କରିଥିଲେ।

ସଭାରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ବିଜେପି ସରକାରରେ କୃଷକମାନଙ୍କ ପ୍ରତି ଅତ୍ୟାଚାର ଓ ଅନ୍ୟାୟ ସହ୍ୟ କରାଯିବ ନାହିଁ। ତେଣୁ ଚାଷୀଙ୍କ ଧାନ ବିକ୍ରୟ ବିଳମ୍ବ ହେଉଥିଲେ ମଧ୍ୟ ଚିନ୍ତା କରିବାର କିଛି ନାହିଁ। ସରକାର ଚାଷୀଙ୍କ ଧାନ ଉଚିତ୍ ମୂଲ୍ୟରେ କିଣିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଯେଉଁ ମିଲ ମାଲିକ ଧାନରେ କଟନିଛଟନି କରିବା ପାଇଁ ଚାଷୀଙ୍କ ଉପରେ ଚାପ ପକାଉଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଧାନ ବ୍ୟତୀତ ଅନ୍ୟ ଫସଲ ଯଥା ମାଣ୍ଡିଆ ଓ ଡାଲି ଜାତୀୟ ଫସଲ ଅମଳ କରିବା ପାଇଁ ମୁଖ୍ୟ ଅତିଥି ଶ୍ରୀ ସିଂଦେଓ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମିଲର୍ସଙ୍କ ଦ୍ୱାରା କୃଷକ ଶୋଷଣ ନୀତିକୁ ଆଦୌ ସହ୍ୟ କରାଯିବ ନାହିଁ ବୋଲି କହିଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାଏକ, କୋଲାବିରା ବିଡିଓ ଅଶୋକ ମାଝୀ, ଉଦ୍ୟାନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ପ୍ରଫୁଲ୍ଲ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନନ୍ଦ ଧନ୍ୟବାଦ ଦେଇଥିଲେ।

### ତିନି ପ୍ରସଙ୍ଗରେ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

# ୨୬ରେ ସାରା ରାଜ୍ୟରେ ପ୍ରତିବାଦ ସମାବେଶ



ଭୁବନେଶ୍ୱର, ୨୧।୧୨(ସମିସ): ଟାଟା ପାୱାର୍‌ର ଶୋଷଣ, ମନରେଗାର ନାମ ପରିବର୍ତ୍ତନ ଆଳରେ ମହାତ୍ମା ଗାନ୍ଧୀଙ୍କୁ ବାଦ୍ ଏବଂ ଧାନକିଣାରେ ଅବ୍ୟବସ୍ଥା ଆଦି ୩ଟି ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଉପରେ ବର୍ଷିଛି କଂଗ୍ରେସ। ରବିବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତାମାନେ ଏକାଠି ହୋଇ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି, ଟାଟା ପାୱାର ଅତିରିକ୍ତ ଜମାରାଶି ତଥା ମିଟର ଏବଂ ବିଲରେ ଚଞ୍ଚକତା କରି ସାଧାରଣ ଜନତାଙ୍କୁ ଶୋଷଣ କରୁଛି। ଏହା ବିରୋଧରେ କଂଗ୍ରେସ ଏକ ଜନ ଜାଗରଣ ଆରମ୍ଭ କରିବ। ଏହା ବିରୋଧରେ ପତ୍ୟେକ ଜିଲ୍ଲା ମୁଖ୍ୟାଳୟରେ ୨୬ ଡିସେମ୍ବର ଦିନ ରାଲି ଏବଂ ଟାଟା କମ୍ପାନୀ ବିରୋଧରେ ସାଧାରଣ ସଭା ହେବ। ଏହାସହ ଏ ସଂପର୍କରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ ବୋଲି ସେ କହିଛନ୍ତି। ଅତିରିକ୍ତ ସୁରକ୍ଷା ଜମା ରାଶି ନୋଟିସ୍‌କୁ ପ୍ରତ୍ୟାଖାନ ନ କଲେ, ଡିସେମ୍ବର ୨୯ରେ ବିଜୁଳି ବିଭାଗର ଯେତେ କାର୍ଯ୍ୟାଳୟ ଅଛି, ସେଠି ଆନ୍ଦୋଳନ ଓ ପ୍ରତିବାଦ କରାଯିବ ବୋଲି ଦଳ ନିଷ୍ପତ୍ତି ନେଇଛି।

ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଲେ ଯେ ଯଦି ବିଜୁଳି ଉପଭୋଗ ଅଧିକ ହେଲା ବିଲ୍ ବଢ଼ିବ। କିନ୍ତୁ ତାହା ନ କରି ଅତିରିକ୍ତ ସୁରକ୍ଷା ଜମାରାଶି ଆଳରେ ଏପରି ଅର୍ଥ ଆଦାୟ କରାଯିବା ସମୀଚିନ ନୁହେଁ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମନରେଗାର ନାମ ପରିବର୍ତ୍ତନକୁ ବିରୋଧ କରି କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ନାମ ପରିବର୍ତ୍ତନ କରିବା ଗଣତନ୍ତ୍ର ପ୍ରତି ଏକ ଆହ୍ୱାନ। ସେହିପରି କୃଷକଙ୍କ ଉତ୍ପାଦିତ ଧାନ କିଣାରେ ବ୍ୟାପକ ଅବହେଳା ଯୋଗୁଁ ଚାଷୀ ରାସ୍ତାରେ ଧାରଣାରେ ବସିଛି ଏବଂ ମିଲର ଟଙ୍କା ଗଣୁଛି ବୋଲି କହି ସେ ସରକାରଙ୍କ ଉପରେ ବର୍ଷିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ନେତୃତ୍ୱଙ୍କ ସହ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶରତ ରାଉତ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ ନିଜ ବ୍ୟକ୍ତବ୍ୟ ରଖିଥିବାବେଳେ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ସାମ୍ବାଦିକ ସମ୍ମିଳନୀ ପରିଚାଳନା କରିଥିଲେ।

# ବିଦ୍ୟାଳୟରେ ବିଜେପି ମନ୍ତ୍ରୀଙ୍କ ମିଶ୍ରଣ ସଭା

ଯାଜପୁର,୨୧।୧୨(ସମିସ): ସ୍କୁଲରେ ଦଳୀୟ କାର୍ଯ୍ୟକ୍ରମ। ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ୍ ଗୋବର୍ଦ୍ଧନପୁର ପଞ୍ଚାୟତ ଅଲେଖପୁର ପ୍ରାଥମିକ



ବିଦ୍ୟାଳୟରେ ବିଜେପି ପକ୍ଷରୁ ଏକ ଦଳୀୟ ମିଶ୍ରଣ କାର୍ଯ୍ୟକ୍ରମ ଆୟୋଜନ ଘଟଣା ଚର୍ଚ୍ଚାର ବିଷୟହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାନୁଯାୟୀ, ସୁକିନ୍ଦା ବିଧାୟକ ତଥା ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ ମିଶ୍ରଣ ସଭା ସଂପର୍କରେ ଖୋଦ୍ ମନ୍ତ୍ରୀ ନିଜ ସାମାଜିକ ଗଣମାଧ୍ୟମରେ ବି ସୂଚନା ଦେଇଥିଲେ। ଏହାକୁ ସାମାଜିକ ଗଣମାଧ୍ୟମରେ ଲୋକେ ନିନ୍ଦା କରିଛନ୍ତି। ବିଦ୍ୟାଳୟରେ କମ ଉପସ୍ଥାନ ହେତୁ ଏହାକୁ କିଛି ବର୍ଷ ହେଲା ବନ୍ଦ କରିଦିଆଯାଇଛି। କିନ୍ତୁ ବନ୍ଦ ବିଦ୍ୟାଳୟକୁ କିଭଳି ଦଳୀୟ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରାଗଲା, ତାକୁ ନେଇ ନାନା ପ୍ରଶ୍ନ ଉଠିଛି। ଏ ସଂପର୍କରେ ଦାନଗଦୀ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରେ ସେ ଏ ସଂପର୍କରେ କିଛି ଜାଣିନଥିବା ଏବଂ ପରେ ଏ ସଂପର୍କରେ ଅନୁଧାନ କରି ଜଣାଇବେ ବୋଲି କହିଥିଲେ।

# ହଷ୍ଟେଲରେ ପିଟି ପିଟି ମାରିଦେଲେ ସହପାଠୀ

ସୋନପୁର, ୨୧।୧୨ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ଚାରଭଟା ପିଏମଶ୍ରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ତାଙ୍କ ସହପାଠୀମାନେ ପିଟିପିଟି ହତ୍ୟା କରିଛନ୍ତି। ମୃତ ଛାତ୍ରଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ହତ୍ୟା ମାମଲା ରୁଜୁ କରିଛି। ଏହି ଘଟଣାରେ ୮ ଜଣ ନାବାଳକ ଛାତ୍ରଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯାଇଛି। ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଚାରଭଟା ପିଏମଶ୍ରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ର ଆର୍ଯ୍ୟନ ସୁନା(୧୭)ଙ୍କ ହଷ୍ଟେଲରେ ଗତ ୧୬ତାରିଖରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ଏହାର ପର୍ଦ୍ଦାଫାସ ହୋଇଛି। ମୃତ ଛାତ୍ର ଆର୍ଯ୍ୟନଙ୍କ ବାପା ବଡ଼ନୂଆପାଲି ଗ୍ରାମର ବିଷ୍ଣୁ ସୁନା ତରଭା ଥାନାରେ ପୁଅକୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିବା ପରେ ତରଭା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ବିଦ୍ୟାଳୟର ୯ ଜଣ ଛାତ୍ରଙ୍କୁ ଆଣି ପଚରାଉଚରା କରିଥିଲା। ରବିବାର ବିଦ୍ୟାଳୟର ୮ ଜଣ ଅଭିଯୁକ୍ତ ନାବାଳକ ଛାତ୍ରଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରିବା ପରେ ସେମାନଙ୍କୁ ରାଉରକେଲା ନିରାପଦ/ନିରୀକ୍ଷଣ ଗୃହକୁ ପଠାଇ ଦିଆଯାଇଛି। ସେହିପରି ଜଣେ ସାବାଳକ ଛାତ୍ର ତରଭା ଥାନା ପୁରୁଣାପାଣି ଗ୍ରାମର ଅଜିତ ହରିପାଲ(୧୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତ ଛାତ୍ର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ର ଏବଂ ଆର୍ଯ୍ୟନର ସହପାଠି। ମୋବାଇଲ ଲୁଚାଇବା ଘଟଣାକୁ କେନ୍ଦ୍ରକରି ମୃତ ଛାତ୍ରଙ୍କ ସହ ସହପାଠୀଙ୍କ ଗଣ୍ଡଗୋଳରୁ ହତ୍ୟାକାଣ୍ଡ ଘଟିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

# ପ୍ରିୟଙ୍କା ଗାନ୍ଧୀଙ୍କୁ ଭେଟିଲେ ଅରୋ ପ୍ରସାଦ

ଭୁବନେଶ୍ୱର,୨୧।୧୨(ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟିର ରିସର୍ଚ୍ଚ ବିଭାଗର ଜାତୀୟ ସଂଯୋଜକ ଅରୋ ପ୍ରସାଦ ମିଶ୍ର ଏଆଇସିସି ସାଧାରଣ ସମ୍ପାଦିକା ତଥା ଲୋକସଭା ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କୁ ଭେଟିଛନ୍ତି। ଶ୍ରୀ ମିଶ୍ର ୧୦ ଜନପଥଠାରେ ପ୍ରିୟଙ୍କାଙ୍କୁ ସାକ୍ଷାତ କରି ପ୍ରାୟ ୪୦ ମିନିଟ୍ ଧରି ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଶ୍ରୀମତୀ ଗାନ୍ଧୀ ଆଗାମୀ ବର୍ଷ ହେବାକୁ ଥିବା କେରଳ ବିଧାନସଭା ନିର୍ବାଚନ ଓ ଓଡ଼ିଶାରେ କଂଗ୍ରେସର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। କିଭଳି ଓଡ଼ିଶାରେ କଂଗ୍ରେସ ତାର ଉଚ୍ଚତମ ପ୍ରୟାସ ଜାରି ରଖିଛି, ଜନସାଧାରଣଙ୍କ ହକ ପାଇଁ କଂଗ୍ରେସ ପ୍ରତିବାଦ କରିବା ସହ ନ୍ୟାୟ ପାଇଁ ଲଢୁଛି ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ତୃଣମୂଳ ସ୍ତରରେ ସୁଦୃଢ଼ ହେଉଛି, ସେ ସଂପର୍କରେ ପ୍ରିୟଙ୍କାଙ୍କୁ ଅବଗତ କରାଇଛନ୍ତି ଶ୍ରୀ ମିଶ୍ର।



# ଚାଷୀଙ୍କ ନିଦ ହଜାଇଛନ୍ତି ହାତୀପଲ

ଢେଙ୍କାନାଳ, ୨୧।୧୨(ସମିସ): ଢେଙ୍କାନାଳ ବନଖଣ୍ଡର ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଶଙ୍କର ପ୍ରତାପ ଗ୍ରାମଠାରୁ ହରିପୁର ପର୍ଯ୍ୟନ୍ତ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ସଞ୍ଜ ହେଲେ ପଲପଲ ହାତୀ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ହାତୀ ଭୟରେ ଚାଷୀ ଧାନ ଜମି ସହ ଫସଲକୁ ଜଗି ରହୁଥିବା ବେଳେ ଗ୍ରାମବାସୀ ରାତି ଅନିଦ୍ରା ହେଉଛନ୍ତି।

**ସୁରକ୍ଷା ଦେବାରେ ବିଫଳ ବନ ବିଭାଗ**

ଏହି ସେକ୍ସନ ଅନ୍ତର୍ଗତ ପୋହଳି ଗ୍ରାମ ନିକଟରେ ଥିବା ଜାମୁଚକଡ଼ା ଜଙ୍ଗଲ ହାତୀ ପାଇଁ ସୁରକ୍ଷିତ ରହଣି ସ୍ଥାନ ପାଲଟିଛି। ଆଜକୁ ୧୫ ଦିନ ହେବ ସନ୍ଧ୍ୟା ହେବା ମାତ୍ରେ ପଲପଲ ହୋଇ ହାତୀ ଜଙ୍ଗଲରୁ ବାହାରି ଆସୁଛନ୍ତି। ଗଦାଶିଳା ପଞ୍ଚାୟତର ପୋହଳି, ଶଙ୍କରପ୍ରତାପପୁର, ଟାଙ୍ଗିପୁର, ଗଦାଶିଳା, ସାଇଁବିରି, ମହେନ୍ଦ୍ରପୁର, ସିମିନଈ, ଅଙ୍କରାନ୍ତିପୁର, ମୂଳିସିଂହ, ପଞ୍ଚୁପଟିରେ ଉପଦ୍ରବ କରୁଛନ୍ତି। କେତେକ ସ୍ଥାନରେ ଧାନ ଫସଲ ଖାଇ ନଷ୍ଟ କରୁଛନ୍ତି। ସେହିପରି ହାତୀପଲ କାଶିଆଡିହ ପଞ୍ଚାୟତ ମହୀଧରପୁର, କାଶିଆଡିହ, ବଳରାମପୁର ପଞ୍ଚାୟତର ବଳରାମପୁର, ସାରିଆପଡ଼ା ଗ୍ରାମ ନିକଟସ୍ଥ ଜମିରେ ଉପଦ୍ରବ କରୁଥିବା ବେଳେ ଗୁଣ୍ଡିଚାପଡ଼ା ପଞ୍ଚାୟତର ଗୁଣ୍ଡିଚାପଡ଼ା, ହରିପୁର, ଛାଟିଆ, ଡେଙ୍ଗବୋରେଇରେ ମଧ୍ୟ ଉତ୍ପାତ କରୁଛନ୍ତି। ତେଣୁ ସନ୍ଧ୍ୟା ହେବା ମାତ୍ରେ ଚାଷୀ ନିଆଁ ଜାଳି ଜଗି ରହୁଛି।



ହାତୀପଲ ତିନି ଚାରି ଭାଗରେ ବିଭକ୍ତ ହୋଇ ପ୍ରବେଶ କରୁଛନ୍ତି।

ଗଦାଶିଳା-ବଳରାମପୁର ରାସ୍ତା ପାର୍ ହେଉଥିବା ବେଳେ ହାତୀ ଦେଖିବାକୁ ରାସ୍ତା ଉପରେ ଲୋକଙ୍କ ଭିଡ଼ ଜମୁଛି। ସେହିପରି ସଞ୍ଜ ହେଲେ ରାସ୍ତାଘାଟ ଶୂନଶାନ୍ ହୋଇପଡୁଛି। ହାତୀପଲ ପ୍ରତିଦିନ ୮ କିଲୋମିଟର ଅଞ୍ଚଳରେ ଉପଦ୍ରବ କରୁଥିବା ବେଳେ ସକାଳ ପାହିବା ମାତ୍ରେ ପୁଣି ରାସ୍ତା ପାର ହୋଇ ଜଙ୍ଗଲକୁ ଚାଲିଯାଉଛନ୍ତି। ହାତୀ ପଲକୁ ଦେଖିବା ପାଇଁ ସକାଳ ସମୟରେ ମଧ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଲୋକ ଛିଡ଼ା ହୋଇ ରହୁଛନ୍ତି। ହାତୀପଲକୁ ନିୟନ୍ତ୍ରଣ କରିବା ପାଇଁ ଗଦାଶିଳା ଫରେଷ୍ଟ ସେକ୍ସନର କର୍ମଚାରୀ ସଜାଗ ରହୁଥିବା କହୁଛନ୍ତି। ତଥାପି ହାତୀ ଚଳପ୍ରଚଳ ନେଇ ନିକଟସ୍ଥ ଗ୍ରାମଗୁଡ଼ିକରେ ମାଇକ୍ ଯୋଗେ ସଚେତନ କରାଯାଉ ନ ଥିବାରୁ ରାତିରେ ହାତୀଙ୍କ ଉପସ୍ଥିତି ନେଇ ଅସନ୍ତୋଷ ଦେଖାଦେଉଛି। ହାତୀର ଗତି ବିଧି ସମ୍ପର୍କରେ ପ୍ରଚାର କରିବାକୁ ଦାବି ହୋଇଛି।

# ସମୁଦ୍ରକୁ ଶଙ୍ଖେ ଓୟୁଏଟି ପିଲାଙ୍କ ଛାତ୍ରବୃତ୍ତି

### ୨ ଜଣ ପିଜି ପିଲାଙ୍କୁ ମାସିକ ୧୫ଶହ ଓ ଜଣେ ପିଏଚ୍‌ଡି ପିଲାକୁ ୨ ହଜାର

ଭୁବନେଶ୍ୱର, ୨୧।୧୨(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପିଲାଙ୍କୁ ମିଳୁଥିବା ଛାତ୍ରବୃତ୍ତି ସମୁଦ୍ରକୁ ଶଙ୍ଖେ। ପିଜି ପିଲାଙ୍କ ମଧ୍ୟରୁ ମାତ୍ର ୨ ଜଣଙ୍କୁ ମାସକୁ ମାତ୍ର ୧୫୦୦ ଟଙ୍କା ମିଳୁଥିବା ପିଏଚ୍‌ଡି ପିଲାଙ୍କ ମଧ୍ୟରୁ ଜଣଙ୍କୁ ମାତ୍ର ୨ହଜାର ଟଙ୍କା ପ୍ରଦାନ କରାଯାଉଛି। ବୃତ୍ତି ରାଶିର ପରିସୀମା ବଢ଼ାଇବାକୁ ବାରମ୍ବାର ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି।

ଓୟୁଏଟିରେ ମୋଟ୍ ୨୬୮ ପିଲା ସ୍ନାତକୋତ୍ତର ଶ୍ରେଣୀରେ ପଢୁଛନ୍ତି। ତନ୍ମଧ୍ୟରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଥିବା ମାତ୍ର ୨ଜଣ ପିଲାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ମାସକୁ ମାତ୍ର ୧୫୦୦ଟଙ୍କା ଲେଖାଏଁ ମେରିଟ୍ ସ୍କଲାରସିପ୍ ପ୍ରଦାନ କରାଯାଉଛି। ଅନୁରୂପ ଭାବେ ମୋଟ୍ ୫୭ ଜଣ ଛାତ୍ରଛାତ୍ରୀ ପିଏଚ୍‌ଡି କରୁଥିବା ବେଳେ ତନ୍ମଧ୍ୟରୁ ମାତ୍ର ଜଣକୁ ମାସିକ ମାତ୍ର ୨ହଜାର ଟଙ୍କା ସ୍କଲାରସିପ୍ ଦିଆଯାଉଛି। ଅପରପକ୍ଷରେ ରାଜ୍ୟ ବାହାରୁ ପଢୁଥିବା ଛାତ୍ରଛାତ୍ରୀମାନେ ବହୁ ଅଧିକ ସ୍କଲାର୍‌ସିପ୍ ପାଉଛନ୍ତି। ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ମିଳୁ ନ ଥିବାରୁ ଅନେକ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇ

- ବାରମ୍ବାର ଦାବି ସତ୍ତ୍ୱେ କର୍ଣ୍ଣପାତ କରୁନାହାନ୍ତି ସରକାର ଓ କୁଳପତି
- ଆଜିଠୁ ଆମରଣ ଅନଶନରେ ବସିବେ ସମସ୍ତ ଛାତ୍ରଛାତ୍ରୀ

ପାଠପଢ଼ାରେ ପୂର୍ଣ୍ଣଛେଦ ପକାଉଛନ୍ତି। ଗବେଷଣାରତ ଛାତ୍ରଛାତ୍ରୀମାନେ ଋଣ ଉପରେ ଭରସା କରୁଛନ୍ତି। ଯାହା ମାନସିକ ଭାବେ ଚାପଗ୍ରସ୍ତ କରୁଛି। ଏଣୁ ଓଡ଼ିଶାରୁ ପଢୁଥିବା ସମସ୍ତ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ମାସିକ ୧୦ ହଜାର ଏବଂ ପିଏଚ୍‌ଡି ପିଲାଙ୍କୁ ୨୦ ହଜାର ଲେଖାଏଁ ସ୍କଲାରସିପ୍ ପ୍ରଦାନ କରିବାକୁ ଛାତ୍ରଛାତ୍ରୀମାନେ ଦାବି କରୁଛନ୍ତି। ଦାବି ସମ୍ପର୍କରେ ଦୀର୍ଘଦିନରୁ ଛାତ୍ରଛାତ୍ରୀମାନେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଦାବି ପୂରଣ ପାଇଁ ଗୁହାରି କରିଛନ୍ତି। ପ୍ରତିଶ୍ରୁତି ମଧ୍ୟ ପାଇଛନ୍ତି। ମାତ୍ର ସେମାନଙ୍କ ଦାବି ପୂରଣ ପ୍ରତି ସରକାର କର୍ଣ୍ଣପାତ କରୁ ନଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ବାରମ୍ବାର ଅବଗତ କରି ଆଲୋଚନା କଲେ କୌଣସି ସୁଫଳ ମିଳୁନାହିଁ। ଏଣୁ ଆସନ୍ତାକାଲି ଅର୍ଥାତ୍ ସୋମବାର ଦିନଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏନେଇ କୁଳପତିଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ସମସ୍ତ ଛାତ୍ରଛାତ୍ରୀଙ୍କ ଦରଖାସ୍ତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ଆଜିର ରାଶିଫଳ

**ମେଷ:** କର୍ମକ୍ଷେତ୍ରରେ ରହିବେ । ମନ ଖୁସି ରହିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଉତ୍ତମ । ବ୍ୟବସାୟରୁ ଲାଭ ମିଳିବ । ଅଫିସ୍ ସମସ୍ୟା ସମାଧାନ ହେବ ।

**ବୃଷ:** କଳା, ମନୋରଞ୍ଜନ ପ୍ରତି ଆଗ୍ରହ ବଢ଼ିବ । ପରିବାର ସହ କୌଣସି ଦୂର ସ୍ଥାନକୁ ଯାତ୍ରା କରିବେ । ପ୍ରେମ ମାମଲାରେ କିଛି ନୂଆ ନିଷ୍ପତ୍ତି ନେବେ । ପ୍ରିୟଜନଙ୍କଠାରୁ ଉପହାର ପାଇବେ ।

**ମିଥୁନ:** ବ୍ୟବସାୟ ଓ ଧାର୍ମିକ କାର୍ଯ୍ୟ ପାଇଁ ଅନୁକୂଳ ସମୟ । ବ୍ୟାୟାମ, ଯୋଗ, ଉଚ୍ଚଶିକ୍ଷା, ଧ୍ୟାନ ଆଦି ପ୍ରତି ରୁଚି ବଢ଼ିବ । ଶୁଭ ସମ୍ବାଦ ମିଳିବ । ଜମି ବିବାଦ ମାମଲା ସମାଧାନ ହେବ ।

**କର୍କଟ:** କାର୍ଯ୍ୟ ସ୍ଥିତିରେ ସୁଧାର ଆସିଲେ ମଧ୍ୟ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଦାମ୍ପତ୍ୟ ଜୀବନ ଚିନ୍ତାଜନକ ହେବ । କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ ।

**ସିଂହ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ । କିଛି କ୍ଷେତ୍ରରେ ଅସଫଳ ରହିବେ । କାଳୀ ମା'ଙ୍କ ପୂଜା କରନ୍ତୁ । ନୂଆ ଯୋଜନା ପାଇଁ ଉପଯୁକ୍ତ ସମୟ । ଯୋଗ, ଏକ୍ସରସାଇଜ୍ ପ୍ରତି ଆଗ୍ରହ ପ୍ରକାଶ କରିବେ ।

**କନ୍ୟା:** ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ବିରୋଧୀଙ୍କଠାରୁ ଦୂରେଇ ରହିବେ । ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷାରେ ସଫଳ ହେବେ । ଅଫିସରେ ନୂଆ ପ୍ରୋଜେକ୍ଟରେ ସାମିଲ ହେବେ ।

**ତୁଳା:** ବ୍ୟବସାୟରୁ ଲାଭ ମିଳିବ । ପରିବାର ସଦସ୍ୟଙ୍କ ସହ ମତାନ୍ତର ଦୂର ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ସନ୍ତାନଙ୍କ ସହଯୋଗ ପ୍ରାପ୍ତ ହେବ । ଋଣ ସମସ୍ୟା ଦୂର ହେବ ।

**ବିଛା:** ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ । କୋର୍ଟକଚେରୀ ମାମଲା ବିଜୟ ଲାଭ କରିବେ । କମ୍ ସମୟରେ ଅଧିକ କାମ କରିବେ । ସନ୍ତାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ ।

**ଧନୁ:** ପିଲାଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ । ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ । ଅଫିସରେ ନୂଆ ଦାୟିତ୍ୱ ତୁଲାଇବେ ।

**ମକର:** ଦିନଟିରେ କର୍ମକ୍ଷେତ୍ର ରହିବେ । ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବେ । ଦାମ୍ପତ୍ୟ ଜୀବନ ହସଖୁସିରେ କଟିବ । ନିବେଶ ପାଇଁ ଅନୁକୂଳ ସମୟ ।

**କୁମ୍ଭ:** ବ୍ୟବସାୟକୁ ମଜବୁତ କରିବା ପାଇଁ ଅଧିକ ପ୍ରୟାସ କରିବାକୁ ହେବ । ସ୍ୱାସ୍ଥ୍ୟ ଭଲ ରହିବ । ଛାତ୍ରଛାତ୍ରୀ ଦିନଚର୍ଯ୍ୟାରେ ପରିବର୍ତ୍ତନ ଆଣିବେ । ଅଫିସ୍ କାମରେ ବିଦେଶ ଯାତ୍ରା ଯୋଗ ହେବ ।

**ମୀନ:** କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ସମୟ । ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିବ । ପରୀକ୍ଷାର୍ଥୀ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଅଫିସରେ ନୂଆ କାମ ଆରମ୍ଭ କରିବେ । ବିବାହ ପ୍ରସ୍ତାବ ଆସିବ ।

## ଆଜିର ଇତିହାସ

- ୧୮୪୩- ଦେବେନ୍ଦ୍ରନାଥ ଟାଗୋର ବ୍ରାହ୍ମ ସମାଜରେ ଯୋଗ ଦେଲେ ।
- ୧୮୫୧- ରୁଡ଼କୀରୁ ଚାଲିଲା ଦେଶର ପ୍ରଥମ ମାଲଗାଡ଼ି ।
- ୧୮୫୩- ରାମକୃଷ୍ଣ ପରମହଂସଙ୍କ ପତ୍ନୀ ଶାରଦା ଦେବୀଙ୍କ ଜନ୍ମ ।
- ୧୯୦୧- ଶାନ୍ତିନିକେତନରେ ଖୋଲିଲା ବ୍ରହ୍ମଚର୍ଯ୍ୟ ଆଶ୍ରମ ।
- ୧୯୭୧- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା ।

# ଜାତୀୟ ଗଣିତ ଦିବସ



ଦୈନନ୍ଦିନ ଜୀବନରେ ଗଣିତର ଆବଶ୍ୟକତାକୁ ହୃଦବୋଧ କରି ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଉଛି । ମହାନ୍ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍‌ଙ୍କ ଏହା ଜନ୍ମ ଦିବସ । ୨୦୧୨ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ମାନ୍ଦ୍ରାସ ବିଶ୍ୱବିଦ୍ୟାଳୟରେ ଶ୍ରୀନିବାସ ରାମାନୁଜନ୍‌ଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ କରିବା ଅବସରରେ ତାଙ୍କର ଜନ୍ମଦିବସକୁ 'ଜାତୀୟ ଗଣିତ ଦିବସ' ରୂପେ ପାଳନ କରିବା ପାଇଁ ଘୋଷଣା କରିଥିଲେ । ସେହିଦିନଠାରୁ ଡିସେମ୍ବର ୨୨କୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଉଅଛି । ଗଣିତର ମହତ୍ତ୍ୱ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ । ରାମାନୁଜନ୍ ୧୮୮୭ ମସିହା ଆଜିର ଦିନରେ ତାମିଲନାଡୁର କୋଏମ୍ବାଟୁରର ଇରୋଡ୍‌ରେ ଜନ୍ମଗ୍ରହଣ କରିଥିଲେ । ପିଲାଟିବେଳୁ ତାଙ୍କର ଗଣିତ ପ୍ରତି ଦୁର୍ବଳତା ଥିଲା । ଏପରିକି ୧୨ ବର୍ଷରୁ ସେ 'କୋଏମ୍ବାଟୁରର ବିସ୍ମୟ ବାଳକ' ଭାବେ ପରିଚୟ ଲାଭ କରିଥିଲେ । ତାଙ୍କର ଅଧିକାଂଶ ସମୟ ଗଣିତ ପଢ଼ିବା ତଥା କଷିବାରେ ଅତିବାହିତ ହେଉଥିଲା । ଏଥିପାଇଁ ଅନ୍ୟାନ୍ୟ ବିଷୟରେ ସେ କମ୍ ମାର୍କ ରଖୁଥିଲେ । ସେହିପରି ସେ ୧୨ ବର୍ଷ ବୟସରୁ ତ୍ରିକୋଣମିତିରେ ପାରଦର୍ଶିତା ହାସଲ କରିଥିଲେ । ରାମାନୁଜନ୍ ବିଶ୍ୱପ୍ରସିଦ୍ଧ ବ୍ରିଟିଶ୍ ଗଣିତଜ୍ଞ ହାର୍ଡିଙ୍କ ସହ ପତ୍ରାଳାପ କରି ତାଙ୍କ ପ୍ରତିଭାର ପରିଚୟ ଦେବା ସହ ତାଙ୍କ ଅନୁଗ୍ରହରୁ ମାନ୍ଦ୍ରାସ ଏବଂ ପରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଛାତ୍ରବୃତ୍ତି ପାଇ ଅଧ୍ୟୟନର ସୁବିଧା ହାସଲ କରିପାରିଲେ । ରାମାନୁଜନ୍ ଇଂଲଣ୍ଡରେ ପାଞ୍ଚ ବର୍ଷ ରହିଥିଲେ । ସେହି ସମୟ ଭିତରେ ସେ ପ୍ରକାଶ କରିଥିଲେ ଅତି ଉଚ୍ଚମାନର ଗବେଷଣା ଆଧାରିତ ୨୧ଟି ମୌଳିକ ଗଣିତ ପ୍ରବନ୍ଧ । ଗାଣିତିକ ବିଶ୍ଳେଷଣ, ସଂଖ୍ୟାତତ୍ତ୍ୱ, ଅନନ୍ତକ୍ରମ ଇନ୍‌ଫାଇନାଇଟ୍ ସିରିଜ୍, ଆବୃତ୍ତ ଭଗ୍ନାଂଶ ବା କଣ୍ଟିନ୍ୟୁଡ୍ ଫ୍ରାକସନ ଇତ୍ୟାଦି କ୍ଷେତ୍ରରେ ତାଙ୍କର ରହିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ । ମାତ୍ର ସଂଖ୍ୟାତତ୍ତ୍ୱ ପ୍ରତି ଥିଲା ତାଙ୍କର ସ୍ୱତନ୍ତ୍ର ଆକର୍ଷଣ । ଗଣିତ କ୍ଷେତ୍ରରେ ଏପରି ଉଲ୍ଲେଖନୀୟ ଅବଦାନ ପାଇଁ ସେ ମାତ୍ର ୩୦ବର୍ଷ ବୟସରେ ଫେଲୋ ଅଫ୍ ଦ ରୟାଲ ସୋସାଇଟି ଏବଂ ଫେଲୋ ଅଫ ଟ୍ରିନିଟି କଲେଜ ସମ୍ମାନରେ ସମ୍ମାନିତ ହୋଇଥିଲେ । ୨୬ ଏପ୍ରିଲ, ୧୯୨୦ରେ ମାତ୍ର ୩୨ ବର୍ଷ ବୟସରେ, ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ । ଗଣିତ ଦିବସ ଅବସରରେ ଦେଶର ବିଭିନ୍ନ ରାଜ୍ୟରେ ଅବସ୍ଥିତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଶିକ୍ଷା ଅନୁଷ୍ଠାନରେ ଗଣିତ ସହ ଜଡ଼ିତ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜିତ ହୁଏ । ଏଥିସହ ମହାନ ଗଣିତଜ୍ଞ ରାମାନୁଜନ୍‌ଙ୍କ ଜୀବନୀ ଏବଂ ଗଣିତ ପ୍ରତି ତାଙ୍କ ଅବଦାନ ବାବଦରେ ଆଲୋକପାତ କରାଯାଏ ।

## 'ବାରାଣସୀ' ସେଟ୍‌କୁ ଆସିବାକୁ ଇଚ୍ଛା କଲେ 'ଅବତାର' ନିର୍ଦ୍ଦେଶକ


'ବାହୁବଳି', 'ଆର୍‌ଆର୍‌ଆର୍' ଭଳି ବ୍ଲକ୍‌ବଷ୍ଟର ଫିଲ୍ମ ଦେଇଥିବା ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଲି ଏବେ ତାଙ୍କ ଫିଲ୍ମ 'ବାରାଣସୀ'କୁ ନେଇ ଚର୍ଚ୍ଚାରେ ଅଛନ୍ତି । 'ଆର୍‌ଆର୍‌ଆର୍' ଫିଲ୍ମର 'ନାଟୁ ନାଟୁ' ଗୀତକୁ ଓସ୍କାର ମିଳିବା ପରେ ରାଜମୌଲି ଏବେ ବିଶ୍ୱସ୍ତରର ଜଣେ ଫିଲ୍ମ ନିର୍ମାତା ପାଲଟି ଯାଇଛନ୍ତି । ମହେଶ ବାବୁ, ପ୍ରିୟଙ୍କା ଚୋପ୍ରା ଓ ପୃଥ୍ୱୀରାଜ ସୁକୁମାରନଙ୍କ ଅଭିନୀତ ଏହି ଫିଲ୍ମକୁ ନେଇ 'ଅବତାର: ଫାୟାର ଆଣ୍ଡ ଆଶ୍' ନିର୍ଦ୍ଦେଶକ ଜେମସ୍ କ୍ୟାମରୁନ୍ ବେଶ୍ ଉତ୍ସାହିତ ଅଛନ୍ତି । ଏହି ଫିଲ୍ମର ପ୍ରଥମ ଝଲକ ରାମୋଜି ଫିଲ୍ମ ସିଟିରେ ଏକ ଭବ୍ୟ ସମାରୋହରେ ପ୍ରଦର୍ଶନ କରାଯାଇଥିଲା । ଏଥିରେ ପାଖାପାଖି ୫୦ ହଜାର ଲୋକ ଯୋଗ ଦେଇଥିଲେ । ଏବେ କ୍ୟାମରୁନ୍ ଏହି ଫିଲ୍ମକୁ ପରଦା ଉପରେ ଦେଖିବା ପାଇଁ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି । ଏପରିକି ଏହି ଫିଲ୍ମର ସୁଟିଂ ସେଟ୍‌କୁ ମଧ୍ୟ ସେ ଆସିବା ପାଇଁ ଆଗ୍ରହୀ ଥିବା ଜଣାପଡ଼ିଛି । 'ଅବତାର ୩' ରିଲିଜ୍ ପୂର୍ବରୁ କ୍ୟାମରୁନ୍ ରାଜମୌଲିଙ୍କୁ ଭିଡିଓ କଲ୍ କରି ଭାରତ ଆସି 'ବାରାଣସୀ' ସେଟ୍‌କୁ ଦେଖିବା ପାଇଁ ଇଚ୍ଛା କରୁଥିବା କଥା କହିଥିଲେ । ରାଜମୌଲି ଏହା ଶୁଣି ଖୁସି ହେବା ସହ ସେ ଆସିଲେ ପୂରା ସିନେ ଇଣ୍ଡଷ୍ଟ୍ରି ତାଙ୍କର ସ୍ୱାଗତ କରିବ ବୋଲି କହିଥିଲେ । ଯେତେବେଳେ ସେ କୌଣସି ରୋମାଞ୍ଚକର ସିନ୍ ସୁଟ୍ କରିବେ ସେତେବେଳେ ତାଙ୍କୁ ଡାକିବା ପାଇଁ କ୍ୟାମରୁନ୍ ରାଜମୌଲିଙ୍କୁ କହିଥିଲେ ।





## ଆଜି ଆସିଥିଲେ

# ପଲ୍ଲୀକବି ନନ୍ଦକିଶୋର



ଉତ୍କଳର ମାଟି, ପାଣି, ପବନକୁ ମନୋରମ ଛନ୍ଦରେ ଛନ୍ଦାୟିତ କରି କାବ୍ୟକବିତାର ରୂପ ଦେବାରେ ବେଶ୍ ଧୂରୀଣ ଥିଲେ ପଲ୍ଲୀକବି ନନ୍ଦକିଶୋର ବଳ । ତାଙ୍କ କବିତାରେ ପଲ୍ଲୀର ଦୃଶ୍ୟ, ପଲ୍ଲୀ ଜୀବନ, ମାଟି ପ୍ରତି ଭଲପାଇବା ଏବଂ ଭାଷା ସାହିତ୍ୟକୁ ବଞ୍ଚାଇ ରଖିବାର ଆବେଗ ମୁଖର ହୋଇଛି । ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ସ୍ୱପ୍ନ ଥିଲା । ସେ ନିଜ ରଚନାରେ ପଲ୍ଲୀ ଜୀବନର ନିଖୁଣ ଚିତ୍ରକୁ ଏଭଳି ଭାଷାରେ ବର୍ଣ୍ଣନା କରିଥିଲେ, ଯାହା ପାଠକ ମନରେ ପଲ୍ଲୀର ଛବିକୁ ଜୀବନ୍ତ କରିଦେଉଥିଲା । ଓଡ଼ିଶାର ଗାଁ ଗଣ୍ଡାର ପ୍ରାକୃତିକ ପରିବେଶ ଉପରେ ତାଙ୍କର ଅଧିକାଂଶ କବିତା ପର୍ଯ୍ୟବସିତ । ସେ ଓଡ଼ିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ 'ପଲ୍ଲୀ କବି' ବୋଲି ସମ୍ବୋଧନ କରାଯାଇଥାଏ । ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ । ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା । ସେ ଓଡ଼ିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଁରେ ୧୮୭୫ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଭଜନାନନ୍ଦ ଜେନା ଓ ମାତାଙ୍କ ନାମ ହିରଣ୍ମୟୀ ଦେବୀ ଥିଲା । ତାଙ୍କ ବାଲ୍ୟଜୀବନ କୁସୁପୁରରେ ହିଁ କଟିଥିଲା । ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ୧୮୯୬ ମସିହାରେ ସେ କୋକିଳା ଦେବୀଙ୍କୁ ବିବାହ କରିଥିଲେ । ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ । ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ସେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କ ଦକ୍ଷତା ଓ କୃତିତ୍ୱକୁ ସ୍ୱୀକୃତି ଜଣାଇ ୧୯୧୪ ମସିହାରେ ଇଂରେଜ ସରକାର ତାଙ୍କୁ "ରାୟ ବାହାଦୁର" ଉପାଧି ପ୍ରଦାନ କରିଥିଲେ । ନନ୍ଦକିଶୋର କଲେଜ ପଢ଼ିବା ବେଳୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ । ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି । ତାଙ୍କ ସନେଟ୍‌ଗୁଡ଼ିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ଛୋଟ ପିଲାଙ୍କ ପାଇଁ 'ନାନାବାୟା ଗୀତ' ଲେଖି ଓଡ଼ିଶାର ପୁରପଲ୍ଲୀରେ ପରିଚିତ ହୋଇଥିଲେ । ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି । ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ପଲ୍ଲୀଚିତ୍ର', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ । ସେହିପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି । କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା । ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ । ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ବହୁ ଉଦ୍ୟମ କରିଥିଲେ । ପଲ୍ଲୀକବିଙ୍କ କବିତାର ପ୍ରତିଟି ପୃଷ୍ଠାରେ ପଲ୍ଲୀ ଜୀବନଧାରା ଜୀବନ୍ତ ଭାବେ ପରିସ୍ଫୁଟ ହୋଇଥିଲା । ଓଡ଼ିଆ ସାହିତ୍ୟକୁ ତାଙ୍କ ବହୁବିଧ ସୃଷ୍ଟି ସମ୍ଭାର ପାଇଁ ସେ ଚିରକାଳ ସ୍ମରଣୀୟ ହୋଇ ରହିବେ ।

## ଗ୍ରହ ସହ ଅଙ୍ଗୁଳିର ସମ୍ବନ୍ଧ

**ହସ୍ତରେଖା ଶାସ୍ତ୍ର ଅନୁସାରେ, ହାତର ପାଞ୍ଚ ଅଙ୍ଗୁଳିର ସମ୍ବନ୍ଧ କୌଣସି ନା କୌଣସି ଗ୍ରହ ସହ ସମ୍ବନ୍ଧ ରଖିଛନ୍ତି । ଏହାର ଶୁଭାଶୁଭ ପ୍ରଭାବ ମଧ୍ୟ ଜୀବନରେ ପଡ଼ିଥାଏ ।**



**ବୁଢ଼ା ଅଙ୍ଗୁଳି:** ବୁଢ଼ା ଅଙ୍ଗୁଳିର ସମ୍ବନ୍ଧ ଶୁକ୍ର ଗ୍ରହ ସହ ଥାଏ । ଶୁକ୍ର ଗ୍ରହ ପ୍ରେମ, ସୌନ୍ଦର୍ଯ୍ୟ, ଧନ, ଐଶ୍ୱର୍ଯ୍ୟର କାରକ । ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ଭୌତିକ ସୁଖ ପ୍ରାପ୍ତ ହୁଏ । ଉତ୍ତମ ଇଚ୍ଛାଶକ୍ତି, ଆତ୍ମବିଶ୍ୱାସ ଓ ତର୍କ ଶକ୍ତି ଥାଏ ।

**ତର୍ଜନୀ ଅଙ୍ଗୁଳି:** ତର୍ଜନୀ ଅଙ୍ଗୁଳିର ସମ୍ବନ୍ଧ ଗୁରୁ ଗ୍ରହ ସହିତ ରହିଛି । ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ଲୋକେ ଧର୍ମ-କର୍ମରେ ସାମିଲ ହୁଅନ୍ତି । ଏଭଳି ଲୋକ ବହୁତ ବୁଦ୍ଧିମାନ ହୋଇଥାନ୍ତି ।

**ମଧ୍ୟମା ଅଙ୍ଗୁଳି:** ମଧ୍ୟମା ଅଙ୍ଗୁଳି ଉପରେ ଶନି ଗ୍ରହର ପ୍ରଭାବ ଥାଏ । ଶୁଭ ଗୁଣ ସହିତ ଏହି ଅଙ୍ଗୁଳି ଜଡ଼ିତ ଥିଲେ ବ୍ୟକ୍ତି ସଂଗୀତପ୍ରେମୀ ହୋଇଥାନ୍ତି । ଈଶ୍ୱରଙ୍କ ପ୍ରତି ଗଭୀର ଭକ୍ତି ଥାଏ । ଏଭଳି ଲୋକେ ପ୍ରାଣୀପ୍ରେମୀ ବି ହୋଇଥାନ୍ତି ।

**ଅନାମିକା ଅଙ୍ଗୁଳି:** ଅନାମିକା ଅଙ୍ଗୁଳି ଉପରେ ସୂର୍ଯ୍ୟଙ୍କ ପ୍ରଭାବ ଥାଏ । ଏହି ଅଙ୍ଗୁଳିର ଶୁଭ ଗୁଣ ଯୁକ୍ତ ହୋଇଥିଲେ, ବ୍ୟକ୍ତି ସମାଜରେ ସମ୍ମାନ ପ୍ରାପ୍ତ କରନ୍ତି । ଏଭଳି ଲୋକେ ବହୁତ ମହତ୍ତ୍ୱାକାଂକ୍ଷୀ ହୋଇଥାନ୍ତି ଏବଂ ଅଧିକ ଧନ ଉପାର୍ଜନ କରନ୍ତି ।

**କନିଷ୍ଠା ଅଙ୍ଗୁଳି:** ଏହି ଅଙ୍ଗୁଳିର ସମ୍ବନ୍ଧ ବୁଧ ଗ୍ରହ ସହିତ ଅଛି । ବୁଧ ଗ୍ରହ ବୁଦ୍ଧି, ବାଣୀ ଓ ପଢ଼ାର କାରକ । ଏହି ଅଙ୍ଗୁଳି ଶୁଭ ଗୁଣ ଯୁକ୍ତ ହୋଇଥିଲେ ପଢ଼ାଲେଖାରେ ମନୋନିବେଶ କରନ୍ତି । ଏଭଳି ଲୋକ ପ୍ରଫେସର, ସାହିତ୍ୟକାର ହୋଇଥାନ୍ତି । ବୁଦ୍ଧି ସହିତ ଜଡ଼ିତ କାମରେ ସଫଳତା ଲାଭ କରନ୍ତି ।

## ରୋଷେଇ ଜିନିଷ ବାରମ୍ବାର ପଡୁଥିଲେ...

**ରୋଷେଇ ଘରେ ଥିବା ଜିନିଷ ବାରମ୍ବାର ପଡ଼ିବା ବାସ୍ତୁ ଦୋଷ ଏବଂ ଗ୍ରହର ଦୁର୍ବଳ ସ୍ଥିତିର ସଙ୍କେତ ପ୍ରଦାନ କରିଥାଏ । ବାରମ୍ବାର ଏଭଳି ହେବାକୁ ଅଶୁଭ ବୋଲି କୁହାଯାଏ । ଏହାଦ୍ୱାରା ପରିବାରର ସମୃଦ୍ଧି ପ୍ରଭାବିତ ହୁଏ ।**

- ବାରମ୍ବାର ରୋଷେଇ ଘରେ ଲୁଣ ପଡ଼ିବା ଗ୍ରହର ସ୍ଥିତି ଦୁର୍ବଳକୁ ଇଙ୍ଗିତ କରେ । ଏହାର ପ୍ରଭାବ, ଧନ, ସୌଭାଗ୍ୟ, ପାରିବାରିକ ଶାନ୍ତି ଉପରେ ପଡ଼େ ।
- ସେହିପରି ବାରମ୍ବାର ସୋରିଷ ତେଲ ପଡ଼ିବା ଶନି ଗ୍ରହ ସହିତ ସମ୍ବନ୍ଧିତ ସମସ୍ୟାର ସଙ୍କେତ ଦିଏ । ଏହାର ପ୍ରଭାବ ମାନସମ୍ମାନ ଏବଂ ଧନ ଉପରେ ପଡ଼େ ।
- କ୍ଷୀର ଚନ୍ଦ୍ରର ପ୍ରତୀକ । ବାରମ୍ବାର କ୍ଷୀର ପଡ଼ିବା ଚନ୍ଦ୍ର ଦୁର୍ବଳ ସ୍ଥିତିରେ ଥିବା ସୂଚାଏ । ଏହାର ପ୍ରଭାବ ପରିବାରର ସୁଖ-ଶାନ୍ତି ଓ ସମୃଦ୍ଧି ଉପରେ ପଡ଼ିଥାଏ ।
- ରୁଟି, ଅନ୍ନ ଆଦି ଅନ୍ୟାନ୍ୟ ରନ୍ଧା ଖାଦ୍ୟ ବାରମ୍ବାର ତଳେ ପଡ଼ିବାକୁ ଗୁରୁତର ବାସ୍ତୁ ଦୋଷ ବୋଲି କୁହାଯାଏ । ଏହା ଦରିଦ୍ରତା ଏବଂ ଅନ୍ନପୂର୍ଣ୍ଣାଙ୍କ ପ୍ରତି ଅପମାନକୁ ଦର୍ଶାଏ ।



## ମନ୍ଦିରରୁ ଫେରି ଗୋଡ଼ ଧୋଇବା ମନା


**ମନ୍ଦିର କେବଳ ପୂଜା କରିବାର ସ୍ଥାନ ନୁହେଁ, ବରଂ ଏହା ଶାନ୍ତି ଓ ସକାରାତ୍ମକ ଶକ୍ତି ପ୍ରଦାନ କରେ । ସୁଖ ତଥା ଶାନ୍ତି ଜୀବନ ଲାଗି ଲୋକେ ମନ୍ଦିରରେ ପ୍ରାର୍ଥନା କରନ୍ତି । ହେଲେ ମନ୍ଦିରରୁ ଫେରି ତୁରନ୍ତ ପାଦ ଧୋଇବା କିମ୍ବା ଗାଧୋଇବା ଭଲ ନୁହେଁ ।**



ସାଧାରଣତଃ ମନ୍ଦିରରୁ ଫେରିବା ପରେ ଲୋକେ ଗୋଡ଼ ହାତ ଧୁଅନ୍ତି । ଏହା ଏକ ସାଧାରଣ ଅଭ୍ୟାସ । ତେବେ ଧାର୍ମିକ ଦୃଷ୍ଟିକୋଣରୁ ଏହା ଠିକ୍ ନୁହେଁ । ତେଣୁ ମନ୍ଦିରରୁ ତୁରନ୍ତ ଫେରିବା ପରେ ଗାଧୋଇବା ତଥା ଗୋଡ଼ ଧୋଇବା ଭଲ ନୁହେଁ । ଏହା ଦ୍ୱାରା ମନ୍ଦିରରୁ ମିଳିଥିବା ପବିତ୍ରତା ଏବଂ ସକାରାତ୍ମକ ଶକ୍ତି ହ୍ରାସ ପାଏ । କିଛି ସମୟ ସେହି ଶକ୍ତି ନିଜ ଭିତରେ ରଖିବା ପାଇଁ ଏଭଳି ନ କରିବାକୁ କୁହାଯାଇଛି । ମନ୍ଦିରରେ ପୂଜାପାଠର ପ୍ରଭାବ ସିଧା ଶରୀର ଓ ମନ ଉପରେ ପଡ଼ିଥାଏ । ମନ୍ଦିରରୁ ଯେଉଁ ଶକ୍ତି ମିଳେ, ତାହା କିଛି ସମୟ ପାଇଁ ଆମ ଆଖପାଖରେ ରହେ । ମନକୁ ଶାନ୍ତି ପ୍ରଦାନ କରେ । ତେବେ ମନ୍ଦିରରୁ ଫେରିବା ପରେ କିଛି ସମୟ ବସି ଠାକୁରଙ୍କ ଧ୍ୟାନ କରିବା ଉଚିତ । ଏହାଦ୍ୱାରା ମନ ଶାନ୍ତ ହୁଏ ଏବଂ ଦିନଟି ଭଲ ଭାବେ ବିତିଥାଏ । ଶାସ୍ତ୍ରରେ କୁହାଯାଇଛି ମନ୍ଦିରକୁ ଯିବା ପୂର୍ବରୁ ହାତ ଗୋଡ଼ ଧୋଇବା ଉଚିତ । ତେବେ ସେଠାରୁ ଫେରିବା ପରେ ଏଭଳି କରିବା ଅନୁଚିତ । ଅନ୍ୟପକ୍ଷରେ ମନ୍ଦିରରୁ ଫେରି ତୁରନ୍ତ ପାଣିର ବ୍ୟବହାର ନ କରିବା ଭଲ ।

## ଦକ୍ଷିଣ ଦିଗରେ ଲଗାନ୍ତୁ ହନୁମାନଙ୍କ ଫଟୋ

ହନୁମାନଙ୍କୁ ସଙ୍କଟମୋଚନ କୁହାଯାଏ । ତେବେ ବାସ୍ତୁ ଅନୁସାରେ ହନୁମାନଙ୍କ ଫଟୋ ଲଗାଇବା ଦ୍ୱାରା ସମସ୍ତ ପ୍ରକାର ସଙ୍କଟ ଓ ବାଧା ଦୂର ହୁଏ । ଏହାଦ୍ୱାରା ସବୁ ପ୍ରକାର ନକାରାତ୍ମକ ଶକ୍ତି ମଧ୍ୟ ଘରୁ ଦୂର ହୋଇଥାଏ । ତେବେ ବାସ୍ତୁ ଶାସ୍ତ୍ର ଅନୁସାରେ, ହନୁମାନଙ୍କ ଫଟୋ ଦକ୍ଷିଣ ଦିଗରେ ଲଗାଇବା ଉଚିତ । ଏହି ଦିଗରେ ହନୁମାନଙ୍କ ପ୍ରଭାବ ଅଧିକ ଥାଏ । ତେଣୁ ଏହି ଦିଗକୁ ଶୁଭ ବୋଲି ବିବେଚନା କରାଯାଏ ।



ଦକ୍ଷିଣ ଦିଗରେ ହନୁମାନଙ୍କ ଫଟୋ ଲଗାଇବା ଦ୍ୱାରା ସୁଖ ଓ ସମୃଦ୍ଧି ବୃଦ୍ଧି ପାଏ । ତା'ସହ ବାସ୍ତୁ ଦୋଷ ଦୂର ହୁଏ ଏବଂ ସମସ୍ତଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହେ । ସେହିପରି ମଙ୍ଗଳ ଦୋଷ ଦୂର ହୋଇ ଶୁଭ ପରିଣାମ ମିଳିଥାଏ । କେବଳ ସେତିକି ନୁହେଁ, ହନୁମାନଙ୍କ ଆଶୀର୍ବାଦ ଓ କୃପା ପ୍ରାପ୍ତି ହୁଏ । ଏହାବାଦ୍ ସମସ୍ତ କାର୍ଯ୍ୟରେ ସଫଳତା ପ୍ରାପ୍ତ ହୁଏ । ଅନ୍ୟପକ୍ଷରେ ହନୁମାନଙ୍କ ଫଟୋ ଶୋଇବା ଘର ଏବଂ ରୋଷେଇ ଘରେ ଲଗାଇବା ଅନୁଚିତ ।

### ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ସମୀର ଶ୍ରେଷ୍ଠ ଖେଳାଳି

## ଭାରତ ରନର୍ସଅପ୍‌ରେ ସନ୍ତୁଷ୍ଟ

**ଦୁବାଇ,୨୧।୧୨(ଏଜେନ୍ସି):** ଓପନର ମିଥୁନ ମାନହାସଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ଶେଷ ହୋଇଥିବା ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ସମୀର ୧୧୩ ବଲ୍‌ରେ ୧୭୨ ରନ୍ କରିବା ଫଳରେ ପାକିସ୍ତାନ ଏହି ଫାଇନାଲକୁ ୧୯୧ ରନ୍‌ରେ ଜିତି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏଠାରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୪୭ ରନ୍ କରିଥିଲା। ମିନ୍‌ହାସ ସର୍ବାଧିକ ୧୭୨ ରନ୍ କରିଥିଲେ। ଜବାବରେ ଭାରତ ୨୬.୨ ଓଭରରେ ମାତ୍ର ୧୯୧ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନଂ-୧୦ ବ୍ୟାଟର ଦୀପେଶ ଦେବେନ୍ଦ୍ରନ ସର୍ବାଧିକ ୩୬ ରନ୍ କରିଥିଲେ। ତାରକା ଖେଳାଳିଙ୍କ ମଧ୍ୟରେ ଓପନର ବୈଭବ ସୂର୍ଯ୍ୟବଂଶୀ ୧୦ବଲ୍‌ରେ ୨୬, ଅଧିନାୟକ ଆୟୁଷ ମାହାତ୍ରେ ୨, ଆରନ ଜର୍ଜ ୧୬, ବିହାନ ମାଲହୋତ୍ରା ୭ ବେଦାନ୍ତ ତ୍ରିବେଦୀ ୯ ଓ ଅଭିଜ୍ଞାନ କୁଣ୍ଡୁ ୧୩ ରନ୍ କରିଥିଲେ। ମାହାତ୍ରେଙ୍କ ସହ ଉଚ୍ଚବାଚ କରିଥିବା ଅଲି ରାଜା ସର୍ବାଧିକ ୪ଟି, ମହମ୍ମଦ୍ ସାୟମ, ଅବଦୁଲ ଶୁଭମ ୨ଟି ୱିକେଟ ନେଇଥିଲେ।

## ୧ ମିଲିୟନ ଜିତିବାରେ ୟଙ୍ଗ୍ ପ୍ରଥମ ସଟଲର୍

**ହାଙ୍ଗଝୋଉ, ୨୧।୧୨ (ଏଜେନ୍ସି):** ଦକ୍ଷିଣ କୋରିଆର ଆନ୍ ସି-ୟଙ୍ଗ ଚାଇନାରେ ଅନୁଷ୍ଠିତ ସମ୍ମାନଜନକ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ୟଙ୍ଗ୍ ୨୧-୧୩, ୧୮-୨୧, ୨୧-୧୦ ଗେମରେ ଘରୋଇ ଚାଇନାର ୱାଙ୍ଗ୍ ଝି ୟିଁଙ୍କୁ ହରାଇଥିଲେ। ଏଥିସହ ବିଶ୍ୱର ଏକ ନମ୍ବର ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ୟଙ୍ଗ୍‌ଙ୍କ ସିଜନର ଏହା ୧୧ତମ ଟାଇଟଲ୍ ଥିଲା। ସେହିଭଳି ୨୦୨୫ରେ ୟଙ୍ଗ ଜିତିଥିବା ୧୧ଟି ଟାଇଟଲ୍‌ରେ ମୋଟ୍ ୧ ମିଲିୟନ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୮ କୋଟି ୯୫ ଲକ୍ଷ) ପୁରସ୍କାର ରାଶି ଜିତିସାରିଛନ୍ତି। ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଗୋଟିଏ ସିଜନରେ ୧ ମିଲିୟନ ପୁରସ୍କାର ଜିତିବାରେ ୟଙ୍ଗ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି।

### ଜେମିମା ରୋଡ୍ରିଗ୍ରେଜ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ

# ପ୍ରଥମ ଟି-୨୦ରେ ଭାରତର ବିଜୟ

ବିଶାଖାପାଟଣା,୨୧।୧୨(ଏଜେନ୍ସି)

ଜେମିମା ରୋଡ୍ରିଗ୍ରେଜ୍‌ଙ୍କ ଅର୍ଦ୍ଧଶତକ ଓ ବୋଲରଙ୍କ ନିୟନ୍ତ୍ରିତ ପ୍ରଦର୍ଶନ ବଳରେ ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ମହିଳା ଟି-୨୦ ମୁକାବିଲାରେ ଭାରତ ୮ ୱିକେଟରେ ଭ୍ରମଣକାରୀ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏହିଠାରେ ଆସନ୍ତା ୨୩ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୨୧ ରନ୍ କରିଥିଲା। ଜବାବରେ ଜେମିମାଙ୍କ ଅପରାଜିତ ୬୯ ରନ୍ ସହାୟତାରେ ଭାରତ ୧୪.୪ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଜେମିମାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ଓପନର ସ୍ମୃତି ମନ୍ଧାନା (୪୦୦୭) ପ୍ରଥମ ଭାରତୀୟ ଓ ସମସ୍ତ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ନ୍ୟୁଜିଲାଣ୍ଡର ସୁଜି ବେଟ୍ସ (୪୭୧୬) ପରେ ବିଶ୍ୱରେ ଦ୍ୱିତୀୟ ଖେଳାଳିଭାବେ ୪,୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଛନ୍ତି।

ଏହି ମ୍ୟାଚ୍‌ରେ ଭାରତ ଆଗରେ ଭ୍ରମଣକାରୀ ଶ୍ରୀଲଙ୍କା ୧୨୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ୧୩ ରନ୍‌ରେ ଶେଫାଳି ବର୍ମା (୯) ଓ ୯ମ ଓଭରରେ ସ୍ମୃତି ମନ୍ଧାନା (୨୫)ଙ୍କ ୱିକେଟ ହରାଇଥିଲା।




ଏହା ପରେ ଜେମିମାଙ୍କ ସହ ମିଶି ହରମନପ୍ରୀତ୍ କୌର ଆଉ କୌଣସି କ୍ଷତି ନ ଘଟାଇ ଦଳକୁ ବିଜୟୀ କରାଇଥିଲେ। ଜେମିମା ଦ୍ୱିତୀୟ ୱିକେଟ ଭାଗୀଦାରିରେ ମନ୍ଧାନାଙ୍କ ସହ ୪୧ବଲ୍‌ରୁ ୫୪ ଓ ତୃତୀୟ ୱିକେଟରେ ହରମନପ୍ରୀତ୍‌ଙ୍କ ସହ ୩୯ ବଲ୍‌ରୁ ୫୫ ରନ୍ ଉଠାଇଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ଜେମିମା ୪୪ବଲ୍ ଖେଳି ୧୦ ଚୌକା ସହ ୬୯ ଓ ହରମନପ୍ରୀତ୍ ୧୬ ବଲ୍‌ରୁ ୧୫ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଏଠାରେ ଭାରତୀୟ ଅଧିନାୟିକା ହରମନପ୍ରୀତ କୌର ଟସ୍ ଜିତିବା ପରେ ଭ୍ରମଣକାରୀ ଶ୍ରୀଲଙ୍କାକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ଭାରତୀୟ ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଆଗରେ ଶ୍ରୀଲଙ୍କାର କୌଣସି ବ୍ୟାଟର ହାତଖୋଲା ସଟ୍ ଖେଳିବାକୁ ସମର୍ଥ ହୋଇ ନ ଥିଲେ। କେବଳ ଓପନର ଭିଷ୍ମି ଗୁଣରତ୍ନେ ଦୃଢ଼ତାର ସହ ବ୍ୟାଟିଂ କରି ୪୩ବଲ୍‌ରୁ ସର୍ବାଧିକ ୩୯ ରନ୍ କରିଥିଲେ। ସେ ଦ୍ୱିତୀୟ ୱିକେଟ ଭାଗୀଦାରିରେ ହାସିନୀ ପରେରାଙ୍କ ସହ ୩୮ ବଲ୍‌ରୁ ୩୧ ଓ ତୃତୀୟ ୱିକେଟରେ ହର୍ଷିତା ମାଦଭୀଙ୍କ ସହ ୩୬ ବଲ୍‌ରୁ ୩୮ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ।

**୪୦୦୦ ରନ୍ ପୂରଣରେ ମନ୍ଧାନା ପ୍ରଥମ ଭାରତୀୟ**

ଭାରତ ପକ୍ଷରୁ ଦୁଇ ସ୍ପିନର ଦୀପ୍ତି ଶର୍ମା ଓ ଡେବ୍ୟୁଟାଣ୍ଟ ବାମହାତୀ ସ୍ପିନର ବୈଷ୍ଣବୀ ଶର୍ମା କଞ୍ଜୁସ ବୋଲିଂ କରିଥିଲେ। ଦୀପ୍ତି ତାଙ୍କ ୪ ଓଭର ସ୍ପେଲ୍‌ରେ ୨୦ ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲାବେଳେ ବୈଷ୍ଣବୀ ୧୬ରନ୍ ଦେଇଥିଲେ ମଧ୍ୟ କୌଣସି ୱିକେଟ ପାଇ ନ ଥିଲେ। ଫାଷ୍ଟ ବୋଲର କ୍ରାନ୍ତି ଗୌଡ଼ ଓ ଶ୍ରୀ ଚରଣିଙ୍କୁ ଆଉ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଭାରତୀୟ ଫିଲ୍ଡରମାନେ ୪ଟି କ୍ୟାଚ୍ ଡ୍ରପ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ୩ଜଣ ବ୍ୟାଟର ଭିଷ୍ମି, ନିଲାକ୍ଷୀ ଡି ସିଲ୍‌ଭା (୮) ଓ କାଭିସା ଦିଲହାରୀ (୬) ରନ୍‌ଆଉଟ ହୋଇଥିଲେ।

### ଆସେସ୍ ସିରିଜ; ଇଂଲଣ୍ଡର ହ୍ୟାଟ୍ରିକ୍ ପରାଜୟ

# ଅଷ୍ଟ୍ରେଲିଆ ୩-୦ରେ ଅଗ୍ରଣୀ

**ଆଡିଲେଡ୍, ୨୧।୧୨ (ଏଜେନ୍ସି):** ଆଡିଲେଡ୍ ଓଭାଲରେ ଅନୁଷ୍ଠିତ ଚଳିତ ଆସେସ୍ ସିରିଜର ତୃତୀୟ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ୮୨ ରନରେ ବିଜୟୀ ହୋଇଛି। ୪୩୫ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଇଂଲଣ୍ଡ ରବିବାର ଅନ୍ତିମ ତଥା ୫ମ ଦିବସରେ ୩୫୨ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇ ପରାଜୟବରଣ କରିଥିଲା। ଓପନର୍ ଜ୍ୟାକ୍ କ୍ରାଲୀ ଓ ଜେମି ସ୍ମିଥ୍ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ପ୍ରଥମ ପାଳିରେ ଶତକ ଓ ଦ୍ୱିତୀୟ ପାଳିରେ ଅର୍ଦ୍ଧଶତକ ହାସଲ କରିଥିବା ଆଲେକ୍ସ କାରୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୂର୍ବରୁ ପ୍ରଥମ ଦୁଇଟି ଟେଷ୍ଟକୁ ୮ ୱିକେଟ୍‌ରେ ଜିତିଥିବା ଅଷ୍ଟ୍ରେଲିଆ ଦଳ ଏଥିସହ ୩-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ୪ର୍ଥ ମୁକାବିଲା



ଡିସେମ୍ବର ୨୬ରୁ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଆରମ୍ଭ ହେବ।

୪୩୫ ରନର ଟାର୍ଗେଟ୍‌କୁ ପିଛା କରିଥିବା ବେନ୍ ଷ୍ଟୋକ୍ସଙ୍କ ଇଂଲଣ୍ଡ ଦଳ ଶନିବାର ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ୬ ୱିକେଟ୍‌ରେ ୨୦୭ ରନ କରିଥିଲା। ରବିବାର ଏହି ଅସମାପ୍ତ ସ୍କୋରରୁ ଦ୍ୱିତୀୟ ପାଳି ଆରମ୍ଭ କରି ଇଂଲଣ୍ଡ ନିମ୍ନକ୍ରମରେ ଲଢ଼େଇ କରିଥିଲେ ମଧ୍ୟ ହାର ମାନିଥିଲା। ନିମ୍ନକ୍ରମରେ ୱିକେଟକିପର ସ୍ମିଥ ୬୦, ୱିଲ୍ ଜ୍ୟାକ୍ସ ୪୭ ଓ ବ୍ରାଇଡନ କ୍ରାସ ଅପରାଜିତ ୩୯ ରନ କରିଥିଲେ କିଛିଟା ଲଢ଼େଇ କରିଥିଲେ। ବିଜୟୀ ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ ପ୍ୟାଟ୍ କମିନ୍ସ, ମିଚେଲ ଷ୍ଟାର୍କ ଓ ନାଥନ ଲାୟନ ୩ଟି ଲେଖାଏ ୱିକେଟ୍ ନେଇଥିଲେ।

**ଘରୋଇ ମାଟିରେ ଅପରାଜେୟ**

ଏଠାରେ ୩-୦ରେ ଆଗୁଆ ସିରିଜ ବିଜୟ ହେବା ସହ ଅଷ୍ଟ୍ରେଲିଆ ଦଳ ଏହାର ଅପରାଜେୟଧାରାକୁ ୧୨ ବର୍ଷ ହେବ ବଜାୟ ରଖିବାରେ ସଫଳ ହୋଇଛି। ଘରୋଇ ପରିବେଶରେ ଖେଳିଥିବା ଶେଷ ୪ଟି ଆସେସ୍ ସିରିଜରେ ଅଷ୍ଟ୍ରେଲିଆ ଯଥାକ୍ରମେ ୫-୦ (୨୦୧୩-୧୪), ୪-୦ (୨୦୧୭-୧୮), ୪-୦ (୨୦୨୧-୨୨) ଏବଂ ୩-୦ରେ ଅଗ୍ରଣୀ (ଚଳିତ ସିରିଜ)ରେ ଟ୍ରଫି ବଜାୟ ରଖିଛି।

**କାରୀଙ୍କ କୀର୍ତ୍ତିମାନ**

ଅଷ୍ଟ୍ରେଲିଆ ୱିକେଟକିପର ଆଲେକ୍ସ କାରୀ ଏହି ୩ୟ ଟେଷ୍ଟରେ ଉଭୟ ପାଳିରେ ଯଥାକ୍ରମେ ୧୦୬ ଓ ୭୨ ରନ କରିଥିଲେ। ସେହିଭଳି ୱିକେଟ୍ ପଛରେ ସେ ୭ଟି ଡିସ୍‌ମିସାଲ ମଧ୍ୟ କରି ମ୍ୟାଚର ଶ୍ରେଷ୍ଠ ପୁରସ୍କାର ହାତେଇ ନେଇଥିଲେ। ଆସେସ ସିରିଜର କୌଣସି ଏକ ଟେଷ୍ଟରେ ଜଣେ ୱିକେଟ୍‌କିପର ମ୍ୟାଚର ଶ୍ରେଷ୍ଠ ଖେଳାଳି ହେବାରେ ଏହା ୩ୟ ଘଟଣା। ଏଥିପୂର୍ବରୁ ୧୯୯୭ରେ ଇଆନ ହେଲୀ ଓ ୨୦୦୧ରେ ଆଦାମ ଗିଲକ୍ରିଷ୍ଟ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ଟାର୍ଗେଟ୍ ୪୬୨; ୱେଷ୍ଟଇଣ୍ଡିଜ ୪୩/୦

**ମାଉଣ୍ଟ ମାଉଙ୍ଗନୁଇ, ୨୧।୧୨ (ଏଜେନ୍ସି):** ଘରୋଇ ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚାଲିଥିବା ଅନ୍ତିମ ତଥା ୩ୟ ଟେଷ୍ଟ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୪୬୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ରବିବାର ୪ର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ପାଳିରେ ୧୬ ଓଭରରେ କୌଣସି ୱିକେଟ୍ ନ ହରାଇ ୪୩ ରନ ସଂଗ୍ରହ କରିଛି। ସୋମବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସ। ୱେଷ୍ଟଇଣ୍ଡିଜକୁ ବିଜୟ ଲାଗି ୯୦ ଓଭରରେ ୪୧୯ ରନର ଏକ କଷ୍ଟସାଧ୍ୟ ଲକ୍ଷ୍ୟ ରହିଛି। ସିରିଜରେ ୧-୦ରେ ପଛୁଆ ରହିଥିବା ୱେଷ୍ଟଇଣ୍ଡିଜ ଯଦି ଏଠାରେ ବିଜୟୀ ହୁଏ ତେବେ ଡ୍ର ରହିବ। ପୂର୍ବରୁ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଡ୍ର ରହିଥିବାବେଳେ ନ୍ୟୁଜିଲାଣ୍ଡ ୨ୟ ଟେଷ୍ଟକୁ ୯ ୱିକେଟ୍‌ରେ ବିଜୟୀ ହୋଇଥିଲା।

**ଇତିହାସରେ ୧୦ମ ଖେଳାଳି**

ନ୍ୟୁଜିଲାଣ୍ଡର ଓପନର୍ ଡେଭନ କନ୍‌ୱେ ଦମ୍‌ଦାର ବ୍ୟାଟିଂ କରି ନିଜ ନାମକୁ ରେକର୍ଡ ବୁକ୍‌ରେ ଲିପିବଦ୍ଧ କରିଛନ୍ତି। ପ୍ରଥମ ପାଳିରେ ୨୨୭ ରନ କରିଥିବା କନୱେ ଦ୍ୱିତୀୟ ପାଳିରେ ମଧ୍ୟ ଶତକ ମାରିଛନ୍ତି। ଫଳରେ ଟେଷ୍ଟ ଇତିହାସର ୧୦ମ ଖେଳାଳି ଭାବେ କନୱେ ଗୋଟିଏ ମ୍ୟାଚରେ ଦ୍ୱିଶତକ ଓ ଶତକୀୟ ପାଳି ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ଟମ୍ ଲଥାମ ମଧ୍ୟ ଏହି ମ୍ୟାଚର ଉଭୟ ପାଳି (୧୩୭ ଓ ୧୦୧ ରନ)ରେ ଶତକ ହାସଲ କରିଛନ୍ତି। ଉଭୟ ପାଳିରେ ଶତକ ହାସଲ କରିବାରେ ଲାଥମ ୬ଷ୍ଠ ନ୍ୟୁଜିଲାଣ୍ଡ ଖେଳାଳି ହୋଇଛନ୍ତି।

## ଗଣ୍ଡରପୁର କପ୍ ଜିତିଲା ମା’ ମଙ୍ଗଳା

**ଭୁବନେଶ୍ୱର, ୨୧।୧୨ (ସମିସ):** ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୨୩ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଉତ୍ତର ଭୁବନେଶ୍ୱରର ଗଣ୍ଡପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ରବିବାର ୩ଟି ବିଭାଗରେ ଫାଇନାଲ ଖେଳାଯାଇଥିଲା। ସହରାଞ୍ଚଳ ବିଭାଗର ଫାଇନାଲରେ ଢେଙ୍କାନାଳର ମା’ ମଙ୍ଗଳା ଦଳ ୨-୦ ଗୋଲରେ ଜଗା ୟୁନାଇଟେଡ୍ (ଭୁବନେଶ୍ୱର)କୁ ପରାସ୍ତ କରି ଟ୍ରଫି ଜିତିଥିଲା। ଚାମ୍ପିଅନ ଦଳ ମା ମଙ୍ଗଳାକୁ ଟ୍ରଫି ସହ ୭୫ ହଜାର ଟଙ୍କା ଓ ରନର୍ସଅପ୍ ଜଗା ୟୁନାଇଟେଡକୁ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଗ୍ରାମାଞ୍ଚଳ-ଏ ବିଭାଗରେ ମା ମଙ୍ଗଳା (ଗୋଠପୁର) ଟ୍ରାଇବ୍ରେକରରେ ୫-୪ ଗୋଲରେ ପ୍ରତାପ କ୍ଲବ (ପ୍ରତାପନଗରୀ)କୁ ହରାଇ ଚାମ୍ପିଅନ ହେବା ସହ ୧ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲା। ରନର୍ସଅପ୍ ପ୍ରତାପ କ୍ଲବ ୭୫ ହଜାର ଟଙ୍କା ହାସଲ କରିଥିଲା। ଅପରପକ୍ଷରେ ଗ୍ରାମାଞ୍ଚଳ-ବି ବିଭାଗରେ କୃଷକ ବନ୍ଧୁ କ୍ଲବ ଟାଇଟଲ୍ ହାସଲ କରିଛି। ଫାଇନାଲରେ କୃଷକ ବନ୍ଧୁ ଦଳ ୧-୦ ଗୋଲରେ ବାରଙ୍ଗ ବାୟାର ଦଳକୁ ପରାସ୍ତ କରିଥିଲା। ଏହି ବିଭାଗରେ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୪୦ ହଜାର ଓ ୩୦ ହଜାର ଟଙ୍କା ଦିଆଯାଇଥିଲା।



ସେହିଭଳି ସହରାଞ୍ଚଳ ବିଭାଗ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଦିଲ୍ଲୀପ ଦେହୁରୀ ଏବଂ ଗ୍ରାମାଞ୍ଚଳ-ଏ ବିଭାଗର ଅଜିତ ରାଉତ ପୁରସ୍କାର ବାବଦକୁ ‘ପଲସର୍’ ଗାଡ଼ି ପାଇଥିଲେ। ଗ୍ରାମାଞ୍ଚଳ-ବି ବିଭାଗର ଶ୍ରେଷ୍ଠ ଖେଳାଳି ରାଜାଙ୍କୁ ଏକ ଇଲେକ୍ଟ୍ରି ବାଇକ ଦିଆଯାଇଥିଲା।

ଫାଇନାଲରେ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଲକ ପ୍ରସାଦ ମହାପାତ୍ର, ସୁବାସ ଚନ୍ଦ୍ର ପାତ୍ର, ଦୂତୀ ଚାନ୍ଦ, ପ୍ରତାପ ଚନ୍ଦ୍ର ରାଉତ, ଅନୁପ ଖୁଣ୍ଟିଆ ଓ ପିଙ୍କି ସ୍ୱାଇଁ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

## ମେସିଙ୍କ ଲାଗି ୧୦୦ କୋଟି

**କୋଲକାତା,୨୧।୧୨(ଏଜେନ୍ସି):** କିଂବଦନ୍ତୀ ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ଭାରତ ଗସ୍ତ ଲାଗି ୧୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ମଧ୍ୟରୁ ମେସି ୮୯ କୋଟି ଟଙ୍କା ନେଇଛନ୍ତି ଓ ଭାରତ ସରକାର ଟିକସ ଆକାରରେ ୧୧ କୋଟି ଟଙ୍କା କାଟି ରଖିଛନ୍ତି। ଏହି ଅର୍ଥର ୩୦ ପ୍ରତିଶତ ପ୍ରାୟୋଜକ, ୩୦ ପ୍ରତିଶତ ଟିକଟରୁ ମିଳିଥିଲା ବୋଲି ତଦନ୍ତକାରୀ ସଂସ୍ଥାକୁ ମୁଖ୍ୟ ଆୟୋଜକ ଶତଦ୍ରୁ ଦତ୍ତ ଜଣାଇଛନ୍ତି। ଦତ୍ତଙ୍କ ଆକାଉଣ୍ଟରୁ ୨୦ କୋଟି ଟଙ୍କା ମେସିଙ୍କୁ ଦିଆଯାଇଛି। ଏହି ଅର୍ଥ କେଉଁଠୁ ଆସିଲା ତାହାର ତଦନ୍ତ କରାଯାଉଛି।

## ନୀଳାବ୍‌ଜାଙ୍କୁ ଦ୍ୱିତୀୟ ପଦକ

**ଭୁବନେଶ୍ୱର,୨୧।୧୨(ସମିସ):** ଚେନ୍ନଇର ଏସ୍‌ଆର୍‌ଏମ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଚାଲିଥିବା ଆନ୍ତଃବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଆଜି ସନ୍ତରଣରେ କିଟ୍ ଡିମ୍‌ଡ ୟୁନିଭର୍ସିଟିକୁ ଗୋଟିଏ ପଦକ ମିଳିଥିଲାବେଳେ ଭଲିବଲ୍‌ର ଉଭୟ ପୁରୁଷ ଓ ମହିଳା ଦଳ ପ୍ରଥମ ୨ଟି ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତକାଲି ୫୦ ମିଟର ବଟରଫ୍ଲାଏରେ ନୀଳାବ୍‌ଜା ଘୋଷ କାଂସ୍ୟ ଜିତିବା ପରେ ଆଜି ରବିବାର ଅନୁଷ୍ଠିତ ୫୦ ମିଟର ଫ୍ରିଷ୍ଟାଇଲରେ ତୃତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ କାଂସ୍ୟ ପଦକ ଜିତିଛନ୍ତି। ୨୦୦ ମିଟର ବଟରଫ୍ଲାଏରେ ଦିବ୍ୟାଙ୍କା ପ୍ରଧାନ ୬ଷ୍ଠ ଓ ମିକ୍ସଡ ୪ ଗୁଣା ୧୦୦ ମିଟର ରିଲେ ଟିମ୍‌କୁ ଚତୁର୍ଥ ସ୍ଥାନ ମିଳିଛି।

### ଅରାତି ବିଜୟ ମହାନ୍ତି ସ୍ମାରକୀ ଓପନ୍ ଶିଶୁ ଚେସ୍

## ଆଦୀଶା, ଦିବ୍ୟା, ଆଦିତ୍ୟ, ପ୍ରାଂଶୁ ଚାମ୍ପିଅନ



**ଭୁବନେଶ୍ୱର,୨୧।୧୨(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ଓ ପ୍ରୟାସ ଚେସ୍ ଏକାଡେମୀର ମିଳିତ ସହଯୋଗରେ ଚତୁର୍ଥ ଅରାତି ବିଜୟ ମହାନ୍ତି ଓପନ ଶିଶୁ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୪ଟି ବିଭାଗରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏହା ମଧ୍ୟରୁ ୮ ବର୍ଷରୁ କମ୍ ବିଭାଗରେ ପୋଖରୀପୁଟ ଡିଏଭି ସ୍କୁଲ୍‌ର ଆଦୀଶା କାନୁନଗୋ ଚାମ୍ପିଅନ, ଲୟଲା ସ୍କୁଲ୍‌ର ଦେବାଂଶୀ ସାହୁ ରନର୍ସଅପ୍, ୧୦ ବର୍ଷରୁ କମ୍ ବିଭାଗରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଦିବ୍ୟା ଦୃଷ୍ଟି ଶତପଥୀ ଚାମ୍ପିଅନ, ସେଣ୍ଟ ଆର୍ଣ୍ଣୋଲ୍ଡ ସ୍କୁଲ୍‌ର ଅନୀଶା ଆଚାର୍ଯ୍ୟ ରନର୍ସ ଅପ୍, ୧୨ ବର୍ଷରୁ କମ୍ ବିଭାଗରେ କଳିଙ୍ଗନଗର ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆଦିତ୍ୟ ଜେନା ଚାମ୍ପିଅନ୍ ଓ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ରନର୍ସ ଅପ୍, ୧୪ ବର୍ଷରୁ କମ୍ ବିଭାଗରେ ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ଚାମ୍ପିଅନ ଓ କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲ୍‌ର ସୂର୍ଯ୍ୟାଂଶ ସାହୁ ରନର୍ସ ଅପ୍ ହୋଇଥିଲେ।

ଖେଳ ଶେଷରେ ଆସ୍ୱାୟାର ହସ୍ପିଟାଲର ସିନିଅର ଅଙ୍କୋଲୋଜିଷ୍ଟ ଡାକ୍ତର ଅମିତାଭ ଜେନା ମୁଖ୍ୟ ଅତିଥି, ସିନିଅର ପାଇେଥାଲୋଜିଷ୍ଟ ଡାକ୍ତର ରଶ୍ମି ପଟ୍ଟନାୟକ ଓ ଓଡ଼ିଶା ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାକୁ ପ୍ରୟାସ ଚେସ୍ ଏକାଡେମୀର ନିର୍ଦ୍ଦେଶକ ସୃଜନ ପ୍ରଣୟୀ ରାୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

### ସଦାଶିବ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଉଦ୍‌ଯାପିତ

# ସାଇ ଇଲେଭେନ୍ ଚାମ୍ପିଅନ, ତମାଣ୍ଡୋ ରନର୍ସଅପ୍

ଭୁବନେଶ୍ୱର,୨୧।୧୨(ସମିସ)

ଭୁବନେଶ୍ୱରର ସାଇ ଇଲେଭେନ୍ ୧୬ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଭାପୁର ବ୍ଲକ୍ ଅନ୍ତର୍ଗତ ନାଳିସାଗର ଖେଳପଡ଼ିଆରେ ରବିବାର ଅନୁଷ୍ଠିତ ଫାଇନାଲ ଖେଳରେ ସାଇ ଇଲେଭେନ୍ ୧୧୫ ରନ୍‌ରେ ତମାଣ୍ଡୋ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଚଳିତବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫତେଗଡ଼୍ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ସାଇ ଇଲେଭେନ୍ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୫୩ ରନ୍ କରିଥିଲା। ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ୍ ୧୪.୩ ଓଭରରେ ୧୩୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ବ୍ୟାଟର




ଆଦିତ୍ୟ ରାଉତ ୬୦ବଲ୍‌ରେ ୧୪ ଚୌକା ଓ ୯ ଛକା ସହ ୧୧୫ ରନ୍ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସେ ମଧ୍ୟ କ୍ରମାଗତ ଶତକ ହାସଲ କରି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାତେଇଥିଲେ। ଦଳର ଫାଷ୍ଟ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ୫ଟି ୱିକେଟ ନେଇ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ।

ଖେଳ ଶେଷରେ ମଧ୍ୟପ୍ରଦେଶ ରାଜ୍ୟସଭା ସାଂସଦ ତଥା ଉଜ୍ଜୟିନୀ ପୀଠାଧୀଶ ବାଲଯୋଗୀ ଉମେଶନାଥ ମହାରାଜ, ପୂର୍ବତନ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ପ୍ରଦୀପ ସାହୁ, ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ବିଶିଷ୍ଟ କ୍ରିକେଟ କୋଚ୍ କିଶୋର ମାଣିଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବାବଦରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୧.୫ ଲକ୍ଷ ଓ ରନର୍ସଅପ୍ ତମାଣ୍ଡୋ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଓସିଏ ଅମ୍ପାୟାର ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ। ବୁବୁ ସିହ୍ନା, ସରୋଜ ମହାପାତ୍ର ଓ ଜନ୍ମେଜୟ ଦଳାଇ ଧାରାବିବରଣୀ ପ୍ରଦାନ କରିଥିଲେ।

### ମୁକ୍ତେଶ୍ୱର କପ୍

## ଗ୍ରୀନ୍ସ ଏକାଡେମୀ, ଆଇଆଇସି ବିଜୟୀ

**ଭୁବନେଶ୍ୱର, ୨୧।୧୨ (ସମିସ):** ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ମୁକ୍ତେଶ୍ୱର କପ୍‌ରେ ରବିବାର ଦୁଇଟି କ୍ୱାଲିଫାୟର ମ୍ୟାଚ୍ ଖେଳାଯାଇଛି। ଏଥିରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ଓ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ୍ (ଆଇଆଇସି) ବିଜୟୀ ହୋଇଛି। ଦିବସର ପ୍ରଥମ ମ୍ୟାଚରେ ଆଇଆଇସି ଦଳ ୧୫ ରନରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ସଂଘକୁ ପରାସ୍ତ କରିଥିଲା। ସେହିଭଳି ଦ୍ୱିତୀୟ ମୁକାବିଲାରେ ଗ୍ରୀନ୍ସ କ୍ରିକେଟ୍ ଏକାଡେମୀ ୮ ୱିକେଟ୍‌ରେ ବିଶ୍ୱଭାରତୀ କ୍ରିକେଟ୍ କ୍ଲବକୁ ପରାସ୍ତ କରିଛି । ଆଇଆଇସିର ରାଜବୀର ସାମନ୍ତରାୟ (୩ ୱିକେଟ୍) ଓ ଓମ୍ ସାହୁ (୩ ୱିକେଟ୍) ଶ୍ରେଷ୍ଠ ଖେଳାଳି ହୋଇଥିଲେ ।.

ନନ୍ଦିଘୋଷ
‘ନନ୍ଦିଘୋଷ ଟିଭି’
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି । ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS